# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 27/2026 Page 14 | ₹ 7.00

୫୨ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 95 | ମୂଲ୍ୟ ₹୭/-




## ମୟଙ୍କ ଅଗ୍ରୱାଲଙ୍କ ଶତକ

ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚରେ ଶତକ ହାସଲ କରି ଅପରାଜିତ ଅଛନ୍ତି କର୍ଣ୍ଣାଟକ ବ୍ୟାଟର ମୟଙ୍କ ଅଗ୍ରୱାଲ।

୧୪

୦୨

## ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

୨,୨୨୦ କୋଟି ଟଙ୍କା ବ୍ୟାଙ୍କ ଦୁର୍ନୀତି ଅଭିଯୋଗରେ ସିବିଆଇ ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ ବିରୋଧରେ ସାନି ମାମଲା ରୁଜୁ କରିଛି।



## ଭାରତର ବୃହତ୍ ବିଜୟ



ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଗୁରୁବାର ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ରନ୍ ସଂଗ୍ରହ ଅବସରରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା। **(ରିପୋର୍ଟ ଖେଳ ପୃଷ୍ଠାରେ)**

# 'ନ୍ୟାୟପାଳିକାରେ ଦୁର୍ନୀତି' ହଟାଇଲେ ସୁପ୍ରିମକୋର୍ଟ

## ମୋଦି କ୍ଷୁବ୍ଧ: ଉତ୍ତରଦାୟିତ୍ୱ ନିଶ୍ଚିତ କରିବାକୁ କହିଲେ

**ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟ ଛାପି ହଟହଟା ହୋଇଥିବା ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ଗୁରୁବାର ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏନ୍‌ସିଇଆର୍‌ଟିକୁ ଏହି ପ୍ରସଙ୍ଗରେ ଭର୍ତ୍ସନା କରି କହିଛନ୍ତି, ନ୍ୟାୟପାଳିକାର ମର୍ଯ୍ୟାଦା ହାନି ଓ ସାମ୍ବିଧାନିକ ସଂସ୍ଥାର ବଦ୍‌ନାମ ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ସେମାନେ ଗୁଳିମାଡ଼ କରିଛନ୍ତି, ଏଥିରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ଏଥିସହ ବିବାଦୀୟ ଅଧ୍ୟାୟ ସନ୍ନିବେଶିତ ସମ୍ପୂର୍ଣ୍ଣ ପୁସ୍ତକର ପ୍ରକାଶନ, ପୁନଃ ମୁଦ୍ରଣ କିମ୍ବା ଡିଜିଟାଲ ପ୍ରସାରଣକୁ ଖଣ୍ଡପୀଠ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏନ୍‌ସିଇଆର୍‌ଟି ପୁସ୍ତକରେ ବିବାଦୀୟ ବିଷୟବସ୍ତୁକୁ ସ୍ଥାନିତ କରାଯିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରରୋଚିତ ବଦମାସି କହି ସମାଲୋଚନା କରିଥିବାବେଳେ ଇସ୍ରାଏଲ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସବୁ କଥା କିଏ ବୁଝୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାୟପାଳିକାକୁ ଅସମ୍ମାନ କରାଯିବା ନେଇ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି।**

### ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସମ୍ପୂର୍ଣ୍ଣ ନିଷିଦ୍ଧ

ନୂଆଦିଲ୍ଲୀ,୨୬।୨(ପି.ଟି./ଲାଇଭ୍ ଲ)

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସୋମବାର ପ୍ରକାଶ ପାଇବା ମାତ୍ରେ ସେଥିରେ ଥିବା ଏକ ବିଷୟକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଅଧ୍ୟାୟର ନାମ ରଖାଯାଇଥିଲା 'କରପ୍‌ଶନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଦୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଆହ୍ୱାନ ଦେଇ ନ୍ୟାୟପାଳିକା ଗତି କରୁଥିବାରୁ ଭାରତର ସୁପ୍ରିମକୋର୍ଟ ଓ ରାଜ୍ୟଗୁଡ଼ିକର ହାଇକୋର୍ଟରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଥିଲା, ଯାହାକୁ ବିରୋଧୀ ଓ ବୁଦ୍ଧିଜୀବୀ ହଜମ କରିପାରି ନ ଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଏଥିଯୋଗୁ ନ୍ୟାୟପାଳିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ଦର୍ଶାଇ ଏହା ଉପରେ ଜରୁରୀ ଶୁଣାଣି କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସଂଜ୍ଞାନକୁ ନେଇ ବୁଧବାର ନିଜ ଆଡୁ ଶୁଣାଣି କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ଥିବା କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ ଜୟମାଳା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ତଥା ସିଜେଆଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଗୁରୁବାର ଏହା ଉପରେ ଶୁଣାଣି କରି ବିବାଦୀୟ ପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। ଫଳରେ କେତେକ ପ୍ରସଙ୍ଗରେ କିଛିବର୍ଷ ଧରି ନ୍ୟାୟପାଳିକା ସହ ମୁହାଁମୁହିଁ ଅବସ୍ଥାରେ ଥିବା କେନ୍ଦ୍ର ସରକାରଙ୍କୁ ଝଟକା ଲାଗିଛି। ☞ପୃଷ୍ଠା-୪

## ଆଜିଠାରୁ କମନ୍ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ଦେବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏପ୍ରିଲ ୨୭ରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ ହେବା ସହ ପରୀକ୍ଷା ଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଧାନ ବିକ୍ରି ଯନ୍ତ୍ରଣା: ଆଖିବୁଜିଲେ ଚାଷୀ

### ଜାନୁଆରୀ ୧୬ରେ ଆସିଥିଲା ଟୋକନ, ଫେବୃଆରୀ ୨୫ରେ ଦେଲେ ଧାନ



ମୃତ ତ୍ରିଲୋଚନ ନାୟକ

କେନ୍ଦ୍ରାପଡ଼ା/ରାଜନଗର,୨୬।୨ (ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯାତନା ସହି ନ ପାରି ଜଣେ ଚାଷୀ ଆଖିବୁଜିଛନ୍ତି। ସେ ହେଲେ ତ୍ରିଲୋଚନ ନାୟକ(୫୩)। ୪୦ ଦିନ କାଳ ମଣ୍ଡିକୁ ଦୌଡ଼ି ଦୌଡ଼ି ଅଣନିଃଶ୍ୱାସୀ ହୋଇ ପଡ଼ିଥିବା ତ୍ରିଲୋଚନ ଶେଷରେ ଆଖି ବୁଜିଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ୩ ଦିନ କାଳ ମିଲ୍ ଆଗରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡ଼ିରହି ସେ ଅସୁସ୍ଥ ହୋଇପଡ଼ିଥିଲେ। ତ୍ରିଲୋଚନଙ୍କର ଜାନୁଆରୀ ୧୬ରେ ଧାନ ଦେବାକୁ ମେସେଜ ଆସିଥିଲା। ଫେବୃଆରୀ ୧୫ ଧାନ ଦେବାର ଶେଷ ତାରିଖ ଥିଲା। ସେ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡ଼ି ଥକି ପଡ଼ିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକନ୍ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଫେବୃଆରୀରେ ସେ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କର ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ରେ ସେ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥିତ ରାମଚଣ୍ଡୀ ମିଲ୍‌କୁ ଯାଇଥିଲେ। ସେଠାରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏ ପ୍ରାୟତଃ ଅଖିଆ ଅପିଆ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ପଡ଼ି ରହିଥିଲେ। ଖୋଲା ଆକାଶ ତଳେ ୩ ଦିନ ରହିବା ଯୋଗୁ ତ୍ରିଲୋଚନ ଅସୁସ୍ଥ ଅନୁଭବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁରକ୍ଷାର କବଚ ବିକାଶ

## ନାମାଙ୍କନ ଭରିଲେ ହାଇଦ୍ରାବାଦର ସାୟାନା

### ରାଜ୍ୟ ସଭା ନିର୍ବାଚନ: ଜାରି ହେଲା ବିଜ୍ଞପ୍ତି

- ବିଜେଡି ତରଫରୁ ୬ ସେଟ୍ ଫର୍ମ ନେଲେ ଏମ୍‌ପି ସସ୍ମିତ ପାତ୍ର
- ଭାଜପା କହିଲା ୨ ଦିନ ଭିତରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ପିଏସି ବୈଠକରେ ନବୀନଙ୍କୁ ପ୍ରାର୍ଥୀ ଚୟନ ଦାୟିତ୍ୱ ଦେଲେ ନେତା
- ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ୨୮ରେ କଂଗ୍ରେସର ଚୂଡ଼ାନ୍ତ ନିଷ୍ପତ୍ତି

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ପ୍ରଥମ ଦିନ ହିଁ ଜଣେ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେଲଙ୍ଗାନା ହାଇଦ୍ରାବାଦର କାନ୍ତେ ସାୟାନା ମନୋନୟନ ପତ୍ର ନେଇ ନାମାଙ୍କନ କରିଛନ୍ତି। ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତାଙ୍କର କେହି ପ୍ରସ୍ତାବକ ନ ଥିବା ଜଣାପଡ଼ିଛି। ନିୟମାନୁଯାୟୀ ଯିଏ ପ୍ରାର୍ଥୀ ହେବେ, ତାଙ୍କର ୧୦ ଜଣ ପ୍ରସ୍ତାବକ ରହିବା ଜରୁରୀ। ବିଧାୟକମାନେ ହିଁ କେବଳ ପ୍ରସ୍ତାବକ ହୋଇପାରିବେ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ କାନ୍ତେ ସାୟାନାଙ୍କ ମନୋନୟନ ପତ୍ର ଯାଞ୍ଚ ସମୟରେ କଟିଯିବ ବୋଲି ନିର୍ବାଚନ ଦାୟିତ୍ୱରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ହାଇଦ୍ରାବାଦ୍‌ର ଜଣେ କାହିଁକି ଓଡ଼ିଶା ରାଜ୍ୟ ସଭା ପଦ ପାଇଁ ଓଡ଼ିଶାରେ ନାମାଙ୍କନ ଦାଖଲକଲେ ତାହା ବିଧାନସଭା ସଚିବାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅନ୍ୟପଟେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କ ଦଳ ତରଫରୁ ୬ ସେଟ୍ ମନୋନୟନ ପତ୍ର ନେଇଛନ୍ତି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ମମତା ମହାନ୍ତ, ସୁଜିତ କୁମାର, ମୁଜିବୁଲ୍ଲା ଖାନ ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ରେ ଶେଷ ହେଉଛି। ଏହି ନିର୍ବାଚନ ପରିଚାଳନା କରିବା ଲାଗି ବିଧାନସଭା ସଚିବ ସତ୍ୟବ୍ରତ ରାଉତ ରିଟର୍ନିଂ ଅଧିକାରୀ ରହିଛନ୍ତି। ସେହିପରି ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ ସହାୟକ ରିଟର୍ନିଂ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ୪ ଆସନ ଲାଗି ପ୍ରାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ମନୋନୟନପତ୍ର ନେଇପାରିବେ। ଏହି ସମୟ ଭିତରେ ପ୍ରାର୍ଥୀ ନିଜେ କିମ୍ବା ସେମାନଙ୍କ ପ୍ରସ୍ତାବକଙ୍କ ଜରିଆରେ ବିଧାନସଭାର ସମ୍ମିଳନୀ କକ୍ଷଠାରେ ରିଟର୍ନିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ଏହି ସମୟ ସୁଦ୍ଧା ଯଦି ସରକାରୀ ଛୁଟି କେଉଁଦିନ ପଡ଼ିବ ସେଦିନ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଆସନ୍ତା ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ। ସେହିପରି ମାର୍ଚ୍ଚ ୯ରେ ମନୋନୟନପତ୍ର ଯିଏ ପ୍ରତ୍ୟାହାର କରିବାକୁ ଚାହିଁବେ ନିଜେ ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକ ବା ଏଜେଣ୍ଟ ଅପରାହ୍ନ ୩ଟା ସୁଦ୍ଧା ରିଟର୍ନିଂ ଅଧିକାରୀଙ୍କ ନିକଟରେ ନୋଟିସ ଦେଇପାରିବେ। ☞ପୃଷ୍ଠା-୪



## ବିବାହ ବନ୍ଧନରେ ବାନ୍ଧିହେଲେ ବିଜୟ-ରଶ୍ମିକା

ଉଦୟପୁର,୨୬।୨

ଅପେକ୍ଷାର ହେଲା ଅନ୍ତ। ଦୀର୍ଘଦିନର ଚର୍ଚ୍ଚା ଓ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପକାଇ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ସାଉଥ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା। ଗୁରୁବାର ଏହି ଷ୍ଟାର୍ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ସୋସିଆଲ ମିଡିଆରେ ସେମାନଙ୍କର ପ୍ରଥମ ଫଟୋ ସାମ୍ନାକୁ ଆସିଛି।

ବିଜୟ ଏବଂ ରଶ୍ମିକାଙ୍କ ବିବାହ ଥରେ ନୁହେଁ, ବରଂ ଦୁଇଥର ହୋଇଛି। ପ୍ରଥମେ ତେଲୁଗୁ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ପରେ ରଶ୍ମିକାଙ୍କ ପରିବାରର କୋଡଭା ସମ୍ପ୍ରଦାୟର ପରମ୍ପରା ଅନୁସାରେ ଦ୍ୱିତୀୟ ଥର ବିବାହ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

ବିଗତ ଦିନରେ ନିଜ ସମ୍ପର୍କକୁ ନେଇ କେବେ ବି ସାର୍ବଜନୀନ ଭାବେ ମୁହଁ ଖୋଲି ନ ଥିବା ଏହି ଯୋଡ଼ି ବିବାହ ପରେ ପରସ୍ପର ପାଇଁ ଲମ୍ବା ପୋଷ୍ଟ ଲେଖିଛନ୍ତି। ରଶ୍ମିକା ଲେଖିଛନ୍ତି, "ମୋ ସ୍ୱାମୀ ମିଷ୍ଟର ବିଜୟ ଦେବରକୋଣ୍ଡାଙ୍କୁ ଭେଟନ୍ତୁ। ସେ ହେଉଛନ୍ତି ☞ପୃଷ୍ଠା-୪


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



ପାଟନା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଗୁରୁବାର ହାତରେ ରଙ୍ଗ ଲଗାଇ ପାଟନାଠାରେ ହୋଲି ଉତ୍ସବ ମନାଉଛନ୍ତି।

# ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ଉତ୍ତରଦାୟୀ ରୁହନ୍ତୁ ଡିଜିଟାଲ ପ୍ଲାଟ୍‌ଫର୍ମ: ଅଶ୍ୱିନୀ

ନୂଆଦିଲ୍ଲୀ,୨୬।୨(ପି.ଟି.)

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ମୂଳତଃ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି। ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରଯୁକ୍ତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା ଅଶ୍ୱିନୀ କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ,ପ୍ରଯୁକ୍ତି, କଳା ଓ ଭାଷାରେ


କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ। ସମସ୍ତ ପ୍ଲାଟ୍‌ଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ଅନ୍‌ଲାଇନ ସୁରକ୍ଷା, ଖବରର ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା ଆଦି ସମସ୍ୟା ସହ ସମାଜ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

## ୨୮ରୁ ଏଚ୍‌ପିଭି ଟିକାକରଣ ଅଭିଯାନ: ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୬।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖ ଶନିବାର ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାଭିଲୋମାଭାଇରସ୍ (ଏଚ୍‌ପିଭି) ଟିକାକରଣ ଅଭିଯାନ ରାଜସ୍ଥାନର ଆଜମେରରୁ ଶୁଭାରମ୍ଭ କରିବେ। ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟିକା ଦିଆଯିବ। ମହିଳାଙ୍କ ମଧ୍ୟରେ ପ୍ରତିକାରଯୋଗ୍ୟ କର୍କଟ ରୋଗ ଦୂରକରିବା ପାଇଁ ଏହି ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଏକକ ଡୋଜ୍ ବିଶିଷ୍ଟ ଗାର୍ଡାସିଲ୍ ୪ ହେଉଛି ଏକ କ୍ୱାଡ୍ରିଭ୍ୟାଲେଣ୍ଟ ଏଚ୍‌ପିଭି ଟିକା ଯାହା ଏଚ୍‌ପିଭି ଟାଇପ୍ ୧୬, ୧୮, ୬ ଏବଂ ୧୧ରୁ ସୁରକ୍ଷା ଦେବ। ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ଜରାୟୁ ଗ୍ରୀବା କର୍କଟ ରୋଗ କରାଇଥାଏ। ଟିକାକରଣ ଅଭିଯାନ ନେଇ ସମସ୍ତ ରାଜ୍ୟକୁ ଗତ ୨୫ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି। ଫେବୃଆରୀ ୨୮ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ୧୪ ବର୍ଷୀୟା ସମସ୍ତ କିଶୋରୀଙ୍କୁ ଏହି ଅଭିଯାନରେ ସାମିଲ କରାଯିବାକୁ ଯୋଜନା ହୋଇଛି। ଆଜମେରରୁ ପ୍ରଧାନମନ୍ତ୍ରୀ ଟିକାକରଣ ଅଭିଯାନର ଶୁଭାରମ୍ଭ କରିବାକୁ ଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲି ସାମିଲ ହେବେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ପ୍ରଶାସକ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଡ଼ିହେବେ।

# ଫୋକସ୍‌ରେ ପ୍ରତିରକ୍ଷା, ପ୍ରଯୁକ୍ତି

**ଭାରତ-ଇସ୍ରାଏଲ ୨୭ ଚୁକ୍ତି ସ୍ୱାକ୍ଷର**

ଜେରୁଜେଲମ୍,୨୬।୨

ଭାରତ ଓ ଇସ୍ରାଏଲ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବୁଝାମଣା ହୋଇଛି। ପ୍ରତିରକ୍ଷା, ବୈଷୟିକ ଓ ପ୍ରଯୁକ୍ତି, ନବ ଉନ୍ମେଷ ଏବଂ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧିକରି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ଦିବସରେ ଉଭୟ ପକ୍ଷର ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା କରାଯାଇ ପ୍ରମୁଖ ୨୭ଟି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିମଧ୍ୟରେ କୃଷି ଓ ବୈଷୟିକ କ୍ଷେତ୍ର ଡ୍ରୋନ୍, ସାଟେଲାଇଟ୍ ଡାଟା, ଏଆଇ, ସାଇବର ସିକ୍ୟୁରିଟି, ଜଳସେଚନ ଓ ସାର ପରିଚାଳନା, ପେଷ୍ଟ କଣ୍ଟ୍ରୋଲ, ଗ୍ରୀନ୍ ହାଉସ୍ କଲ୍ଟିଭେଶନ ଏବଂ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଓ ପ୍ରଯୁକ୍ତି ହସ୍ତାନ୍ତର ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତ ଓ ଇସ୍ରାଏଲ ମଧ୍ୟରେ ଆଗାମୀ ଦିନରେ ବାଣିଜ୍ୟ-ବ୍ୟବସାୟ କ୍ଷେତ୍ରକୁ ସମ୍ପ୍ରସାରଣ କରାଯିବା ସହ ଉଭୟ ରାଷ୍ଟ୍ର ମିଳିତ ଭାବେ ଆତଙ୍କବାଦ ବିରୋଧୀ ଲଢ଼େଇରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ପ୍ରତିରକ୍ଷା ଏବଂ ଅତ୍ୟାଧୁନିକ ବୈଷୟିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଉଭୟ ପକ୍ଷ ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ମୋଦି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଭାରତ ଏବଂ ଇସ୍ରାଏଲ ସମ୍ପର୍କକୁ ଏକ ନୂଆ ରୂପ ଦେବା ଲାଗି ଉଭୟ ପକ୍ଷ ସ୍ୱତନ୍ତ୍ର ରଣନୀତିକ ଅଂଶୀଦାର ରାଷ୍ଟ୍ର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଥିବା ମୋଦି କହିଛନ୍ତି। ସେହିପରି ଅର୍ଥନୀତି, ସୁରକ୍ଷା ଏବଂ ରାଜନୈତିକ ସହଯୋଗ ବୃଦ୍ଧି ପାଇଁ ଇସ୍ରାଏଲ ଭାରତ ସହ ସମ୍ପର୍କ ବୃଦ୍ଧି କରିବାକୁ ସହମତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି।


ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ।

## ଏପ୍‌ଷ୍ଟିନ୍ କେଳେଙ୍କାରୀ: ବୋର୍ଜ ବ୍ରେଣ୍ଡିଂଙ୍କ ଇସ୍ତଫା

ଜେନେଭା,୨୬।୨

ବହୁ ଚର୍ଚ୍ଚିତ ଏପ୍‌ଷ୍ଟିନ୍ ଯୌନ କେଳେଙ୍କାରୀ ମାମଲାରେ ଛନ୍ଦି ହୋଇ ବିଶ୍ୱ ଅର୍ଥନୈତିକ ମଞ୍ଚ(ଡବ୍ଲ୍ୟୁଇଓ) ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଜ ବ୍ରେଣ୍ଡିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି କେଳେଙ୍କାରୀର ମୁଖ୍ୟ ନାୟକ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ପ୍ରଶ୍ନ ଉଠିବା ପରେ ଆମେରିକାର ନ୍ୟାୟିକ ବିଭାଗ ଦ୍ୱାରା ଯାଞ୍ଚ କରାଯାଇଥିଲା। ବୋର୍ଜ ଜେଫ୍ରିଙ୍କ ସହିତ ଇମେଲ୍ ଏବଂ ଟେକ୍ସଟ୍ ମେସେଜ୍ ମାଧ୍ୟମରେ ସମ୍ପର୍କ ରଖିଥିଲେ ଏବଂ ୩ଥର ରାତ୍ର ଭୋଜନରେ ଯୋଗ ଦେଇଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ବୋର୍ଜ ଏହାକୁ ସ୍ୱୀକାର କରିବା ସହିତ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୋର୍ଜ ବିଶ୍ୱ ଅର୍ଥନୈତିକ ମଞ୍ଚରେ ୮ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ନରୱେ ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି।



## ୧୫ ପାକ୍ ଆଉଟପୋଷ୍ଟ କବ୍‌ଜା, ୪୦ ସୈନିକ ମୃତ

**ଆଫ୍‌ଗାନିସ୍ତାନର ଆକ୍ରମଣ**

କାବୁଲ,୨୬।୨

ଆଫଗାନିସ୍ତାନ ଗୁରୁବାର ସନ୍ଧ୍ୟାରେ ପାକିସ୍ତାନ ସେନା ଠିକଣାରେ ଜୋରଦାର୍ ଆକ୍ରମଣ କରିଛି। ଗତ ସପ୍ତାହରେ ଆଫ୍‌ଗାନିସ୍ତାନର ନଙ୍ଗରହାର୍ ଓ ପକ୍‌ତିଆ ପ୍ରଦେଶରେ ପାକିସ୍ତାନ ଆକ୍ରମଣ କରି ୭୦ ଆତଙ୍କବାଦୀଙ୍କୁ ମାରିଥିବା କହିଥିଲା। କିନ୍ତୁ ଆତଙ୍କବାଦୀ ଶିବିର ନୁହେଁ, ଜନବସତି ଉପରେ ପାକିସ୍ତାନ ଆକ୍ରମଣ କରି ୨୦ ଲୋକଙ୍କୁ ମାରିଥିବା ତାଲିବାନ କହିଥିଲା। ଏହାର ଜବାବରେ ଗୁରୁବାର ସନ୍ଧ୍ୟାରେ ତାଲିବାନ ଆଫ୍‌ଗାନିସ୍ତାନ ସୀମାବର୍ତ୍ତୀ ଡୁରାଣ୍ଡ ଲାଇନ ନିକଟରେ ଆକ୍ରମଣ କରି ୧୫ ପାକ୍ ସେନା ପୋଷ୍ଟକୁ ଅକ୍ତିଆର କରିଛି। ଆକ୍ରମଣରେ ୪୦ ପାକ୍ ସୈନିକ ନିହତ ହୋଇଥିବା ତାଲିବାନ କହିଛି।

## ଜେନେଭାରେ ଇରାନ-ଆମେରିକା ଆଲୋଚନା

ଜେନେଭା,୨୬।୨

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜେନେଭାଠାରେ ଗୁରୁବାର ଚାଲିଥିବା ଆଲୋଚନା ପୁଣି ଫସର ଫାଟିବ ବୋଲି ଆଶଙ୍କା ଦେଖାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି(ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସିଙ୍କ ଉପସ୍ଥିତିରେ ଆମେରିକା ଏବଂ ଇରାନ ପ୍ରତିନିଧିମାନେ ଆଲୋଚନା କରିଥିଲେ ହେଁ ଏଥିରୁ କୌଣସି ସମାଧାନର ବାଟ ଫିଟିବ ନାହିଁ ବୋଲି କୁହାଯାଉଛି। କାରଣ ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ ହେବା ନେଇ ଆମେରିକା ଯେଉଁ ସର୍ତ୍ତ ରଖିଛି ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଇରାନର ଆଣବିକ କାର୍ଯ୍ୟକ୍ରମ ସାମୂହିକ ବିନାଶ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଇରାନ କହୁଥିଲାବେଳେ ଆମେରିକା ଭିନ୍ନ ସର୍ତ୍ତ ରଖୁଛି। ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଏହାପୂର୍ବରୁ ମଧ୍ୟ ହୋଇଥିବା ବୈଠକରେ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା। ଯାହାକୁ ନେଇ ଆମେରିକା ଆକ୍ରମଣ ଧମକ ଦେଇଥିଲା। ବର୍ତ୍ତମାନ ଚାଲିଥିବା ବୈଠକରେ ଯଦି ସମାଧାନର ବାଟ ନ ବାହାରେ, ତେବେ ଆମେରିକା ଇରାନ ବିରୋଧରେ କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

## ପଶ୍ଚିମବଙ୍ଗରେ ନିୟୋଜନ ହେବେ ୨୪୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ

କୋଲକାତା,୨୬।୨

ପଶ୍ଚିମବଙ୍ଗରେ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପରଦିନ ନିର୍ବାଚନ କମିଶନ ରାଜ୍ୟର ବିଭିନ୍ନ ଭାଗରେ ୨୪୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜନ କରିବାକୁ ଯାଉଛନ୍ତି। ସୁରକ୍ଷା ବଳ ମାର୍ଚ୍ଚ ୧ରୁ କୋଲକାତା, ପୂର୍ବ ମେଦିନପୁର ଏବଂ ବାଂଲାଦେଶ ସୀମାବର୍ତ୍ତୀ ଜିଲାଗୁଡ଼ିକରେ ମୁତୟନ ହେବେ। ସବୁଠୁ ସମ୍ବେଦନଶୀଳ ସୀମାନ୍ତ ଜିଲା ଉତ୍ତର ୨୪ ପ୍ରଗଣାରେ ସର୍ବାଧିକ ୩୦ କମ୍ପାନୀ ଯବାନ ମୁତୟନ ହେବାକୁ ଥିବାବେଳେ ମୁର୍ଶିଦାବାଦରେ ୧୬ କମ୍ପାନୀ, ହାଓଡ଼ା ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ୧୫ କମ୍ପାନୀ ଲେଖାଏ ରହିବେ।

# କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ

**ଦଳୀୟ ନିର୍ବାଚନୀ ବ୍ୟୟ ସୀମା ନିର୍ଦ୍ଧାରଣ ପାଇଁ ଆବେଦନ**

ନୂଆଦିଲ୍ଲୀ,୨୬।୨(ପି.ଟି.)

ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଉଦ୍ଦେଶ୍ୟରେ କରୁଥିବା ଖର୍ଚ୍ଚର ସୀମା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ହୋଇଥିବା ଏକ ଆବେଦନ ଉପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗୁରୁବାର କେନ୍ଦ୍ର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲି ରହିଛନ୍ତି। ଆବେଦନକାରୀ ଏନ୍‌ଜିଓ କମନ କଜ୍ ଏବଂ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେଶନ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୭୭(୧) ଅନୁଯାୟୀ ପ୍ରାର୍ଥୀମାନଙ୍କ ବ୍ୟୟ ସୀମା ନିର୍ଦ୍ଧାରଣ ହୋଇଥିବାବେଳେ ରାଜନୈତିକ ଦଳଗୁଡ଼ିକର ବ୍ୟୟ ଉପରେ କୌଣସି ସୀମା ନିର୍ଦ୍ଧାରଣ କରାଯାଇ ନାହିଁ। ଫଳରେ ନିର୍ବାଚନ ଲଢ଼େଇରେ ଅନ୍ୟାୟ ସୁଯୋଗ ସୃଷ୍ଟିକରିବା ସହ ସମ୍ବିଧାନର ଅନୁଚ୍ଛେଦ ୧୪ରେ ଦିଆଯାଇଥିବା ସମାନ ଅଧିକାରର ଉଲ୍ଲଂଘନ ହେଉଥିବା ପିଟିଶନ୍‌ରେ ଦର୍ଶାଯାଇଛି। ରାଜନୈତିକ ଦଳ ନିର୍ବାଚନ ଉଦ୍ଦେଶ୍ୟରେ ପ୍ରାର୍ଥୀଙ୍କ ପଇଁ ଖର୍ଚ୍ଚ କରୁଥିଲେ ମଧ୍ୟ ଏହାକୁ ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବରେ ସାମିଲ କରାଯାଏ ନାହିଁ। ତେଣୁ ଜନପ୍ରତିନିଧି ଆଇନର ଧାରା ୭୭(୧) ସମ୍ବିଧାନର ଅନୁଚ୍ଛେଦ ୧୪ ଏବଂ ୧୯(୧)(ଏ)ର ଉଲ୍ଲଂଘନ କରୁଥିବାରୁ ଏହାର ବ୍ୟାଖ୍ୟାକୁ ଅସାମ୍ବିଧାନିକ ଘୋଷଣା କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନରେ ନିବେଦନ କରାଯାଇଛି।

## ସୁନେତ୍ରା ପାଓ୍ୱାର ଏନ୍‌ସିପି ରାଷ୍ଟ୍ରୀୟ ସଭାପତି



ମୁମ୍ବାଇ,୨୬।୨

ଏନ୍‌ସିପି ନେତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ସ୍ତ୍ରୀ ସୁନେତ୍ରା ପାଓ୍ୱାର ଦଳର ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଠିକ୍ ମାସକ ତଳେ ଏକ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ହୋଇଥିଲାବେଳେ ଗୁରୁବାର ସୁନେତ୍ରାଙ୍କୁ ଦଳର ରାଷ୍ଟ୍ରୀୟ ମୁଖ୍ୟ ଭାବେ ନିର୍ବାଚିତ କରାଯାଇଛି। ଦଳର ଅନ୍ୟତମ ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ପୂର୍ବରୁ ପ୍ରଫୁଲ୍ଲ ପଟେଲ ଏନ୍‌ସିପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। କିନ୍ତୁ ଅଜିତ୍‌ଙ୍କ ମୃତ୍ୟୁ ପରେ ସେ ସୁନେତ୍ରାଙ୍କୁ ଦଳୀୟ ମୁଖ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କର ପ୍ରସ୍ତାବକୁ ଦଳର କାର୍ଯ୍ୟକାରୀ କମିଟି ଗୁରୁବାର ଅନୁମୋଦନ ଦେଇଛି।

## ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

**୨,୨୨୦ କୋଟିର ବ୍ୟାଙ୍କ ଜାଲିଆତି**

ନୂଆଦିଲ୍ଲୀ,୨୬।୨(ପି.ଟି.)

ସିବିଆଇ ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ ବିରୋଧରେ ସାନି ମାମଲା ରୁଜୁ କରିଛି। ୨୦୧୩ରୁ ୨୦୧୭ ମଧ୍ୟରେ ଅନିଲଙ୍କ କମ୍ପାନୀ ବ୍ୟାଙ୍କ ଅଫ୍ ବରୋଦାରେ କରିଥିବା ଜାଲିଆତି ପାଇଁ ବ୍ୟାଙ୍କକୁ ୨,୨୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଗତ ମଙ୍ଗଳବାର ବ୍ୟାଙ୍କ ପକ୍ଷରୁ ଅଭିଯୋଗ ଦାଏର ପରେ ସିବିଆଇ ତଦନ୍ତ ଆରମ୍ଭ କରି ଗୁରୁବାର ଅନିଲ ଅମ୍ବାନୀଙ୍କ ବାସଭବନ ସମେତ ରିଲାଏନ୍ସ କମ୍ୟୁନିକେଶନ ଲିଃର ପଞ୍ଜୀକୃତ କାର୍ଯ୍ୟାଳୟଗୁଡ଼ିକରେ ଚଢ଼ାଉ କରିଥିଲା। ସେଠାରୁ ଋଣ କାରବାର ସହ ଜଡ଼ିତ ବିଭିନ୍ନ ଦସ୍ତାବିଜ୍ ଜବତ ହୋଇଛି।



ରିଲାଏନ୍ସ କମ୍ୟୁନିକେଶନ୍ସ ବ୍ୟାଙ୍କ ଅଫ୍ ବରୋଦାରୁ ଯେଉଁ ଉଦ୍ଦେଶ୍ୟରେ ଋଣ ନେଇଥିଲା, ସେଥିରେ ବିନିଯୋଗ ନ କରି ସମ୍ପର୍କୀୟ ସଂସ୍ଥା ମଧ୍ୟରେ ମନଗଢ଼ା କାରବାର ଜରିଆରେ ଦୁରୁପଯୋଗ କରିଥିଲା। ବମ୍ବେ ହାଇକୋର୍ଟ ଉକ୍ତ ଆକାଉଣ୍ଟକୁ ଜାଲିଆତି ଦର୍ଶାଇ ସ୍ଥଗିତାଦେଶ ଘୋଷଣା କରିଥିଲେ। ଗତ ୨୩ରେ ହାଇକୋର୍ଟ ସ୍ଥଗିତାଦେଶ ଉଠାଇନେବାରୁ ବ୍ୟାଙ୍କ ଅଭିଯୋଗ ଦାଏର କରିଥିଲା।

## ଚିତାଙ୍କ ଦୈନିକ ଖାଇବା ଖର୍ଚ୍ଚ ୩୫ ହଜାର

ଭୋପାଳ,୨୬।୨

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚିତାବାଘ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୩୫ରେ ପହଞ୍ଚିଛି। ସେମାନଙ୍କ ଦୈନିକ ଖାଇବା ଖର୍ଚ୍ଚ ୩୫ ହଜାର ଟଙ୍କା ରହିଥିବା ଜଣାପଡ଼ିବା ପରେ ରାଜନୈତିକ ସ୍ତରରେ ବିବାଦ ଉଠିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ଚିତାଙ୍କ ଖାଇବା ଖର୍ଚ୍ଚ ବାବଦରେ ବର୍ଷକୁ ୧ କୋଟି ୨୭ ଲକ୍ଷ ୧୦ ହଜାର ୮୨୭ ଟଙ୍କା ଖର୍ଚ୍ଚ ହେଉଛି। ସେମାନଙ୍କୁ ଦୈନିକ ଛେଳି ମାଂସ ଦିଆଯାଉଥିବା ବେଳେ ଏଥିପାଇଁ ଦିନକୁ ୩୫ ହଜାର ଟଙ୍କା ବ୍ୟୟ ହେଉଛି।

## ‘ଦି କେରଳ ଷ୍ଟୋରି ୨’ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

କୋଚି,୨୬।୨(ପି.ଟି.)

‘ଦି କେରଳ ଷ୍ଟୋରି ୨- ଗୋଜ୍ ବିୟଣ୍ଡ’ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ କେରଳ ହାଇକୋର୍ଟ ଗୁରୁବାର ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଉକ୍ତ ଚଳଚ୍ଚିତ୍ରକୁ ସେନ୍‌ସର ବୋର୍ଡ ସାର୍ଟିଫିକେଟ ଦେବାବେଳେ ଠିକ୍‌ଭାବେ ବିଚାର କରି ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିବା ଜଷ୍ଟିସ୍ ବେଚୁ କୁରିଅନ୍ ଥୋମାସ୍ କହିଛନ୍ତି। ଶୁକ୍ରବାର ଚଳଚ୍ଚିତ୍ର ମୁକ୍ତିଲାଭ ହେବାକୁ ଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୨ଟି ପିଟିଶନ ଦାଏର ହୋଇଥିଲା। ଚଳଚ୍ଚିତ୍ର ଯେପରି ସାମାଜିକ ସଦ୍ଭାବନାକୁ ବ୍ୟାଘାତ ନ କରିବ ତାହା ସୁନିଶ୍ଚିତ କରିବା ପାଇଁ ଗାଇଡ୍‌ଲାଇନ ରହିଛି। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଏହାକୁ ଅନୁପାଳନ କରି ନ ଥିବା ଜଣାପଡୁଛି ବୋଲି ଉଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି। କୌଣସି ବିଷୟବସ୍ତୁର ପ୍ରଚାର ପ୍ରସାର ଦ୍ୱାରା ଆଇନ ଶୃଙ୍ଖଳାରେ ବାଧା ସୃଷ୍ଟି କିମ୍ବା ସାମାଜିକ ସଦ୍‌ଭାବନାକୁ ପ୍ରଭାବିତ କରିବା ପ୍ରବୃତ୍ତି ଥିଲେ, ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ପରିସରରେ ଆସୁନାହିଁ। କେନ୍ଦ୍ର ସରକାର ଏହା ଉପରେ ବିଚାର କରି ୨ ସପ୍ତାହ ମଧ୍ୟରେ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ସରକାର ଆବେଦନକାରୀ, ସିବିଏଫ୍‌ସି ଏବଂ ଚଳଚ୍ଚିତ୍ରର ନିର୍ମାତାଙ୍କ ମତାମତ ଶୁଣାଣି ପାଇଁ ସୁଯୋଗ ଦେବେ।



ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ | Bhubaneswar, Friday, February 27/2026 

# ୪୮ ଘଣ୍ଟାରେ ଟିକେଟ ବାତିଲ କଲେ ଲାଗିବନି ଶୁଳ୍କ

**ଡିଜିସିଏ ବଦଳାଇଲା ରିଫଣ୍ଡ୍ ନିୟମ**

- **ବୁକିଂର ୨୪ ଘଣ୍ଟା ମଧ୍ୟରେ ହୋଇପାରିବ ନାଁ ସଂଶୋଧନ**
- **ରିଫଣ୍ଡ୍ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ**



**ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଯାତ୍ରୀମାନଙ୍କ ପାଇଁ ଟିକେଟ ରିଫଣ୍ଡ ଏବଂ କ୍ୟାନ୍ସେଲେଶନ୍ ନିୟମରେ ବଡ଼ ପରିବର୍ତ୍ତନ କରିଛି। ଗୁରୁବାର ଜାରି ହୋଇଥିବା ନୂଆ ନିୟମ ଅନୁଯାୟୀ ଯଦି କେହି ଭୁଲ୍‌ରେ କୌଣସି ଟିକେଟ୍ ବୁକ୍ କରିଦେଇଛନ୍ତି କିମ୍ବା ପ୍ଲାନ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ବୁକିଂର ୪୮ ଘଣ୍ଟା ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ଟିକେଟ କ୍ୟାନ୍ସେଲ କିମ୍ବା ପରିବର୍ତ୍ତନ କରିପାରିବେ। ଏହି ସୁବିଧା କେବଳ ସେହି କ୍ଷେତ୍ରରେ ମିଳିବ, ଯଦି ଯାତ୍ରା ତାରିଖ ବୁକିଂ ତାରିଖଠାରୁ ଘରୋଇ ଉଡ଼ାଣ ପାଇଁ ଅତିକମ୍‌ରେ ୭ ଦିନ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ୧୫ ଦିନ ପୂର୍ବରୁ ହୋଇଥିବ। ଏଭଳି ଆଉ କେତେକ ନୂଆ ନିୟମ ପାଇଁ ବିମାନ ଯାତ୍ରୀଙ୍କୁ ଅଧିକ ସୁବିଧା ମିଳିବାକୁ ଯାଉଥିବାବେଳେ ତାହା ଆସନ୍ତା ମାର୍ଚ୍ଚ ୨୬ରୁ ଲାଗୁ ହେବ। ୨୦୨୫ରେ ଭାରତରେ ୧୬.୬୯ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ହେଲେ ଡିସେମ୍ବର ୨୦୨୫ରେ ଇଣ୍ଡିଗୋର ବିମାନ ସେବା ବ୍ୟାହତ ହେବା ପରେ ରିଫଣ୍ଡ ସମସ୍ୟା ଉଗ୍ରରୂପ ନେଇଥିଲା। କେବଳ ଡିସେମ୍ବରରେ ରିଫଣ୍ଡ ସମ୍ବନ୍ଧରେ ପ୍ରାୟ ୨,୨୦୦ରୁ ଅଧିକ (ମୋଟ ଅଭିଯୋଗର ୭.୫%) ଅଭିଯୋଗ ଆସିଥିଲା। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା 'ଡିଜିସିଏ'ର ଏହି ପଦକ୍ଷେପ ଏୟାରଲାଇନ୍ସଗୁଡ଼ିକର ଏକଚାଟିଆ ମନୋଭାବକୁ ରୋକିବା ସହ ସାଧାରଣ ଲୋକଙ୍କୁ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାର ଉଚିତ ସୁରକ୍ଷା ଦେଉଛି।**

ନୂଆଦିଲ୍ଲୀ,୨୬।୨ (ପି.ଟି.)

ଡିଜିସିଏର ନୂଆ ନିୟମ ଅନୁଯାୟୀ, ଯଦିଓ ବୁକିଂର ୪୮ ଘଣ୍ଟା ମଧ୍ୟରେ କ୍ୟାନସେଲ୍ସେନ୍ ଚାର୍ଜ ଲାଗିବ ନାହିଁ, କିନ୍ତୁ ନୂଆ ଫ୍ଲାଇଟ୍‌ର ଭଡ଼ା ଯଦି ଅଧିକ ଥାଏ, ତେବେ ସେହି ଅବଶିଷ୍ଟ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡ଼ିବ। ସେହିପରି ଟିକେଟ ବୁକିଂ ସମୟରେ ନାମରେ କୌଣସି ବନାନ ଭୁଲ୍ ହୋଇଥିଲେ, ବୁକିଂର ୨୪ ଘଣ୍ଟା ମଧ୍ୟରେ ଏହାକୁ ମାଗଣାରେ ସଂଶୋଧନ କରାଯାଇପାରିବ। ଏଥିପାଇଁ ଏୟାରଲାଇନ୍ସ କୌଣସି ଚାର୍ଜ ନେଇପାରିବେ ନାହିଁ। ଏହି ସୁବିଧା କେବଳ ସେତେବେଳେ ମିଳିବ, ଯଦି ଟିକେଟ ସିଧାସଳଖ ଏୟାରଲାଇନ୍ସର ୱେବ୍‌ସାଇଟ୍‌ରୁ ବୁକ୍ ହୋଇଥିବ। ଯଦି କେହି ଯାତ୍ରୀ କୌଣସି ଏଜେଣ୍ଟ ବା ପୋର୍ଟାଲ୍ ମାଧ୍ୟମରେ ଟିକେଟ୍ ବୁକ୍ କରିଛନ୍ତି, ତେବେ ରିଫଣ୍ଡ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ। ଏୟାରଲାଇନ୍ସକୁ ୧୪ ଦିନ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। ଯଦି କୌଣସି ସ୍ୱାସ୍ଥ୍ୟଗତ କାରଣରୁ ଯାତ୍ରୀ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ (ସମାନ ପିଏନ୍‌ଆର୍‌ରେ ଥିବା) ଯାତ୍ରା କରିପାରୁନାହାନ୍ତି, ତେବେ ଉଚିତ୍ ପ୍ରମାଣ ଦେଖାଇଲେ ଏୟାରଲାଇନ୍ସ ରିଫଣ୍ଡ୍ କିମ୍ବା କ୍ରେଡିଟ୍ ସେଲ୍ (ପରବର୍ତ୍ତୀ ଯାତ୍ରା ପାଇଁ ଟଙ୍କା ଗଚ୍ଛିତ ରଖିବା)ର ସୁବିଧା ପ୍ରଦାନ କରିବେ। ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ବିମାନ ସଂସ୍ଥାର ବିଶେଷଜ୍ଞଙ୍କ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ।

ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରୀମାନଙ୍କୁ ଏୟାରଲାଇନ୍ ଟିକେଟ୍ ରିଫଣ୍ଡ ପ୍ରଦାନ କରିବା ପାଇଁ ସିଭିଲ୍ ଆଭିଏସନ ରିକ୍ୱାୟରମେଣ୍ଟସ (ସିଏଆର୍)ରେ କିଛି ସଂଶୋଧନ କରାଯାଇଛି। ଯାତ୍ରୀମାନେ ସମୟ ଅନୁସାରେ ରିଫଣ୍ଡ୍ ପାଉ ନ ଥିବା ନେଇ ବଢୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ଚଳାଚଳରେ ହୋଇଥିବା ବିଭ୍ରାଟ ସମୟରେ ଟିକେଟ ରିଫଣ୍ଡ ସମସ୍ୟା ବିଶେଷ ଭାବେ ଦୃଷ୍ଟିଗୋଚର ହୋଇଥିଲା। ସେହି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାରଲାଇନ୍ସକୁ ଏକ ନିର୍ଦ୍ଦିଷ୍ଟ ଟାଇମ୍‌ଲାଇନ୍ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ସଂଶୋଧିତ ସିଏଆର୍ ଫେବୃଆରୀ ୨୪ରେ ଜାରି କରାଯାଇଛି। ବର୍ତ୍ତମାନ ଏୟାରଲାଇନ୍ସଗୁଡ଼ିକୁ ଟିକେଟ ବୁକିଂ କରିବା ପରେ ଯାତ୍ରୀମାନଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଏକ 'ଲୁକ୍-ଇନ୍ ଅପ୍ସନ' ପ୍ରଦାନ କରିବାକୁ କୁହାଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ବେଳେ ପୂଜାର୍ଚ୍ଚନା କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ଦିଲ୍ଲୀରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- **ଅନ୍ୟ ୩ ରାଜ୍ୟରେ ଓଡ଼ିଶା ଭବନ ପାଇଁ ଜମି ମଗାଯାଇଛି**
- **ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ନିର୍ମାଣ ହେବ ଜନ ଆଶ୍ରୟ ଭବନ**

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସାଙ୍ଗକୁ ୪୫ଟି ସୁଇଟ୍ କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିଶନ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ୯୩.୨୭ କୋଟି ଟଙ୍କା ବ୍ୟୟ କରାଯିବ। ନୂଆଦିଲ୍ଲୀ ସହ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବାଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଜମି ମଗାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇଠାରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହିସବୁ ଭବନ ଓ ସଦନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନ ଆଶ୍ରୟ ଭବନ ନିର୍ମାଣ ହେବ। ଏଥିରେ ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ୩ ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀ କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏଜିଙ୍କୁ ମିଳୁନି ଇନ୍ସପେକ୍ସନ କମ୍ପ୍ଲାଏନ୍ସ ରିପୋର୍ଟ

**୨୬ ବିଭାଗ ଉପରେ ଗଡୁଛି ୪୮,୪୪୫ ଜବାବ**

ଭୁବନେଶ୍ୱର,୨୬।୨
(ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶାକୁ ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବାପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଯୋଜନା ପରେ ଯୋଜନା ସାଙ୍ଗକୁ ବଜେଟର ଆକାର ବଢୁଛି। ହେଲେ ବଜେଟ ଅର୍ଥ କିଭଳି ଖର୍ଚ୍ଚ ହେବ ଏବଂ ଏହା ପରେ ବିନିଯୋଗ ପ୍ରମାଣପତ୍ର ଦେବା ବେଳକୁ ବିଭିନ୍ନ ବିଭାଗ କୁଣ୍ଠକୁଣ୍ଠ ହେଉଛନ୍ତି। ରାଜ୍ୟ ମହାଲେଖାକାର(ସିଏଜି)ଙ୍କ ପକ୍ଷରୁ ଯେତେବେଳେ ଖର୍ଚ୍ଚର ହିସାବ ଲୋଡ଼ା ଯାଉଛି, ସେତେବେଳେ ଅର୍ଥ ପରାମର୍ଶଦାତାମାନେ ଝୁଙ୍କି ପଡୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ, ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ ମହାଲେଖାକାରଙ୍କୁ ସେମାନଙ୍କର ଇନ୍ସପେକ୍ସନ ଓ ପାରାୱାଇଜ୍ କମେଣ୍ଟ ରିପୋର୍ଟ ଦେଇପାରୁନାହାନ୍ତି; ଯେଉଁଥିପାଇଁ ୨୬ଟି ବିଭାଗ ଉପରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ୪୮ହଜାର ୪୪୫ ପାରା କମେଣ୍ଟ ରିପୋର୍ଟ ସହିତ ୧୧ହଜାର ୨୧୫ଟି ଇନ୍ସପେକ୍ସନ ରିପୋର୍ଟ (ଆଇଆର୍) ଗଡୁଛି ବୋଲି ବୁଧବାର ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାଯାଇଛି।

ବୈଠକରୁ ଜଣାଯାଇଛି, ସିଏଜିଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଆଇଆର୍ ଏବଂ ପାରା କମେଣ୍ଟକୁ ଗୁରୁତ୍ୱ ଦେବାକୁ ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ଅର୍ଥ ପରାମର୍ଶଦାତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭-୧୮ରୁ ୨୦୨୫-୨୬ ବର୍ଷ ମଧ୍ୟରେ କାହିଁକି ଏସବୁ ଗଡୁଛି ତାହା ଉପରେ ସଞ୍ଜୀବ ବିଭାଗସ୍ତରୀୟ ସମୀକ୍ଷା କରିବା ସହିତ ତ୍ୱରିତ୍ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

ତଥ୍ୟ ଅନୁଯାୟୀ, ୨୦୨୬ ଜାନୁଆରୀ ୩୧ ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପରେ ସବୁଠୁ ଅଧିକ ୩,୦୦୬ଟି ଆଇଆର୍ ଏବଂ ୧୦,୩୯୨ ପାରାୱାଇଜ୍ କମେଣ୍ଟ ବାକି ରହିଛି। ରାଜସ୍ୱ ବିଭାଗ ଉପରେ ୧୪୭୧ ଆଇଆର୍ ଏବଂ ୪୭୨୮ ପାରାୱାଇଜ୍ କମେଣ୍ଟ ବାକି ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୧୧୨୬ ଆଇଆର୍ ଏବଂ ୩୧୧୭ ପାରା କମେଣ୍ଟ, ପରିବହନ ବିଭାଗ ଉପରେ ୭୩୧ ଆଇଆର୍ ଏବଂ ୩୯୪୧ ପାରା କମେଣ୍ଟ, ନଗର ଉନ୍ନୟନ ବିଭାଗ ଉପରେ ୬୪୮ ଆଇଆର୍ ଏବଂ ୭୬୫୨ ପାରା କମେଣ୍ଟ, ମତ୍ସ୍ୟ ଓ ପ୍ରାଣୀ ବିକାଶ ବିଭାଗ ଉପରେ ୫୫୩ ଆଇଆର୍ ଏବଂ ୨୨୯୫ ପାରା କମେଣ୍ଟ ବକେୟା ରହିଛି। ଏହାସହିତ ଶକ୍ତି, ପୂର୍ତ୍ତ, ଇସ୍ପାତ ଓ ଖଣି, ଗୃହ, ଏସ୍‌ସିଏସ୍‌ଟି, ସ୍ୱାସ୍ଥ୍ୟ, ଅବକାରୀ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଗଣଶିକ୍ଷା, ଆଇନ, ସମବାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଦକ୍ଷତା ବିକାଶ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସଂଯୋଜନା, ସାଧାରଣ ପ୍ରଶାସନ ଏବଂ ଶ୍ରମ ବିଭାଗ ଉପରେ ଅବଶିଷ୍ଟ ଆଇଆର୍ ଏବଂ ପାରା କମେଣ୍ଟ ବକେୟା ଗଡୁଛି।

# ୨୦୦ କୋଟିର ଗଞ୍ଜେଇ ତେଲ ଜବତ

**ଖେଳନା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରୁ ୧୧୪୪ କେଜି ଗଞ୍ଜେଇ ଜବତ**

ନନ୍ଦପୁର/ ପାଡୁଆ,୨୬।୨ (ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲ୍ଲା ନନ୍ଦପୁର ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରୁ ଗୁରୁବାର ପ୍ରାୟ ୨ଶହ କୋଟି ଟଙ୍କାର ଗଞ୍ଜେଇ ବା ହାଶିଶ ତେଲ ପୋଲିସ ଜବତ କରିଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦୁର୍ଗମ ଜଙ୍ଗଲ ଏବଂ ଜଳଘେରି ଗ୍ରାମରେ ଚାଲୁଥିବା ଏକ ଅସ୍ଥାୟୀ କାରଖାନା ଉପରେ ଚଢ଼ାଉ କରାଯାଇ ୧୮ଶହ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଥିବାବେଳେ ଏହି କାରବାରରେ ୫ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଖେଳନା ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଚଢ଼ାଉ କରି ନନ୍ଦପୁର ପୋଲିସ ୧୧୪୪କେଜିର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ସାଧାରଣ ଭାବେ ଗଞ୍ଜେଇକୁ ନିଶା ସେବନ ଭାବେ ବ୍ୟବହାର କରାଯାଉଥିବାବେଳେ ଏଥିରୁ ପ୍ରସ୍ତୁତ ହେଉଥିବା ତେଲର ଔଷଧୀୟ ଗୁଣ ରହିଛି। ଯନ୍ତ୍ରଣା ଉପଶମ ପାଇଁ ଲୋକେ ଏହାକୁ ଦେହରେ ଲଗାଇଥାନ୍ତି। ହେଲେ କେତେଜଣ ଚୋରା ବ୍ୟବସାୟୀ ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଯାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ଗଞ୍ଜେଇ ତେଲ ପ୍ରସ୍ତୁତ କରି ବଜାରକୁ ଚୋରାରେ ଛାଡୁଛନ୍ତି। ଏହାର ଦାମ୍ ସାମାନ୍ୟ ଗଞ୍ଜେଇଠାରୁ ୪୦ଗୁଣ ଅଧିକ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା କହିଛନ୍ତି।

କୋରାପୁଟ ଜିଲ୍ଲାର ପାଡୁଆ ଥାନା ଅଧୀନ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଘେରି ଭିତରେ ଥିବା ଚିତଲପାଡୁ ଗ୍ରାମରେ ବେଆଇନଭାବେ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ☞ପୃଷ୍ଠା-୧୧

# ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ୧୦ କୋଟି ଟପିଲେ




ନୂଆଦିଲ୍ଲୀ,୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ କ୍ଷେତ୍ରରେ ଆଉ ଏକ ସଫଳତାର ସୋପାନ ଅତିକ୍ରମ କରିଛନ୍ତି। ବିଶ୍ୱର ପ୍ରଥମ ରାଜନେତା ଭାବେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଲୋଅର୍ସ ସଂଖ୍ୟା ୧୦ କୋଟି ଟପିଛି। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସ ସଂଖ୍ୟା ତୁଳନାରେ ମୋଦିଙ୍କ ଅନୁଗାମୀ ସଂଖ୍ୟା ଦୁଇ ଗୁଣରୁ ଅଧିକ ରହିଛି। ଇନ୍‌ଷ୍ଟାଗ୍ରାମରେ ଟ୍ରମ୍ପଙ୍କ ୪ କୋଟି ୩୨ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅନ୍ୟ ବୈଶ୍ୱିକ ନେତାଙ୍କ ମଧ୍ୟରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋ ସବିଆନ୍ତୋଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଆ ଡାସିଲ୍‌ଭା ଲୁଲାଙ୍କ ୧୪.୪ ନିୟୁତ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ ଏର୍ଦୋଗାନ୍‌ଙ୍କ ୧୧.୬ ନିୟୁତ ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ଫଲୋଅର୍ସ ସଂଖ୍ୟା ୬.୪ ନିୟୁତ ରହିଛି। ମୋଦି ୨୦୧୪ରେ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଡ଼ି ହୋଇଥିବାବେଳେ ସମୟାନୁସାରେ ତାଙ୍କ ଫଲୋଅର୍ସ ସଂଖ୍ୟା ବଢ଼ି ଚାଲିଛି। ଅନ୍ୟ ଯେକୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ତୁଳନାରେ ଇନ୍‌ଷ୍ଟାଗ୍ରାମରେ ମୋଦିଙ୍କୁ ସର୍ବାଧିକ ଲୋକ ଫଲୋ କରୁଥିବା ଦେଖାଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସାଧାରଣ ସଭା, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି/ସୂଚନା ଭବନ, ସମୟ: ସକାଳ ୮ଟା ୩୦/ ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ତିଥି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଆଚାର୍ଯ୍ୟ ହରିହର ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଓୟୁଟିଆର୍ ପକ୍ଷରୁ ସୋଧ୍ଧାରା ୨୦୨୬, ସ୍ଥାନ: ଓୟୁଟିଆର୍ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ କନ୍‌ଫରେନ୍ସ ୨୦୨୬, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ୍, ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଳିତ ମଞ୍ଚ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ଏବଂ ମନୋଜ ଦାସଙ୍କ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ, ସ୍ଥାନ: ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଇସ୍‌କଫ ପକ୍ଷରୁ ସର୍ବଭାରତୀୟ ସଭାପତି ମଣ୍ଡଳୀକୁ ନିର୍ବାଚିତ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ପୁରୀ**
- ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଦାଶିବ ସଂସ୍କୃତ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାସେବୀ ସଂଗଠନ ଦିବସ ପାଳନ, ସ୍ଥାନ: ନାରୀସେବା ସଦନ, ସମୟ: ଅପରାହ୍ନ ୩ଟା ୩୦।
- ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ରଙ୍ଗଶାଳା ପକ୍ଷରୁ ନାଟକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ନୂତନ ଚନ୍ଦ୍ରାଗଡ଼ି କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଜିମାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଦୁଇ ବରପୁତ୍ର ମନ୍ମଥ-ମନୋଜ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମନ୍ମଥ-ମନୋଜ ଐତିହ୍ୟସ୍ଥଳୀ, ଶଙ୍ଖାରି, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଯୁଗସ୍ରଷ୍ଟା ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ ସଭାଗୃହ, ଶଙ୍ଖାରି, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଭଦ୍ରକ ଟିମ୍ବର ଉମ୍ପର ଆସୋସିଏଶନ ପକ୍ଷରୁ ରେଳରୋକୋ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ:ସକାଳ ୯ଟା।
- ଦିବ୍ୟାଙ୍ଗ ଓ ଦିବ୍ୟାଙ୍ଗଙ୍କ ଅଭିଭାବକଙ୍କ ନିମନ୍ତେ ବ୍ଲକସ୍ତରୀୟ ସଚେତନତା ଶିବିର, ସ୍ଥାନ: ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଚାଷୀ ଆନ୍ଦୋଳନ ଓ ତହସିଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ତହସିଲ କାର୍ଯ୍ୟାଳୟ ସାମ୍ନା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ମାଣ୍ଡିଆ ଚାଷ ସମ୍ପର୍କୀତ କୃଷକ ତାଲିମ ଶିବିର,ସ୍ଥାନ: କୃଷି ପରାମର୍ଶ କେନ୍ଦ୍ର, ପାଟଣା, ସମୟ: ପୂର୍ବାହ୍ନ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଆନନ୍ଦପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଏକଲ ଶ୍ରୀ ହରି ସତ୍‌ସଙ୍ଗ ପ୍ରତିଯୋଗିତା, ସ୍ଥାନ: କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ, ଡିମ୍ବୋ, ସଦର ବ୍ଲକ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କୁ ପାଣି ପମ୍ପ ବଣ୍ଟନ,ସ୍ଥାନ:ଉଦଳା ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫଗୁ ଦଶମୀ ହୋଲି ମହୋତ୍ସବ, ସ୍ଥାନ: ଉଦଳା, ବ୍ଲକ୍ ଡିହିରାକୁଳ ଦୋଳ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ସାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସୀମାଞ୍ଚଳ ମାର୍ଗ, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**
- କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୧ଟା ୩୦।
- ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ଉପରେ କର୍ମଶାଳା, ସ୍ଥାନ: ଫୁଲବାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଗୋପବନ୍ଧୁ ଟାଉନହଲ ସମ୍ମୁଖ, ଗଣେଶ ବଜାର, ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା।

**ଅନୁଗୋଳ**
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତାରୋକୋ, ସ୍ଥାନ ଅନୁଗୋଳ ଟ୍ରାଫିକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଦୋଳଯାତ୍ରା ମହୋତ୍ସବର ଶତବାର୍ଷିକୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଗଦାନ, ସ୍ଥାନ: ଅନୁଗୋଳ କିଶୋରନଗର ଧଉରାପାଲି, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ଫଗୁ ଦଶମୀ ଓ ଦୋଳ ମେଳଣ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଏନ୍‌ସି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ପଦଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରୁ ପଠାଣୀ ସାମନ୍ତଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଦ୍ୱିତୀୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ନିୟମରାଜା ପରବ, ସ୍ଥାନ: ଧଙ୍ଗରାଭଟା ଶିଖର, ନିୟମଗିରି ପାହାଡ଼, ସମୟ: ସକାଳ ୮ଟା।
- ବିଜେଡିର ବିଶାଳ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ସକାଳ ୯ଟା ୩୦।
- ବୁଡ଼ିବାଲି ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ:ସ୍କୁଲ ପରିସର,ଚନ୍ଦ୍ରପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ପୋଷ୍ୟ ପୁତ୍ର ଗ୍ରହଣ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଜିଲାସ୍ତରୀୟ ଦିବ୍ୟାଙ୍ଗଙ୍କ ପାଇଁ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ, ଜୟପୁର, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗଙ୍କ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ନନ୍ଦପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ରୋଟାରି କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାଲକାନଗିରି ଟାଉନ ହଲ୍, ସମୟ: ସକାଳ ୯ଟା।

**ସମ୍ବଲପୁର**
- ସମ୍ବଲପୁର ସେଲେବ୍ରିଟି ଲିଗ-୨୦୨୬ର ପଡିଆ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ହାୱା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୭ଦଫା ଦାବିରେ ରାସ୍ତା ଅବରୋଧ, ସ୍ଥାନ: ଅଇଁଠାପାଲି ଛକ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।
- ପୂର୍ବତନ ବିଧାୟିକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : କଚେରି ଛକ ନିକଟସ୍ଥ ମହାନଦୀ କ୍ଲବ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାରତୀୟ ଭାଷା ଅଭିଯାନ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।

**ବଲାଙ୍ଗୀର**
- କଳିଙ୍ଗ ହର୍ବାଲ ମେଳାର ତୃତୀୟ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ନିତେଇ ଧୋବଣୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଜାଗର ମେଳା, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ସକାଳ ୮ଟା।
- ରାଉରକେଲା ହୋଟେଲ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ସ୍ଥାନ: ସିଭିଲ ଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ ସ୍ୱଦେଶୀ ମେଳା-୨୦୨୬ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୧୩ ମେଳଣ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର, ସ୍ଥାନ: କରମଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ପୂର୍ବାହ୍ନ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଶ୍ୟାମ ମନ୍ଦିର, ଭଟଲି, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଜନଗଣନା ତାଲିମ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଡିଗ୍ରୀ କଲେଜରେ 'ଭି ଫେଷ୍ଟ ୪.୦'ର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ରାଧାକୃଷ୍ଣ ପୂଜା, କଳସ ଯାତ୍ରା, କଂସ ଦରବାର, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ନାଳପଡ଼ିଆ ମହୁଲଡ଼ିପା ସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ବରିଷ୍ଠ ନାଗରିକଙ୍କ ପାଇଁ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ମଡେଲ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବୀରମହାରାଜପୁର ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବଙ୍କ ସମେତ ସାତ ହରିହରଙ୍କ ପଞ୍ଚଦୋଳ ଆରମ୍ଭ, ସ୍ଥାନ: ଚମ୍ପାମାଳ ମହାଦେବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ କ୍ରିଷ୍ଣା ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ଗାଁ, ସମୟ: ପ୍ରାତଃ ୪ଟା ୪୫।

**ଝାରସୁଗୁଡ଼ା**
- ଆଧାର ସଂଶୋଧନ କାର୍ଯ୍ୟକ୍ରମ, ସ୍ଥାନ: କନକତୋରା ପୋଷ୍ଟ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଧନୁଯାତ୍ରା କଂସ ଦରବାର, ସ୍ଥାନ: ପୋଖରାସାଲେ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା।

## 'ନ୍ୟାୟପାଳିକାରେ ଦୁର୍ନୀତି'...

**ପ୍ରଥମ ପୃଷ୍ଠାରୁ...**

ସାମାଜିକ ବିଜ୍ଞାନ ବହିକୁ ବ୍ୟାନ୍ କରାଯିବା ପରେ ସଦ୍ୟ ବିବାଦର ଆପାତତଃ ଅବସାନ ଘଟିଛି। ତେବେ ସୁପ୍ରିମକୋର୍ଟ ଏହାର ତଦନ୍ତ କରାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ପଷ୍ଟ କରିଛନ୍ତି। ସିଜେଆଇଙ୍କ ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ କହିଛନ୍ତି, ସମ୍ପୂର୍ଣ୍ଣ ପ୍ରକରଣକୁ ଦେଖିଲେ ବୁଝାପଡୁଛି ଯେ, ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଥିଲା। ଦେଶର ସାମ୍ବିଧାନିକ ସଂସ୍ଥାକୁ ବଦନାମ କରି ନ୍ୟାୟପାଳିକାର ମର୍ଯ୍ୟାଦା ହାନି କରିବା ଭଳି ଅଭିସନ୍ଧି ଏଥିରେ କାର୍ଯ୍ୟ କରିଛି। ତେଣୁ ପ୍ରକାଶିତ ଓ ଡିଜିଟାଲ ଭର୍ସନରେ ଉପଲବ୍ଧ ଥିବା ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀର ସମସ୍ତ ସାମାଜିକ ବିଜ୍ଞାନ ପୁସ୍ତକକୁ ତତ୍କାଳ ଜବତ କରାଯାଉ। ଏହି ବହି ଯେପରି କାହା ହାତକୁ ନ ଯିବ ଅବିଳମ୍ବେ ସେନେଇ ପଦକ୍ଷେପ ନିଆଯାଉ ବୋଲି ସିଜେଆଇ କହିବା ସହ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଓ ଶିକ୍ଷା ବିଭାଗ ସମ୍ପାଦକଙ୍କୁ ନୋଟିସ କରିଛନ୍ତି। ଏଭଳି ବିବାଦୀୟ ଓ ଆପତ୍ତିଜନକ ବିଷୟ ଛାପିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ବୋଲି ଉଭୟଙ୍କଠାରୁ ଖଣ୍ଡପୀଠ ଉକ୍ତ ନୋଟିସରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

୩ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି, ପର୍ଯ୍ୟାପ୍ତ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିୟଣ୍ଡ୍' ପୁସ୍ତକ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଉଛି। ଆଗକୁ ଏହାର କୌଣସି ମୁଦ୍ରଣ କିମ୍ବା ପ୍ରସାରଣ ହୋଇପାରିବ ନାହିଁ। ସେମାନେ ଏକ ଗୁଳି ଫୁଟାଇଛନ୍ତି, ଯହିଁରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ତେବେ ସାମ୍ବିଧାନିକ ସଂସ୍ଥାର ମୁଖ୍ୟ ଭାବେ ଏହି କାରସାଦି ପଛରେ ଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ଏବଂ ଦଣ୍ଡିତ କରିବା ତାଙ୍କ ଦାୟିତ୍ୱ। ତେଣୁ ଏହାର ଗଭୀର ତଦନ୍ତ କରାଯିବ ବୋଲି ସିଜେଆଇ ସୂର୍ଯ୍ୟ କାନ୍ତ ସ୍ପଷ୍ଟ କରିଛନ୍ତି।

କୁହାଯାଉଛି, ଗଣମାଧ୍ୟମରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ସିଇଆର୍‌ଟି ପକ୍ଷରୁ ବାସ୍ତବରେ ଏପରି ବହି ଛପାଯାଇଛି କି ତାହା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କୁ ପରାମର୍ଶ ଦିଆଯାଇଥିଲା। ସେକ୍ରେଟାରି ଜେନେରାଲଙ୍କ ପ୍ରଶ୍ନର ଉତ୍ତର ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଅତି ଦାୟିତ୍ୱହୀନ ଭାବେ ଦେଇଥିଲେ। ଏଥିରୁ ତାଙ୍କ ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। ପୁସ୍ତକର ବିବାଦୀୟ ଭାଗରେ ଯେଉଁ ଶବ୍ଦ ଓ ଭାଷାର ପ୍ରୟୋଗ କରାଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝିହେଉଛି ଯେ, ଏହା ଅବହେଳା କିମ୍ବା ମୁଦ୍ରଣଜନିତ ତ୍ରୁଟି ନୁହେଁ ଏହା ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ପ୍ରମାଣିତ ହେଲେ ନ୍ୟାୟପାଳିକାର ଭାବମୂର୍ତ୍ତି ମଳିନ କରିବା, ସ୍ୱାଧୀନତା ଓ ସ୍ୱୟଂଶାସିତ କ୍ଷମତାକୁ ଛଡ଼ାଇନେବା ପାଇଁ ଏହା ଏକ ଉଦ୍ୟମ ରୂପେ ଧରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଦାଲତ ଅବମାନନା ଆଇନ, ୧୯୭୧ର ଧାରା ୨(ସି) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ପୁସ୍ତକ ପ୍ରସ୍ତୁତିରେ ନିୟୋଜିତ ଥିବା ୨ ଜଣ ବ୍ୟକ୍ତିଙ୍କୁ ଭବିଷ୍ୟତରେ ମନ୍ତ୍ରଣାଳୟର କୌଣସି କାର୍ଯ୍ୟକଳାପରେ ସାମିଲ କରାଯିବ ନାହିଁ ବୋଲି ମେହେଟ୍ଟା କହିଛନ୍ତି। ପ୍ରକାଶିତ ବିବାଦୀୟ ପୁସ୍ତକର ୩୨ ଖଣ୍ଡ ବଜାରକୁ ଯାଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ପ୍ରସଙ୍ଗରେ ମାର୍ଚ୍ଚ ୧୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଦର୍ଶାଇ କହିଛନ୍ତି, ୧ ଦଶନ୍ଧି ହେଲା ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକର ପୁନଃ ଲିଖନ କରାଯାଉଛି। ଏହି ବିପଜ୍ଜନକ ଧାରା ଆର୍‌ଏସ୍‌ଏସ୍ ବିଚାରଧାରାରୁ ପ୍ରେରିତ। ଖଳ ଓ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏହି ରାକେଟର ତଦନ୍ତ କରାଯିବା ଜରୁରୀ ହୋଇପଡ଼ିଛି। ସେପଟେ ଇସ୍ରାଏଲରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏସବୁ କିଏ ବୁଝୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିବାଦୀୟ ବିଷୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ନ୍ୟାୟପାଳିକାକୁ ଆମେ ଉଚ୍ଚ ସମ୍ମାନ ଦେଉଛୁ। ଅଦାଲତଙ୍କୁ ଅସମ୍ମାନ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ନ୍ୟାୟପାଳିକା ନିଷ୍ପତ୍ତିର ସମ୍ପୂର୍ଣ୍ଣ ଅନୁପାଳନ କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,**
**ମାଇ ମୁହାଁ, ଭାତ ମୁହାଁ,**
**ଏ ନୁହନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି**
**ପୁଅ ଲିଆଖିଆ ପଣ ଛାଡ଼ିନାହିଁ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଧାନ ବିକ୍ରି ଯନ୍ତ୍ରଣା...

କରିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କୁ ଘରକୁ ପଠାଇ ଭାଇ ଦୁର୍ଯ୍ୟୋଧନ ମିଲ୍‌ରେ ଧାନ ଜଗି ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅସୁସ୍ଥ ଅନୁଭବ କରିଥିଲେ, ପରିବାର ଲୋକେ ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭାଇ ତ୍ରିଲୋଚନଙ୍କ ଅସୁସ୍ଥ ଖବର ପାଇ ସେ ମିଲରଙ୍କୁ ଧାନ ତୁରନ୍ତ ନିଅନ୍ତୁ, ଭାଇ ମେଡିକାଲରେ ପଡ଼ିଛନ୍ତି ବୋଲି ବାରମ୍ବାର ନେହୁରା ହୋଇଥିଲେ। ଏହାପରେ ମିଲ୍ କର୍ମଚାରୀ ତାଙ୍କୁ ଶୋଷଣ କରିଥିଲେ। ଧାନ ଅନ୍‌ଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ କୁଇଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏ କାଟିବେ ବୋଲି ମୂଳଚାଲ କରିବା ପରେ ଅନ୍‌ଲୋଡ କରିଥିଲେ ବୋଲି ଦୁର୍ଯ୍ୟୋଧନ କହିଛନ୍ତି।

ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡ଼ି ଶେଷରେ ସହ ସମ୍ପାଦକ ୧ ହଜାର ଟଙ୍କା ନେଇ ରାମଚଣ୍ଡୀ ମିଲ୍‌ରେ ଧାନ ଦେବାକୁ ଟୋକନ୍ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏ ଖରା ଓ କାକରରେ ଅଖିଆ ଅପିଆ ପଡ଼ି ରହିଥିଲୁ। କୁଇଣ୍ଟାଲ ପିଛା ୯ କେଜି ଲେଖାଏ ମିଲରେ ଧାନ କାଟି ରଖିଥିଲେ। ଅନ୍‌ଲୋଡ ପାଇଁ ମିଲର ୩ହଜାର ଟଙ୍କା ନେଇଛନ୍ତି ଓ ୨ଟି ଟ୍ରାକ୍ଟର ଭଡ଼ା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଘଟଣା ସମ୍ପର୍କରେ ଖବର ପାଇ ରାଜନଗର ତହସିଲଦାର ଯିଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲ୍‌ରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି, ଗତ ଜାନୁଆରୀ ୯ ତାରିଖରୁ ଜିଲାରେ ଧାନ ମଣ୍ଡି ଆରମ୍ଭ ହୋଇଛି। ଏହାର ସୁପରିଚାଳନା ପାଇଁ ସାପ୍ତାହିକ ସମୀକ୍ଷା ବୈଠକ ହେଉଛି। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଚାଷୀ ତ୍ରିଲୋଚନ ନାୟକ ଗତ ୧୪ ତାରିଖରେ ୩୮.୯୦ କୁଇଣ୍ଟାଲ ଧାନ ଡାଙ୍ଗମାଳ ପାକ୍ସରେ ବିକ୍ରୟ କରିଛନ୍ତି। ୧୮ ତାରିଖରେ ଦେୟ ବାବଦ ଅର୍ଥ ତାଙ୍କୁ ଦେବାକୁ ବ୍ୟାଙ୍କକୁ ସୁପାରିସ କରାଯାଇଥିଲା। ଏହି ଟଙ୍କା ୨୩ ତାରିଖରେ ତାଙ୍କ ଆକାଉଣ୍ଟରେ ଜମା ହୋଇଛି। ଦୁଃଖର ବିଷୟ, ଗୁରୁବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ଜିଲାପାଳ ଆୟାର କହିଛନ୍ତି। ରାଜନଗର ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଅଭିଯାଗ ସମ୍ପର୍କରେ ରାମଚଣ୍ଡୀ ମିଲ୍ ମାଲିକ ସମୀର କୁମାର ସାହୁଙ୍କ ମୋବାଇଲ ନଂ. ୯୯୩୮୫୪୫୫୪୦କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ନାମାଙ୍କନ ଭରିଲେ...

ନିର୍ବାଚନ ଯଦି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ତେବେ ମାର୍ଚ୍ଚ ୧୬ରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ଟା ମଧରେ ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନମ୍ବର ୫୪ରେ ଭୋଟ ଗ୍ରହଣ କରାଯିବ। ସେହିଦିନ ଭୋଟ ଗଣତି କରାଯାଇ ସନ୍ଧ୍ୟା ୫ଟାରେ ଫଳାଫଳ ଘୋଷଣା କରାଯିବ। ଏହାପରେ ନିର୍ବାଚିତ ବ୍ୟକ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମାର୍ଚ୍ଚ ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

ରାଜ୍ୟ ସଭା ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ସବୁ ରାଜନୈତିକ ଦଳ ନିଜର ପ୍ରତିକ୍ରିୟା ଦେବା ସାଙ୍ଗକୁ ପ୍ରାର୍ଥୀ ଚୟନ କସରତ ଜୋର୍‌ଦାର କରିଛନ୍ତି। ନାମାଙ୍କନ ଦାଖଲ ଲାଗି ଆଉ ମାତ୍ର ୭ ଦିନ ସମୟ ଥିବାବେଳେ ୨ରୁ ୩ ଦିନ ମଧ୍ୟରେ ସବୁ ଦଳ ନିଜର ପ୍ରାର୍ଥୀ ଦେଇପାରନ୍ତି ବୋଲି ଶୁଣିବାକୁ ମିଳିଛି। ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଆସନ୍ତା ୨ ଦିନ ମଧ୍ୟରେ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। କୋର୍ କମିଟି ବୈଠକରେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ହୋଇଛି ତାହା ସଂସଦୀୟ ବୋର୍ଡକୁ ଯାଇଛି। ଶୁକ୍ରବାର ସୁଦ୍ଧା ସଂସଦୀୟ ବୋର୍ଡ ବୈଠକ ବସିବ। ଏଥିରେ ହିଁ ଦଳ କାହାକୁ ରାଜ୍ୟ ସଭା ପଠାଇବ ସେକଥା ଚୂଡ଼ାନ୍ତ ହେବ। ଅବଶ୍ୟ ଏହି ସମୟରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେବାକୁ ଯାଇ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ସମସ୍ତ ପିଏସିର ନେତାମାନେ ଏକତ୍ରିତ ହୋଇ କହିଲେ, ନବୀନବାବୁ ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ଆଉ କିଛି ଆଲୋଚନା ହୋଇନାହିଁ। ଦଳର ସଭାପତି ଯାହାକୁ ପ୍ରାର୍ଥୀ କରିବେ ତାହା ହିଁ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆସନ୍ତା ୨୮ ତାରିଖରେ କଂଗ୍ରେସ ରାଜ୍ୟ ସଭା ବାବଦରେ ନିଷ୍ପତ୍ତି ନେବ। ନବୀନଙ୍କ ସହ ଆଲୋଚନା ପାଇଁ ସମୟ ମାଗିଥିଲେ, ହେଲେ ସେ ଏଯାଏ ଦେଇନାହାନ୍ତି। ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି।

## ବିବାହ ବନ୍ଧନରେ...

ସେହି ବ୍ୟକ୍ତି ଯିଏ ମୋତେ ପ୍ରକୃତ ପ୍ରେମ ଓ ଶାନ୍ତିର ଅନୁଭବ କରାଇଛନ୍ତି ସେ ମୋତେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନିଜ ଉପରେ ବିଶ୍ୱାସ କରିବା ଶିଖାଇଛନ୍ତି। ସତ କହିବାକୁ ଗଲେ, ମୁଁ ତାଙ୍କ ଉପରେ ଗୋଟିଏ ପୂରା ବହି ଲେଖିପାରିବି'' ଅପରପକ୍ଷେ ବିଜୟ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ''ଦିନେ ମୁଁ ତାଙ୍କୁ ଏତେ ମିସ୍ କଲି ଯେ ମୋତେ ଅନୁଭବ ହେଲା ଯଦି ସେ ମୋ ସାଥିରେ ଥାନ୍ତେ, ତେବେ ମୋର ପ୍ରତିଟି କାମ ଆହୁରି ସୁନ୍ଦର ହୋଇଥାନ୍ତା। ମୋତେ ଘର ଭଳି ଶାନ୍ତି ଅନୁଭବ କରିବା ପାଇଁ ତାଙ୍କର ଆବଶ୍ୟକତା ଥିଲା। ତେଣୁ ମୁଁ ମୋର ସବୁଠାରୁ ଭଲ ସାଙ୍ଗକୁ ନିଜର ସ୍ତ୍ରୀ କରିନେଇଛି।'' ଉଭୟଙ୍କ ପୋଷ୍ଟ ପରେ ପ୍ରଶଂସକମାନେ ଏହି ନବଦମ୍ପତିଙ୍କୁ ଶୁଭେଚ୍ଛାରେ ପୋତିପକାଉଛନ୍ତି। ଏହି ଷ୍ଟାର୍ ଯୋଡ଼ିଙ୍କ ଫଟୋ ଏବେ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସଫଳ ହେବେ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିକଲେ ମଧ୍ୟ କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେବ। ପରିବାରର ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** — ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ କାମରେ ସାହାଯ୍ୟ ସହଯୋଗ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କଠୋର ଶ୍ରମ ଓ ସମୟ ବିନିମୟରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ମିଥୁନ** — ସନ୍ତାନ ହେତୁକ ସମସ୍ୟା ଓ ଚିନ୍ତାଧାରାର ବୈଷମ୍ୟତା ମାନସିକ ଅଶାନ୍ତି ସୃଷ୍ଟିକରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏ ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କର୍ମକ୍ଷେତ୍ରରେ ଅର୍ଥପ୍ରାପ୍ତିର ଲାଳସା ନେଇ ସହକର୍ମୀ ଅସୁବିଧାରେ ପକାଇବେ। ବ୍ୟବସାୟ, ପରିବହନ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ** — କର୍ମକ୍ଷେତ୍ରର ଯେକୌଣସି ପରିସ୍ଥିତିରେ ସାମନା କରିବାର ଧୈର୍ଯ୍ୟ ଓ କୌଶଳ ଅକ୍ଷୁଣ୍ଣ ରହିବ। ଦୀର୍ଘଦିନର ଆଶା ଫଳବତୀ ହେବ। ଆବଶ୍ୟକତାନୁସାରେ ଖର୍ଚ୍ଚାନ୍ତ ହେବେ। ଅଫିସ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମିତ ହେବେ। କ୍ରନିକ୍ ରୋଗର ପ୍ରଭାବରେ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମର ସୂଚନା ରହିଛି।

**ସିଂହ** — କୌଣସି ଅଭାବ ନ ଥିଲେ ମଧ୍ୟ କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲାଭ କରିବେ। ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** — ଦୈହିକ ଅସୁସ୍ଥତା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି।

**ତୁଳା** — କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିବେ। ସରକାରୀ ଦପ୍ତରରୁ କୌଣସି ଖବର ମନକୁ ଖୁସି କରାଇ ଦେଇପାରେ।

**ବିଛା** — ଅପୂରଣୀୟ ଆଶା ଓ ଅଭିଳାଷଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗମନାଗମନ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ରହିଥିଲେ ହେଁ ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭ କରିବେ। ଆପଣଙ୍କ ଉନ୍ନତ ଚିନ୍ତାଧାରାନୁଯାୟୀ ଯୋଜନାଟି ଫଳପ୍ରଦ ହୋଇପାରିବ।

**ଧନୁ** — ବନ୍ଧୁଙ୍କ ପ୍ରାୟୋଜିତ କାର୍ଯ୍ୟକଳାପ ପାରିବାରିକ ଅସ୍ଥିରତା ଓ କାର୍ଯ୍ୟହାନିର କାରଣ ହେବ। ସହକର୍ମୀଙ୍କ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ମାନସିକ ଉତ୍ତେଜନା ସୃଷ୍ଟିକରାଇ ଅନର୍ଥ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଗିଡ଼ି ଯାଉଥିବାରୁ ସେଥିପ୍ରତି ଧ୍ୟାନ ରଖିବା ଜରୁରୀ ହୋଇପଡ଼ିବ। ପରିବହନରେ ଝଗଡ଼ା ସ୍ଥାନୀୟ ଲୋକଙ୍କ ଦ୍ୱାରା ସମାଧାନ ହୋଇଯିବ।

**ମକର** — ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁବର୍ଗଙ୍କ ଦ୍ୱାରା ଆହୂତ ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବାର ସୁଯୋଗ ପାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଯାନ୍ତ୍ରିକ ଜିନିଷ କିଣିବାକୁ ମନସ୍ଥ କରିପାରନ୍ତି।

**କୁମ୍ଭ** — ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ। ପାରିବାରିକ ଖର୍ଚ୍ଚର ଭରଣା ସକାଶେ ଧାରକରଜ କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** — ଉପରିସ୍ଥଙ୍କ ପୃଷ୍ଠପୋଷକତାରୁ ସମସ୍ୟା ସମାଧାନ ସକାଶେ ଫଳପ୍ରଦ ଆଲୋଚନାର ସୁଯୋଗ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଈର୍ଷାପରାୟଣ ବ୍ୟକ୍ତି ବିରାଧୀ ମନୋବୃତ୍ତି ପୋଷଣକରି ସକ୍ରିୟ ହୋଇପାରନ୍ତି। ସବୁ କ୍ଷେତ୍ରରେ ଶୁଣାକଥାକୁ ଗୁରୁତ୍ୱ ଦେବା ଠିକ୍ ହେବନାହିଁ।

ଆଜି ଫେବୃଆରୀ ୨୭ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ସ୍ମାର୍ତସମ୍ମତ ଆମଳକୀ ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୧୦ଟ୪୯ ମି. ଗତେ ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଗୃହାରମ୍ଭ, ଗୃହ ପ୍ରବେଶ, ନବବଧୂ ଯାତ୍ରା ଓ ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା.ଘ.୦୬।୧୧ମି. ଗତେ ଘ.୦୬।୫୮ମି. ମଧ୍ୟେ, ଘ. ୦୭।୪୪ମି. ଗତେ ଘ.୦୯।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୨ମି. ଗତେ ଘ. ୧୧।୫ମି. ମଧ୍ୟେ ରାହୁ କାଳ।




# ସୀମାନ୍ତରେ ୨ ମାଓବାଦୀ ନିହତ

ମାଲକାନଗିରି,୨୬।୨(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବନ୍ଧୁକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ ବିଜାପୁର ଜିଲା ଗଙ୍ଗଲା ଥାନା ଅଧୀନ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଖବର ପାଇ ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲୁଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ମାଓବାଦୀ ପୋଲିସ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଅଞ୍ଚଳରେ ଯାଞ୍ଚ କରିବାରୁ ୨ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ ହୋଇଥିବା ବିଜାପୁର ଏସ୍‌ପି ଡ. ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ଏଥିସହ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଏକ ଇନ୍‌ସାସ ରାଇଫଲ ଏବଂ ଏକ ୧୨ ବୋର ରାଇଫଲ, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ପୋଲିସ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଜାରି ରଖିଛି। ୨ ମାଓବାଦୀଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଟିମ୍ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ମାର୍ଚ୍ଚ ୫କୁ ଘୁଞ୍ଚିଲା ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି

## ଓଟିଇଟି ପ୍ରଶ୍ନପତ୍ର ଜାଲିଆତି ଘଟଣା

କଟକ,୨୬।୨(କାର୍ତ୍ତିକ ସାହୁ)

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଜାଲିଆତି ମାମଲାର ୮ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଗୁରୁବାର ଶୁଣାଣି ହୋଇଛି। ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଶୁକ୍ରବାର ସୁଦ୍ଧା ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ପୃଥକ ଭାବେ ଦାଖଲ କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୫କୁ ଧାର୍ଯ୍ୟ ହୋଇଛି। ଏହି ଜାଲିଆତି ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ଡ. ନୀହାର ରଞ୍ଜନ ମହାନ୍ତି, ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀ।

# ୩୯,୫୦୫ ନିଯୁକ୍ତିକୁ ୪୯,୬୩୨ ଅବସର

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ

ଭୁବନେଶ୍ୱର,୨୬।୨
(ରବିନାରାୟଣ ଜେନା)

ରାଜ୍ୟରେ ସରକାରଙ୍କ ବିଭିନ୍ନ ବିଭାଗରେ ଯେତିକି ସଂଖ୍ୟକ ନିଯୁକ୍ତି ହେଉଛନ୍ତି, ତା'ଠାରୁ ଅଧିକ ସଂଖ୍ୟକ ଅବସର ଗ୍ରହଣ କରୁଛନ୍ତି। ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଗତ ୩ବର୍ଷରେ ନିଯୁକ୍ତି ହାରଠାରୁ ଅଧିକ ପ୍ରାୟ ୧୦ହଜାର ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଫେବୃଆରୀ ୨୩ରେ ପ୍ରଦାନ କରିଛନ୍ତି। ବିଜେଡି ସଦସ୍ୟା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୪୯,୬୩୨ ସଂଖ୍ୟକ ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୦,୪୭୪ ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇସାରିଥିବା ବେଳେ ୯୧୫୮ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇପାରିନାହିଁ। ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପ୍ରୋଭିଜନାଲ ପେନ୍‌ସନ ମଞ୍ଜୁର କରାଯିବାର ପ୍ରାବଧାନ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ବିଜେଡି ସଦସ୍ୟ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ୨୦୨୪ ଜୁନ୍ ୧୨ ପରେ ୩୯ହଜାର ୫୦୫ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ବିଭାଗୱାରି ଉତ୍ତରରେ ମୁଖ୍ୟମନ୍ତ୍ରୀ ୨୦୨୧ ଅକ୍ଟୋବର ୮ତାରିଖରୁ ୨୭ଟି ବିଭାଗର ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଗୃହକୁ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ଯେଉଁ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଭିଜିଲାନ୍ସ ମାମଲା, ଆପରାଧିକ ମାମଲା, ବିଭାଗୀୟ ଶୃଙ୍ଖଳାଗତ ଓ ଅନ୍ୟାନ୍ୟ ମାମଲା ବିଚାରାଧନ ରହିଛି ସେହି ସରକାରୀ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନରେ ବିଳମ୍ବ ହେଉଛି। ଏହି ନିଷ୍ପତ୍ତିକୁ ସୁଗମ କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପତ୍ର ୨୦୨୪ ଡିସେମ୍ବର ୨୭ରେ ସମସ୍ତ ପେନ୍‌ସନ ମଞ୍ଜୁରକର୍ତ୍ତା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଅତିକମ୍‌ରେ ଅନୁଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ/ ବରିଷ୍ଠ ଅଧିକାରୀଙ୍କ ଅଧୀନରେ ସ୍ଥାୟୀ ସହାୟତା କେନ୍ଦ୍ର ଖୋଲିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଉକ୍ତ ସହାୟତା କେନ୍ଦ୍ର ମାଧ୍ୟମରେ ଆବେଦନକାରୀମାନେ ପେନ୍‌ସନ ପାଇଁ ଉପଯୁକ୍ତ ସମୟରେ ଆବେଦନ କରିପାରିବା ସହ ସେ ସମ୍ବନ୍ଧୀୟ ଜିଜ୍ଞାସା, ସଂଶୟ ଦୂର ପାଇଁ ସହାୟତା ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ତଥ୍ୟରେ ଗୃହକୁ ଦର୍ଶାଇଛନ୍ତି।

# ବ୍ରହ୍ମପୁର: ଏକାଧିକ ବିଲ୍‌ଡରଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର,୨୬।୨
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏକାଧିକ ବିଲ୍‌ଡରଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ ହୋଇଛି । ଲାଞ୍ଜିପଲି ଗଣେଶ ନଗରରେ ବିଲ୍‌ଡର କାଳୀ ଚରଣ ଦାସଙ୍କ ଘରେ ଚଢ଼ାଉ ହୋଇଥିବାବେଳେ ଲାଞ୍ଜିପଲି ଡିପ ସାହିର ଶରତ ବେହେରାଙ୍କ ଘରେ ଚଢ଼ାଉ ହୋଇଛି। ଗୁରୁବାର ସନ୍ଧ୍ୟାରେ ଇଡିର ଏକାଧିକ ଟିମ୍ ବ୍ରହ୍ମପୁରରେ ପହଞ୍ଚି ଏହି ଚଢ଼ାଉ ଜାରି ରଖିଛନ୍ତି। କେଉଁ କାରଣରୁ ଏହି ଚଢ଼ାଉ ହୋଇଛି ତାହା ଜଣାପଡ଼ି ନାହିଁ। ଆର୍ଥିକ ହେରଫେରକୁ କେନ୍ଦ୍ର କରି ଏହି ଚଢ଼ାଉ ହୋଇଥିବା ସନ୍ଦେହ କରାଯାଇଛି।

# ଚାଷୀ ଆତ୍ମହତ୍ୟା ନେଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି




## ମନ୍ତ୍ରୀ କହିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ଧାନ ସଂଗ୍ରହ ପ୍ରକ୍ରିୟା ରାଜ୍ୟରେ ଭୁଶୁଡ଼ି ପଡ଼ିଛି। ଏଭଳି ସମସ୍ୟା କାରଣରୁ କେନ୍ଦ୍ରାପଡ଼ା ଜିଲା ରାଜନଗରର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ ରାଜନଗରର ଚାଷୀଙ୍କୁ ଆତ୍ମହତ୍ୟା କରିବାକୁ ପଡିଛି। ତେଣୁ ଯୋଗାଣ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ। ରାଜ୍ୟ ଭାଜପା ସରକାରର ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଛି। ରାଜ୍ୟ ସରକାର କେବଳ ନିଜ ପିଠି ନିଜେ ଥାପୁଡେଇବାରେ ଲାଗିଛନ୍ତି। ଧାନ ସଂଗ୍ରହରେ ବିଫଳତା ଲାଗି ହିଁ ଜଣେ ଚାଷୀ ଆତ୍ମହତ୍ୟା କଲେ। ଗତ ଜାନୁଆରୀ ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟ୍‌ନୀ ଛଟ୍‌ନୀରେ ତାଙ୍କର ପ୍ରତି କୁଇଣ୍ଟାଲ ପିଛା ୬ କେଜି ଲେଖା କଟାଯାଇଛି। ଏହାସହ ଧାନ ବିକ୍ରି ଲାଗି ତାଙ୍କୁ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡ଼ିଥିଲା ବୋଲି ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଉପସ୍ଥିତ ଥିଲେ। ବିଜେଡିର ଖବରଦାତା ସମ୍ମିଳନୀ ନେଇ ଯୋଗାଣ ମନ୍ତ୍ରୀ ପାତ୍ର କହିଛନ୍ତି, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୃଙ୍ଖଳା ସହ ସାଲିସ ହେବନାହିଁ: ଭକ୍ତ



ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ।

## ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୨୬।୨
(ରବିନାରାୟଣ ଜେନା)

କଂଗ୍ରେସ ସବୁବେଳେ ସତ୍ୟ ଓ ଅହିଂସା ଉପରେ ବିଶ୍ୱାସ କରେ। ଦଳରେ କର୍ତ୍ତବ୍ୟ ପରାୟଣତାକୁ ସବୁବେଳେ ଗୁରୁତ୍ୱ ଦିଆଯାଇ ଆସୁଛି। ହେଲେ ଶୃଙ୍ଖଳାକୁ କୌଣସି ପରିସ୍ଥିତିରେ ସାଲିସ କରାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ଭକ୍ତ କହିଛନ୍ତି, ଦଳର ଦାୟିତ୍ୱ ନେବା ଦିନଠାରୁ ଦଳକୁ କିଭଳି ଆଗକୁ ସୁସଙ୍ଗଠିତ କରାଯିବ ତାହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଦଳରେ କେହି କେନ୍ଦ୍ରୀୟ ନେତୃତ୍ୱ ଉପରେ ପ୍ରଶ୍ନ କରିବେ ତାକୁ ଛାଡ୍ ଦିଆଯିବ ନାହିଁ। ସବୁ ଦଳରେ ମତଭେଦ ରହିଛି। ଭାଜପା ଏବଂ ବିଜେଡିରେ ବହୁ ମତଭେଦ ରହିଥିଲେ ହେଁ ତାହାସବୁ ବାହାରକୁ ଆସୁନାହିଁ। ହେଲେ କଂଗ୍ରେସରେ ସବୁବେଳେ ସଙ୍ଗଠନକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କଂଗ୍ରେସ ଏକ ବିଚାରଧାରା ବୋଲି କହିଥିଲେ। ସେ କହିଥିଲେ, ଦେଶର ୯୪ ପ୍ରତିଶତ ଲୋକଙ୍କ ପାଇଁ ବ୍ୟାଙ୍କରେ ଚାବି ପଡ଼ିଛି। ଯଦି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇ କୋଇଲା ଉପରେ ସେସ୍ ଲାଗୁ କରାଯାଆନ୍ତା ତେବେ ଓଡ଼ିଶାକୁ ପ୍ରତିବର୍ଷ ୧ଲକ୍ଷ କୋଟିରୁ ଅଧିକ ଟଙ୍କା ରାଜସ୍ୱ ମିଳିପାରନ୍ତା। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଜୟଦେବ ଜେନା ଯେଉଁ କୋଇଲା ରୟାଲଟି ପ୍ରସଙ୍ଗ ଉଠାଇଛନ୍ତି ତାକୁ ନିଶ୍ଚିତ ଭାବେ ଗୃହରେ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ 'ହେମାନନ୍ଦଙ୍କୁ କ୍ରାଇସିସ୍ ମ୍ୟାନେଜର' ଭାବେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ନିରଞ୍ଜନ ପଟ୍ଟନାୟକଙ୍କ ସହ ସନ୍ତୋଷ ସିଂହ ସାଲୁଜା, ଅନନ୍ତ ସେଠୀ, ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ ପଟ୍ଟନାୟକ ଏବଂ ହେମାନନ୍ଦଙ୍କ ସହଧର୍ମିଣୀ ଊର୍ମିଳା ବିଶ୍ୱାଳ ପ୍ରମୁଖ ଯୋଗଦେଇ ହେମାନନ୍ଦଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭକ୍ତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି।

# ପିଏସି କାହିଁକି



ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ।

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ବିଜେଡିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସମୟ ଧରି ହୋଇଥିବା ପିଏସି ବୈଠକରେ ବହୁତ ରାଜନୈତିକ ଦିଗ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ନିର୍ବାଚନ ଉପରେ ପିଏସିରେ ହୋଇଥିବା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା ଶୁଣି ବିଜେଡି ଭିତରୁ ଧୀରେ ଧୀରେ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରମିଳା କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ସେକଥା ଦଳର ସଭାପତି ନିଷ୍ପତ୍ତି ନେବେ। ସମସ୍ତ ପିଏସି ସଦସ୍ୟ ମିଳିତ ଭାବେ ଏହି ପ୍ରସ୍ତାବ ନବୀନଙ୍କୁ ଦେଇଛନ୍ତି। ସମସ୍ତେ ନବୀନଙ୍କୁ କହିଛନ୍ତି, ଯାହା ସେ ଚୂଡ଼ାନ୍ତ କରିବେ ସମସ୍ତେ ତାକୁ ମାନିନେବେ। ଦଳର କେତେଜଣ ବରିଷ୍ଠ ନେତା ନିଜ ନାମ ଗୋପନ ରଖି ପ୍ରମିଳାଙ୍କ ପ୍ରତିକ୍ରିୟାକୁ ନେଇ କହିଛନ୍ତି, କିଏ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବେ ସେହି ନିଷ୍ପତ୍ତି ଯଦି ପିଏସିରେ ଚୂଡ଼ାନ୍ତ ହେଲା ନାହିଁ ତେବେ ବୈଠକ ବସିଲା କାହିଁକି। ରାଜନୈତିକ ବ୍ୟାପାର କମିଟିର ତେବେ କାମ କ'ଣ ରହିଲା। ରାଜନୈତିକ ବ୍ୟାପାର କମିଟି ଥାଇ ନ ଥିଲା ଭଳି ହୋଇଯାଉଛି। ତେବେ ଆଗକୁ ଯିଏ ରାଜ୍ୟ ସଭାକୁ ବିଜେଡିରୁ ଯିବେ ତା'ର ନିଷ୍ପତ୍ତି ନବୀନ କାହା ସହ ଆଲୋଚନାକରି ନେବେ, ସେକଥା ଦଳର ସଭାପତି ସ୍ପଷ୍ଟ କରନ୍ତୁ। ପିଏସି କ'ଣ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ହୋଇଛି।

ଅନ୍ୟପଟେ ଗୁରୁବାରଠାରୁ ରାଜ୍ୟ ସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ଆସନ୍ତା ୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ତେଣୁ ଏହା ଭିତରେ ୪ର୍ଥ ଆସନକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଛି ସେ ବିଷୟରେ ବିଜେଡି କିଛି ନିଷ୍ପତ୍ତି ନେବ ବୋଲି ରାଜନୈତିକ ମହଲରେ ଅନେକଙ୍କ ଅପେକ୍ଷା ରହିଥିଲା। ପ୍ରତ୍ୟକ୍ଷ ବା ପରୋକ୍ଷରେ ଯେପରି ୪ର୍ଥ ଆସନ ଭାଜପାକୁ ଯିବା ଭଳି ବାଟ ତିଆରି କରା ନ ଯିବ ସେଥିପାଇଁ କିଛି ପ୍ରତିକ୍ରିୟା ବିଜେଡି ପକ୍ଷରୁ ଆସିବ ବୋଲି ଅନୁମାନ ମଧ୍ୟ କରାଯାଉଥିଲା। କାରଣ ନିକଟରେ ଦଳର ବରିଷ୍ଠ ନେତା ଅରୁଣ କୁମାର ସାହୁ ମଧ୍ୟ ଏହି କଥା ଦୋହରାଇଥିଲେ। ୪ର୍ଥ ଆସନ ଭାଜପାକୁ ନ ଯିବା ଦରକାର ବୋଲି ସେ ତାଙ୍କ ବ୍ୟକ୍ତିଗତ ମତ ଜଣାଇଥିଲେ। ଅରୁଣ ପିଏସିରେ ନାହାନ୍ତି। ଯେଉଁମାନେ ପିଏସିରେ ଅଛନ୍ତି, ସେମାନେ ଏ ବିଷୟରେ ଯଦି ନବୀନଙ୍କ ସାଙ୍ଗରେ ଆଲୋଚନା କରିଥିବେ, ତେବେ ଏହା ନିର୍ବାଚନ ଭିତରେ ନିଶ୍ଚିତ ପ୍ରତିଫଳିତ ହେବ। ଭାଜପା ପକ୍ଷରୁ ମଧ୍ୟ ୨ ଦିନ ମଧ୍ୟରେ ପ୍ରାର୍ଥୀ ଘୋଷଣା ହୋଇଯିବ ବୋଲି କୁହାଯାଇଛି। ତେଣୁ ଭାଜପା ଯଦି ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରେ ତେବେ ଗୋଟିଏ କଥା ବୁଝିନେବାକୁ ହେବ, ଶାସକ ଦଳ ହାରିବା ଭଳି କିଛି ବାଟ ରଖି କାମ କରି ନ ଥିବ।

ଅନ୍ୟପକ୍ଷରେ ରାଜ୍ୟରେ ଯେହେତୁ ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି ଶାସକ ଦଳକୁ ସବୁ କ୍ଷେତ୍ରରେ ଅଟକାଇବା ପାଇଁ ସେମାନେ ପ୍ରଥମ ଉଦ୍ୟମ କରିବା କଥା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ମଧ୍ୟ ରାଜ୍ୟ ସଭା ନିର୍ବାଚନ ନେଇ ନବୀନଙ୍କୁ ଭେଟିବାକୁ ସମୟ ଲୋଡ଼ିଛନ୍ତି, ହେଲେ ତାଙ୍କୁ ଏଯାଏଁ କିଛି ପ୍ରତ୍ୟୁତ୍ତର ମିଳି ନ ଥିବା ଜଣାପଡ଼ିଛି। ପୂର୍ବରୁ ଅନେକ ସମୟରେ ସମଦୂରତା କଥା କହି ବିଜେଡି ନିଜକୁ ସୁରକ୍ଷିତ ରଖିବା ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରିଛି। ମାତ୍ର ସେଭଳି ସବୁ ନିଷ୍ପତ୍ତିରେ ଭାଜପାକୁ ପରୋକ୍ଷରେ ସୁହାଇବା ଭଳି ହୋଇଛି। ଏଥର ନବୀନଙ୍କ ଆଭିମୁଖ୍ୟ ରାଜ୍ୟ ସଭାରେ ଭାଜପାକୁ ସୁହାଇବା ଭଳି ହେବ ନା ନାହିଁ, ସେହି କଥା ଉପରେ ହିଁ ରାଜ୍ୟର ବହୁ ବିଜେଡି ନେତା ଅପେକ୍ଷା କରି ରହିଛନ୍ତି। ଆଗକୁ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି କୌଣସି ଦଳ ପାଖରେ ଯଥେଷ୍ଟ ସଂଖ୍ୟା ନାହିଁ। ଯଦି ବିଜେଡି ସମଦୂରତା କଥା କହିଦିଏ, ତେବେ ଭାଜପା ସହଜରେ ୩ଟି ଆସନରେ ବିଜୟୀ ହେଇଯିବ। ନଚେତ୍ ନବୀନଙ୍କ ସମର୍ଥନରେ ୪ର୍ଥ ଆସନ ଭାଜପା ଜିତିଯାଇପାରିବ। ଏପରି ନ ହୋଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ମିଳିତ ପ୍ରାର୍ଥୀ ଦେଇ ଶାସକ ଦଳକୁ ରୋକିବାର ଆଉ ଏକ ରାସ୍ତା ରହିଛି। ରାଜ୍ୟର କୋଣ ଅନୁକୋଣରେ ବିଜେଡି କର୍ମୀମାନେ ଭାଜପା ସହ ତାଙ୍କ ଦଳର ସମ୍ପର୍କ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନେକଙ୍କ ଆଶା ଥିଲା, ପିଏସି ବୈଠକରେ ଏଭଳି ଏକ ବିଷୟ ଉପରେ ନିଶ୍ଚିତ ଚର୍ଚ୍ଚା ହୋଇପାରେ, ମାତ୍ର ଏମିତି କିଛି ହୋଇ ନ ଥିବା ଜଣାପଡ଼ିଛି।

# ୫ରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ୍ ଶାହା

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)



ଆସନ୍ତା ୫ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଶାହା ମାର୍ଚ୍ଚ ୫ ତାରିଖ ସନ୍ଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିବେ। ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଲିସ୍ଥିତ ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନରେ ଜଟଣୀଠାରେ ଜାତୀୟ ଫୋରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍‌ଏଫ୍‌ଏସ୍‌ୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ ବିଜ୍ଞାନ ପରୀକ୍ଷାଗାର (ସିଏଫ୍‌ଏସ୍‌ଏଲ୍)ର ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସି ମାଧ୍ୟମରେ ଏନ୍‌ଏଫ୍‌ଏସ୍‌ୟୁ ଟ୍ରାନ୍‌ଜିଟ କ୍ୟାମ୍ପସ, ଭୁବନେଶ୍ୱରର ଉଦ୍‌ଘାଟନ କରିବେ। ଏହାପରେ ଶାହା ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭାଗର ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀଙ୍କ ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସରେ ଯୋଗଦାନକୁ ଦୃଷ୍ଟିରେ ରଖି ଗୋଡ଼ିସାହିରୁ ମୁଣ୍ଡୁଳି ରାସ୍ତାର ବ୍ଲାକ ଟପିଂ ସହିତ ଆଲୋକୀକରଣ, ପରିଷ୍କାର ପରିଚ୍ଛନ୍ନତା ଓ ଆବଶ୍ୟକ ସୌନ୍ଦର୍ଯ୍ୟକରଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆଭାସି ମାଧ୍ୟମରେ କଟକ ଜିଲାପାଳ ଯୋଗଦେଇଥିଲେ।

# ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ



ମଲ୍ଲିକା ହରିପାଲ

ସମ୍ବଲପୁର,୨୬।୨
(ଭବାନୀ ଶଙ୍କର ଭୋଇ)

ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କ ସ୍ତ୍ରୀ ମଲ୍ଲିକା ହରିପାଲଙ୍କ ଗୁରୁବାର ଅପରାହ୍ନ ୪ଟା୩୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ଖାଦ୍ୟପେୟ ବନ୍ଦ ହୋଇଯିବାରୁ ସେ ଦୁର୍ବଳ ହୋଇଯାଇଥିଲେ। ବୁଧବାର ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତିକରାଯାଇ ଚିକିତ୍ସା କରାଯାଉଥିଲା। ଶେଷରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀର ଷ୍ଟେଶନପଡ଼ାସ୍ଥିତ ବାସଭବନ ଅଣାଯାଇଛି। ଶୁକ୍ରବାର ସକାଳେ ମନ୍ଦଲିଆସ୍ଥିତ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ହରିପାଲଙ୍କ ଜୀବନ ସଂଘର୍ଷରେ ମଲ୍ଲିକା ସବୁବେଳେ ସାଥିରେ ଛିଡ଼ା ହୋଇଥିଲେ। ଡ. ଜିତେନ୍ଦ୍ର ହରିପାଲଙ୍କ ୨ ପୁଅ ଏବଂ ୩ ଝିଅ ଅଛନ୍ତି। ମଲ୍ଲିକାଙ୍କ ପରଲୋକରେ କଳାପ୍ରେମୀ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

15001/3/2526



ଓଡ଼ିଶା ସରକାର

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୭ ଫେବୃଆରୀ, ୨୦୨୬

ସକାଳ ଘ. ୮. ୩୦ ମିନିଟ୍ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ
ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ବିଧାୟକ, ପିପିଲି

ମୁଖ୍ୟବକ୍ତା
ଡ. ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଆଚାର୍ଯ୍ୟ ବିହାର ପରିଷଦ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/15001/2/25-26/0003

ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି।-ଶ୍ରୀଅରବିନ୍ଦ

-ପାପ ନାଶିନୀ ଏକାଦଶୀ
ଉପବାସ ଓ ହଳ ନିଷେଧ



# ସୁରକ୍ଷାର କବଚ ବିକାଶ



ଆଲେକ୍‌ଜାଣ୍ଡର ଡି କ୍ରୁ

ଚଳିତବର୍ଷ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଭୂରାଜନୈତିକ ସ୍ଥିତି, ପ୍ରଭାବର କ୍ଷେତ୍ର, ନାଟୋର ଭବିଷ୍ୟତ ତଥା ପ୍ରତିରକ୍ଷା ବଜେଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିନ୍ତୁ ଏହି ଆଲୋଚନା ଯେତିକି ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ସେଭଳି କାର୍ଯ୍ୟକାରୀ ହୋଇନାହିଁ। ବିଶ୍ୱ ଏବେ ସମ୍ପୂର୍ଣ୍ଣ ଭାବେ ବିଭାଜିତ ଏବଂ ଏଭଳି ସ୍ଥିତିରେ ସୁରକ୍ଷା କହିଲେ କେବଳ ଟ୍ୟାଙ୍କ ଓ ଚୁକ୍ତିକୁ ବୁଝାଏ ନାହିଁ। ଦୃଢ଼ ଓ ବିଶ୍ୱସନୀୟ ଭାଗୀଦାରି, ସହନୀୟ ବ୍ୟବସ୍ଥା ତଥା କାର୍ଯ୍ୟରତ ସଂସ୍ଥାଗୁଡ଼ିକ ଉପରେ ସୁରକ୍ଷା ନିର୍ଭର କରେ। ସମାଜକୁ ଆହ୍ୱାନ ସାମ୍ନା କରିବା ପାଇଁ ଏସବୁ ଶକ୍ତି ଯୋଗାଇଦିଏ। ଏ ଦୃଷ୍ଟିରୁ ବୁଝିବାକୁ ଗଲେ, ଅନ୍ତର୍ଜାତୀୟ ବିକାଶ କେବଳ ସଫ୍ଟ ପାୱାର (ବୁଝାଶୁଝା ଓ ଆକର୍ଷଣ ମାଧ୍ୟମରେ ପ୍ରଭାବ ପକାଇବା)ର ଫର୍ମୁଲା ନୁହେଁ, ବରଂ ହାର୍ଡ ପାୱାର (ସେନା ଓ ଅର୍ଥନୀତି ଭୟ ଦେଖାଇ ପ୍ରଭାବ ବିସ୍ତାର କରିବା) ଏବଂ ଭବିଷ୍ୟତରେ ଧମକକୁ ଦୁର୍ବଳ କରିବାରେ ଏହା ହେଉଛି ସବୁଠୁ ପ୍ରଭାବୀ ପଦକ୍ଷେପ।

ବିକାଶ ହେଉଛି ସୁରକ୍ଷାର ଆଧାର ବୋଲି ଏଯାବତ୍ ସଂଖ୍ୟାଧିକ ନେତା ସ୍ୱୀକାର କରିପାରିନାହାନ୍ତି। ସେମାନେ ବିକାଶ ସହାୟତାକୁ ଦାନ ଭାବେ ଦେଖୁଛନ୍ତି। ସେମାନେ ଏହାକୁ ପ୍ରକୃତ ପ୍ରତିରକ୍ଷାର କାର୍ଯ୍ୟ ବଦଳରେ ଏକ ଲକ୍‌ଜୁରୀ ବିଷୟ ବୋଲି ଭାବନ୍ତି। ଏ ପ୍ରକାର ମାନସିକତା ସଂଘର୍ଷର ଅନେକ କାରଣ ସମ୍ପର୍କରେ ନୀତି ନିର୍ଦ୍ଧାରକଙ୍କୁ ଅଜଣା ରଖି ସ୍ଥିରତାକୁ ଦୁର୍ବଳ କରିଦିଏ। ଯେ ପର୍ଯ୍ୟନ୍ତ ଆମେ ହିଂସାର ମୂଳ କାରଣକୁ ଅଣଦେଖା କରୁଥିବା, ସେ ପର୍ଯ୍ୟନ୍ତ ଜୀବନରେ ଅଧିକ କ୍ଷତି ସହିବା ସହ ଟିକସ ଦେଉଥିବା ଏବଂ ସମୃଦ୍ଧି ହାସଲ କରିପାରିବା ନାହିଁ। ଏକ ରଣନୀତିକ ସାଧନ ଭାବେ ଆମେ ଯଦି ଫାଇଟର ଜେଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ରଦ୍ଦ କରିବା ; ଯଦି କେବଳ ମିଶାଇଲ ପାଇଁ ଅର୍ଥ ସଂଗ୍ରହ କରି ଜଳ ଓ ବିଦ୍ୟୁତ୍ ପାଇଁ ତାହା ନ କରିବା, ତେବେ ଆମେ ସମାଜକୁ ରକ୍ଷା କରିପାରିବା ନାହିଁ। ଆମେ ଏବେ ସେଗୁଡ଼ିକୁ ଦୁର୍ବଳ କରୁଛୁ।

ପ୍ରତିରକ୍ଷା ବ୍ୟୟର ଗୁରୁତ୍ୱ ରହିଛି ଏବଂ ଏବକାର ପୃଥିବୀରେ ମିଲିଟାରି କ୍ଷେତ୍ରରେ ନିବେଶ ବୃଦ୍ଧି କରିବା ଏକ ବୈଧ ନୀତି ହୋଇଯାଇଛି। କିନ୍ତୁ ବିକାଶ କ୍ଷେତ୍ରରେ ସମାନ୍ତରାଳ ଭାବେ ନିବେଶ ନ କଲେ, ଏହା ଏକ ଅଧୁରା ସୁରକ୍ଷା ରଣନୀତି ହେବ। ତେବେ ମାନବ କଲ୍ୟାଣ ବଦଳରେ ତୁମେ ବ୍ୟାବହାରିକ ରାଜନୀତି କିମ୍ବା ନୀତି ଉପରେ କେତେ ସଚେତନ ତାହା ତଥ୍ୟରୁ ସ୍ପଷ୍ଟ ହୁଏ। ନିକଟରେ ୱାନ୍ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ବିକାଶ ଏବଂ ଯୁଦ୍ଧ ଦୂର କରିବା ପାଇଁ ନିବେଶ କରାଯାଉଥିବା ପ୍ରତିଟି ଡଲାର ଭବିଷ୍ୟତରେ ସେନା ଆକ୍ରମଣଠାରୁ ଆରମ୍ଭ କରି ମାନବୀୟ ପଦକ୍ଷେପ ଓ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବଯାଏ, ସବୁଥିରେ



ହେବାକୁ ଥିବା କ୍ଷତିରେ ୧୦୩ ଡଲାର ବଞ୍ଚାଇପାରିବ। ଯେ କୌଣସି ବୈଶ୍ୱିକ ସୁରକ୍ଷା କ୍ଷେତ୍ରରେ ତୁମେ ବେଶି ଲାଭ ପାଇବ ଏବଂ ଏହିପରି ଭାବେ ସରକାର ଏହାକୁ ସବୁଠୁ ଯୁକ୍ତିଯୁକ୍ତ ନିବେଶ ଭାବେ ପସନ୍ଦ କରିପାରିବେ।

ମିଲିଟାରି ହସ୍ତକ୍ଷେପ ହେଉ ବା ନକାରାତ୍ମକ ଆର୍ଥିକ ପ୍ରଭାବ କିମ୍ବା ଜରୁରିକାଳୀନ ସହାୟତା, ଏସବୁକୁ ରୋକିବାରେ ବିଫଳତା ଯୋଗୁ ସବୁବେଳେ କ୍ଷତି ସହୁଛେ। ଧର୍ମୀୟ, ବିଚାରଗତ ତଥା ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କରାଯାଉଥିବା ହିଂସା, ଅନିୟମିତ ପ୍ରବାସନ କିମ୍ବା ବ୍ୟବସ୍ଥା ଭୁଶୁଡ଼ିପଡ଼ିବା ସ୍ଥିତିକୁ ରୋକିବାରେ ଆକାଶମାର୍ଗରୁ ଆକ୍ରମଣ ଓ କଟକଣା ଏକମାତ୍ର ସମାଧାନର ବାଟ ନୁହେଁ।

ଏହିସବୁ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଯେତେବେଳେ ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା, ବିଦ୍ୟୁତ୍, ମୌଳିକ ସେବା ଏବଂ ଚାକିରି ଭବିଷ୍ୟତକୁ ଦେଖିପାରିଛନ୍ତି, ସେତେବେଳେ ଏହିସବୁ ସମସ୍ୟା ପୂରା ନିୟନ୍ତ୍ରିତ ହୋଇଛି ଏବଂ ଶେଷରେ ଦୂର ହୋଇଛି। ଯଦି ଆମ ସୁରକ୍ଷା ସିଦ୍ଧାନ୍ତରେ ବିକାଶକୁ ଗୁରୁତ୍ୱ ଦେବା ନାହିଁ, ତେବେ ଆମେ କ୍ଷତି ସହିଚାଲିବା। ଡ୍ରୋନ୍ ସବୁ ସମସ୍ୟର ସମାଧାନ କରିପାରିବ ବୋଲି ଯେଉଁ ବାହାନା କରୁଛେ, ତାହାକୁ ବନ୍ଦ କରିବାକୁ ପଡ଼ିବ ଏବଂ ପାରମ୍ପରିକ ମିଲିଟାରି ଶକ୍ତିର କଟକଣାକୁ ବି ସ୍ୱୀକାର କରିବାକୁ ହେବ। ଲେକ୍ ଚାଦ ବେସିନ (ଏକ ମଧୁରଜଳ ହ୍ରଦର ଅବବାହିକା)ରେ ଅନେକ ବର୍ଷ ଧରି ଲାଗି ରହିଥିବା ସେନା ହସ୍ତକ୍ଷେପ ଚରମପନ୍ଥୀଙ୍କ ହିଂସା ରୋକିବାରେ ବିଫଳ ହେଲା। ସେନା ମାଧ୍ୟମରେ ଅଳ୍ପ କିଛି ହାସଲ ହେଲା, କାରଣ ବେରୋଜଗାର ଯେଭଳି ଥିଲା ସେମିତି ରହିଲା, ସେବା ବିପର୍ଯ୍ୟସ୍ତ ରହିଲା ଏବଂ ବ୍ୟବସ୍ଥା ଠିକ୍ ଭାବେ କାମ କଲା ନାହିଁ। ଝଗଡ଼ା ଥମିଗଲେ ମଧ୍ୟ ଜମି ଚାଷ ହୋଇପାରିଲା ନାହିଁ। ଯେ ପର୍ଯ୍ୟନ୍ତ ବିକାଶ ତ୍ୱରାନ୍ୱିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଅନେକ ହଜାର ଲୋକ ଘରକୁ ଫେରି ସେମାନଙ୍କ ଜୀବିକା ପୁନଃ ନିର୍ବାହ କରିପାରିବେ ନାହିଁ।

ସେହିଭଳି ଇରାକର ଅନେକ ଭାଗ ଯୁଦ୍ଧରେ ବିଧ୍ୱସ୍ତ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ସେମାନଙ୍କ ଅଞ୍ଚଳକୁ କେବଳ ଗୁଳିଗୋଳା ଥମିଯିବା ଯୋଗୁ ଫେରିନାହାନ୍ତି, ବରଂ ବିଦ୍ୟୁତ୍ ଆସିବା ସହ ସ୍କୁଲ ଓ କଲେଜ ଖୋଲିବାରୁ ଫେରିଛନ୍ତି। ବିକାଶ ପଦକ୍ଷେପ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ସହ ଜୀବିକା ସମ୍ଭାବନା ସୃଷ୍ଟି ଯୋଗୁ ସମାଜଗୁଡ଼ିକର ଉନ୍ନତି ଆରମ୍ଭ ହୋଇଛି। ସେହିଭଳି ବର୍ଲିନ ୱାଲ୍ ପତନ ପରେ ଗଣତାନ୍ତ୍ରିକ ସଂସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ପାଶ୍ଚାତ୍ୟର ନିବେଶ ଏବଂ ଆର୍ଥିକ ଭରସା କମ୍ୟୁନିଷ୍ଟ ପରବର୍ତ୍ତୀ ସମାଜଗୁଡ଼ିକର ପୁନର୍ଗଠନରେ ସାହାଯ୍ୟ କରି ସମୃଦ୍ଧିର ଏକ ନୂଆଯୁଗର ମୂଳଦୁଆ ପକାଇଥିଲା। ଏହା କେତେଶୀଘ୍ର ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ପର୍ଯ୍ୟାୟକ୍ରମେ ବ୍ୟବସ୍ଥିତ ଭାବେ କରାଯିବା ଦରକାର। ସଂସ୍ଥାଗୁଡ଼ିକ ଉଦାରୀକରଣକୁ ଗ୍ରହଣ କରିବା ଦରକାର, ସାମାଜିକ ସୁରକ୍ଷା ନେଟ୍‌ୱର୍କ ମାର୍କେଟକୁ ସହଯୋଗ କରିବା ଆବଶ୍ୟକ। ଏହାବ୍ୟତୀତ ଆର୍ଥିକ ସୁଧାର ଏବଂ ରାଜନୈତିକ ଏକୀକରଣକୁ ଗୁରୁତ୍ୱ ଦେବା ଉଚିତ। ଯେଉଁଠି ଏଭଳି ସମନ୍ୱୟକୁ ଗ୍ରହଣ କରାଗଲା, ସେଠାରେ ସ୍ଥିରତା ଆସିଲା। ଯେଉଁଠି ଏଗୁଡ଼ିକୁ ଅଣଦେଖା କରାଗଲା, ସେଠାରେ ସାମାଜିକ ଦୁର୍ବଳତା ପ୍ରକାଶ ପାଇଲା। ଏହିସବୁ ଶିକ୍ଷା ସବୁ ସମୟ ପାଇଁ ଉପଯୋଗୀ। ବିକାଶ ତୁଳନାରେ ମିଲିଟାରି ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ନୀତିଗୁଡ଼ିକ ସଂଘର୍ଷକୁ ହ୍ରାସ କିମ୍ବା ଦୂର କରିପାରିବ ନାହିଁ। ବରଂ ସେସବୁ ନୀତି ସଂଘର୍ଷକୁ ପ୍ରୋତ୍ସାହିତ କରିବା ସହ ଜାରି ରଖିବ। ହାର୍ଡ ପାୱାରର ଶେଷ ଅଭିବ୍ୟକ୍ତି ହେଉଛି ବିକାଶ, ଯାହା ସଙ୍କଟ ଦୂର କରିବା ପାଇଁ ଆମକୁ ବାଟଦେଖାଏ। ଆମେ ତାହାକୁ ଗ୍ରହଣ କରିବା ଦରକାର। ବିକାଶ ହେଉଛି ବୈଶ୍ୱିକ ସମୁଦାୟ ପାଇଁ ପ୍ରମୁଖ ପ୍ରତିରକ୍ଷା କବଚ। ଯେତେବେଳେ ସରକାର ମୌଳିକ ସେବା ଯୋଗାଇଦେବେ, ଯୁବକଙ୍କ ପାଇଁ ଆର୍ଥିକ ସମ୍ଭାବନା ରହିବ ଏବଂ ସଂସ୍ଥାଗୁଡ଼ିକୁ ବୈଧ ବୋଲି ବିଚାର କରାଯିବ, ସେତେବେଳେ ହିଂସା ରହିବ ନାହିଁ।

ସୁରକ୍ଷାରେ ବିକାଶ ହୋଇ ନ ଥାଏ, ବରଂ ବିକାଶ ସୁରକ୍ଷାର ବଳୟ ସୃଷ୍ଟି କରେ। ଏବକାର ବିଶ୍ୱରେ ତତ୍କାଳ ବିପଦ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରାଯାଉଛି। କିନ୍ତୁ ଯଦି ସ୍ୱଳ୍ପ ମିଆଦୀରେ ସଙ୍କଟ ଟାଳିବା ଲାଗି ସଂସ୍ଥାଗୁଡ଼ିକରେ ନିବେଶ, ସୁଯୋଗ ତଥା ଶାସନରେ ଥିବା ବାଧାକୁ ଦୂର କରାଯାଏ, ତେବେ ଅସ୍ଥିରତା ଅପସରିଯିବ ଏବଂ ସ୍ଥିତି ବ୍ୟବସ୍ଥିତ ହୋଇଯିବ। ହାର୍ଡ ପାୱାରର ସଙ୍କଟ ଦୂର କରିବାର କ୍ଷମତା ଅଛି ସତ, ହେଲେ ଏବକାର ସ୍ଥିତିରେ ବିକାଶ ହିଁ ହାର୍ଡ ପାୱାର କାମ କରିବ। ଭୂରାଜନୈତିକ ବିତର୍କରେ ବିକାଶକୁ ସାମିଲ କରିବା ସହ ଏହାକୁ ଯଥାର୍ଥରେ ରଣନୀତିକ ଓ ବଜେଟ କୈନ୍ଦ୍ରିକ କରାଯିବା ଆବଶ୍ୟକ। ଏବକାର ଏକ ଅସ୍ଥିର ଓ ଅସୁରକ୍ଷିତ ପୃଥିବୀରେ ବିକାଶ ପାଇଁ ଆମେ ଆଗୁଆ ଅର୍ଥ ଦେଇପାରିବା କିମ୍ବା ପରେ ସୁଧ ସହ ତାହାକୁ ଦେବା ଜାରି ରଖିପାରିବା।

**– ଆଡ୍‌ମିନିଷ୍ଟ୍ରେଟର, ୟୁନାଇଟେଡ୍ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ**

## କହିଦେଉଥାଏ ପରକୁ



ମୀରା ବେଉରା

ଥରେ ଏକ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ପର୍କରେ ଗୋଟିଏ ଆଲୋଚନାଚକ୍ରରେ ଅତିଥି ଭାବରେ ଯୋଗଦେବାକୁ ମୁଁ ନିମନ୍ତ୍ରିତ ହୋଇଥିଲି। ଛାତ୍ରୀଛାତ୍ର କିଭଳି ବାହ୍ୟ ପରିଷ୍କାର ପରିଚ୍ଛନ୍ନ ଅର୍ଥାତ୍ ଆଖି, କାନ, ନାକ, ପାଟି ଶରୀର, ମୁଣ୍ଡ ଆଦି ପରିଷ୍କାର କରିବା ସହ ଅନ୍ତଃ ପରିଷ୍କାର ଅର୍ଥାତ୍ ହିଂସା ,ଈର୍ଷା ଘୃଣା ଆଦିକୁ ତ୍ୟାଗକରି ନିଜ ନିଜ ଭିତରେ କିପରି ସଦ୍‌ଭାବନା ,ଶ୍ରଦ୍ଧା ,ସଦିଚ୍ଛା ରକ୍ଷାକରିବେ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଲି। ଏହାପରେ ଘରକୁ ଆସି ଦେଖେ ତ ନିଜ ଘରର ଜିନିଷପତ୍ର ସବୁ ଅସଜଡ଼ା ହୋଇ ସେମିତି ପଡ଼ିଛି। ଯେମିତି ଚାହୁଁଥିଲି ସେମିତି ଘରକୁ ସଜାଡ଼ିପାରୁ ନ ଥିଲି, ତେଣୁ ନିଜେ ଲଜ୍ଜିତ ଅନୁଭବକଲି। ଭାବିଲି ମୁଁ ନିଜେ କହୁଛି ଗୋଟେ କଥା କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିପାରୁନାହିଁ। ମୋ ଭିତରେ ଯେ ହିଂସା, ଈର୍ଷା, ଘୃଣା କାହା ପ୍ରତି ନ ଥିଲା ତାହା ମୁଁ ସ୍ୱୀକାର କରିପାରିବି ନାହିଁ। ଥରେ ଜଣେ ବିଶିଷ୍ଟ ସାମାଜିକ କର୍ମୀଙ୍କୁ ଦେଖିଲି ସେ ସବୁବେଳେ ନିଜ ଶାଶୁଶଶୁରଙ୍କର ସେବା କରୁଥିବାର ସୁନ୍ଦର ସୁନ୍ଦର ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲେ। କେବଳ ସେତିକି ନୁହେଁ, ସେ ବିଭିନ୍ନ ଜରାଶ୍ରମକୁ ଯାଇ ଲୋକକୁ କେମିତି କୋଳେଇ ନେଇ ଭଲ ପାଉଛନ୍ତି ତାକୁ ମଧ୍ୟ ସୁନ୍ଦର ଭିଡିଓକରି ଦେଖାଉଥିଲେ। ଏସବୁ ଦେଖି ମୁଁ ଭାବୁଥିଲି ସତରେ ଏତେ ଭଲ ମଣିଷ ଅଛନ୍ତି ଏ ସଂସାରରେ। ତା' ପରେ କିଛିଦିନ ପରେ ଦେଖିଲି ସେବା କରୁଥିବା ମହିଳା ଜଣକ ଯାହା ବାହାରକୁ ଦେଖାଉଛନ୍ତି ପ୍ରକୃତରେ ସେ ସେପରି ନୁହନ୍ତି। ଆଉ ମଧ୍ୟ ଜାଣିବାକୁ ପାଇଲି ଯେ ସେ ତାଙ୍କ ଶାଶୁଶଶୁରଙ୍କୁ ଘରୁ ସମ୍ପୂର୍ଣ୍ଣ ବାହାର କରିଦେଇ ନିଜେ ଅଲଗା ଗୋଟିଏ ସୁନ୍ଦର ଫ୍ଲାଟ୍‌ରେ ରହୁଛନ୍ତି। ଆଖିକୁ ବିଶ୍ୱାସ କରିପାରୁ ନ ଥିଲି ମୁଁ। ସତରେ ଯାହା ବାହାରକୁ ଦେଖାଯାଏ ତାହା କଦାପି ସତ ନୁହେଁ। ସେଦିନ ମୋର ଏହା ହୃଦ୍‌ବୋଧ ହେଲା।

ଆଉ ଦିନେ ଦେଖିଲି ଦୁର୍ନୀତି ନିବାରଣ ସପ୍ତାହ ଚାଲିଥାଏ। ଦୂରଦର୍ଶନ ଓ ଖବରକାଗଜରେ ଦେଖିଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ତ ଅଫିସର ଦୁର୍ନୀତିକୁ ବିରୋଧକରି ଶପଥ ପାଠ କରୁଥାନ୍ତି ଯେ ସେମାନେ ଦୁର୍ନୀତି କରିବେନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଦେଖିଲି, ଜଣେ ସର୍ବାଧିକ ନମ୍ବର ରଖି ଓଏଏସ୍ ଟପର ହୋଇଥିବା ଅଫିସର ମାତ୍ର କେଇଟା ଟଙ୍କା ଲାଞ୍ଚ ନେଇ ଶେଷରେ ଧରାପଡ଼ିଥିଲେ ଭିଜିଲାନ୍ସ ଜାଲରେ। କିନ୍ତୁ ସେହି ବ୍ୟକ୍ତି ଦିନେ ଶପଥ ନେଇଥିଲେ ଦୁର୍ନୀତି ନିବାରଣ କରିବା ପାଇଁ।

ଏଇଠି ମନେପଡୁଛି ଆଉ ଜଣେ ମହୀୟସୀ ମହିଳାଙ୍କ କଥା। ଜଣେ ମହିଳା କମିଶନର ଥିଲେ। ସେ ପ୍ରାୟ ସହରର ସବୁ ମଞ୍ଚରେ ଯୌତୁକ ନିର୍ଯାତନା ଅଭିଯୋଗ ବିରୋଧରେ ଓ ଲିଙ୍ଗଗତ ଅସମାନତା ତଥା ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱଦେବା ସହ ଲମ୍ବା ଭାଷଣ ଦେଇ ଶ୍ରୋତାଙ୍କ ଆସ୍ଥାଭାଜନ ହୁଅନ୍ତି। କିନ୍ତୁ ବହୁଦିନ ବିତିଗଲା ପରେ ଦେଖିଲି, ସେ ନିଜେ ତାଙ୍କ ବୋହୂକୁ ଏତେ ମାତ୍ରରେ ନିର୍ଯାତନା ଦେଲେ ଯେ ବୋହୂ ଶେଷରେ ଆତ୍ମହତ୍ୟା କରିବାକୁ ଯାଇ ନଦୀକୁ ଡେଇଁପଡ଼ିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତାକୁ ବଞ୍ଚାଇଥିଲେ। ଏମିତି ବି ଦେଖିବାକୁ ମିଳିଥିଲା ସଡ଼କ ସୁରକ୍ଷା ସପ୍ତାହ ଚାଲିଥିବା ସମୟରେ। ଏହା ଉପରେ ଲମ୍ବା ଲମ୍ବା ଭାଷଣ ଦେଉଥିବା ବ୍ୟକ୍ତି କିନ୍ତୁ ରାସ୍ତାରେ ଯିବା ସମୟରେ ନିଜେ ହେଲ୍‌ମେଟ୍ ନ ପିନ୍ଧି ଅନେକବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ମାସ ମାସ ମେଡିକାଲରେ ପଡ଼ିରହନ୍ତି। ଏଇଠି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, ସତରେ ଆମେ କହୁ ଗୋଟିଏ କଥା, କିନ୍ତୁ କାର୍ଯ୍ୟରେ ଏହାର ବିପରୀତ କାର୍ଯ୍ୟକରୁ। ଏ ବ୍ୟତିକ୍ରମ କାହିଁକି ? ଆମେ ପ୍ରାୟତଃ ସୋସିଆଲ ମିଡିଆରେ ନିଜକୁ ଯେତିକି ଖୁସି ରହିଥିବାର ଦେଖାଉ ପ୍ରକୃତରେ ଆମେ ସେତିକି ଖୁସି ନ ଥାଉ। ଆଉ ମଧ୍ୟ ଆମେ ନିଜକୁ ଯେତେ ଭଲ ମଣଷଟିଏ ବୋଲି ପ୍ରମାଣ କରିବାକୁ ଚାହୁଁ ପ୍ରକୃତରେ କିନ୍ତୁ ଠିକ୍ ଓଲଟା। ଆମେ କହୁଥିବା କଥା ଯଦି ନିଜେ କାର୍ଯ୍ୟରେ ପରିଣତ ନ କରିବା ତେବେ ସୁନାର ଭାରତ ଗଢ଼ିବା ପାଇଁ ଯେଉଁ ସ୍ୱପ୍ନ ଆମ ପୂର୍ବସୁରୀମାନେ ଦେଖିଥିଲେ ତାହା କଦାପି ସମ୍ଭବ ହେବନାହିଁ। ଉଚ୍ଚାରଣ ଓ ଆଚରଣ ଭିତରେ ଯଦି ପ୍ରାର୍ଥକ୍ୟ ରହେ ତେବେ ଆମେ ନିଜ ସହ ଛଳନା କରୁନାହୁଁ ତ ଆଉ କ'ଣ ?

**ଦେଉଳସାହି, ତୁଳସୀପୁର,କଟକ**
**ମୋ:୭୮୪୬୯୨୧୪୦୦**

## ଏଇ ଭାରତରେ

ସହରୀକରଣରେ ବ୍ୟାପକ ଭାବେ ପୁରୁଣା ଆମ୍ବଗଛ କାଟି ଦିଆଯାଉଥିବାରୁ ବହୁ କିସମର ଦେଶୀ ଓ ସ୍ୱାଦିଷ୍ଟ ଆମ୍ବ ସମୟକ୍ରମେ ଲୋପ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ଅନେକ କିସମ ଆମ୍ବ ଗଛ ଲୋପ ପାଇଗଲାଣି। ତେବେ ବିଲୁପ୍ତ ପ୍ରାୟ କିଛି ବିରଳ କିସମର ଦେଶୀ ଆମ୍ବ ସଂରକ୍ଷିତ କରି ରଖିଛନ୍ତି ଭାରତର କେତୋଟି ରାଜ୍ୟର ସ୍ଥାନୀୟ ଲୋକେ। ତାମିଲନାଡୁ ମଦୁରାଇ ଜିଲା କାରୁପଟ୍ଟି ଗାଁର ଲୋକେ କାରୁପଟ୍ଟିକାଇ କିସମ ଆମ୍ବ ସଂରକ୍ଷଣ କରି ରଖିପାରିଛନ୍ତି। ଏହାର ସ୍ୱାଦ ତାଳଗୁଡ଼ ଭଳି। ସେହିଭଳି କେରଳର ଅନେକ ଅଞ୍ଚଳରେ କାନିମାଙ୍ଗା ଆମ୍ବ ଉତ୍ପାଦନ ହେଉଛି, ଯାହା ଆଚାର ପାଇଁ ସବୁଠୁ ଭଲ। କର୍ନାଟକରେ କାଲଭାବି ମଭୁ କିସମ ଆମ୍ବକୁ ସ୍ଥାନୀୟ ଲୋକେ ସଂରକ୍ଷିତ କରି ରଖିଛନ୍ତି। ଏହାସହ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ଆମ୍ମା ଛେତୁ ଆମ୍ବ ଏବେ ଯାଏ ଅଛି। ଏହାର ଆକାର ବଡ଼, ତନ୍ତୁଯୁକ୍ତ ଓ ରସାଳ। ପଶ୍ଚିମବଙ୍ଗର ବତାଶ୍ କିସମ ଦେଶୀ ଆମ୍ବ ଆକାରରେ ଛୋଟ ଏବଂ ବ୍ୟବସାୟ ଉପଯୋଗୀ ନ ହେଲେ ମଧ୍ୟ ଲୋକେ ଏହାକୁ ସ୍ୱାଦ ଦୃଷ୍ଟିରୁ ସଂରକ୍ଷଣ କରି ରଖିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୭ ଫେବୃଆରୀ ୧୯୭୭

- ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ପ୍ରତି ରାଜ୍ୟ ବିଦ୍ୟୁତ୍ ବୋର୍ଡ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନଥିବାରୁ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ଡିଭିଜନ ଅଫିସ ଆଗରେ ପ୍ରତୀ ଧର୍ମଘଟି ହୋଇଛି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଏମ୍. କନ୍ନାପାନ ଓ ଅନ୍ୟ ଚାରିଜଣଙ୍କ ବିରୁଦ୍ଧରେ ଏକ ହତ୍ୟା ମୋକଦ୍ଦମା ରୁଜୁ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | 3 | | | | | 9 |
| | 5 | | | | 7 | 8 | | 3 |
| 8 | | 2 | | 1 | 9 | | | |
| | | | 1 | | | 7 | | |
| | | | 5 | 9 | | | 4 | 6 |
| 6 | | 1 | 8 | | 4 | | 3 | 5 |
| | 8 | | | | | 2 | | |
| 2 | 9 | | | | 5 | | 6 | 1 |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 3 | 7 | 6 | 2 | 4 | 5 |
| 2 | 4 | 3 | 5 | 1 | 8 | 6 | 7 | 9 |
| 5 | 7 | 6 | 9 | 2 | 4 | 3 | 1 | 8 |
| 6 | 8 | 7 | 2 | 4 | 1 | 5 | 9 | 3 |
| 3 | 2 | 4 | 7 | 5 | 9 | 8 | 6 | 1 |
| 9 | 5 | 1 | 8 | 6 | 3 | 7 | 2 | 4 |
| 4 | 6 | 2 | 1 | 3 | 5 | 9 | 8 | 7 |
| 8 | 1 | 5 | 6 | 9 | 7 | 4 | 3 | 2 |
| 7 | 3 | 9 | 4 | 8 | 2 | 1 | 5 | 6 |

ଗତକାଲିର ଉତ୍ତର

# ସମର୍ପିତ ସଙ୍ଗଠନ



ଶୁଭନାରାୟଣ ଶତପଥୀ

ଭାରତରେ, ଏନ୍‌ଜିଓ କହିଲେ ବିଭିନ୍ନ ପ୍ରକାରର ବେସରକାରୀ ସଙ୍ଗଠନକୁ ବୁଝାଏ, ଯାହା ଅଣ-ସରକାରୀ, ସ୍ୱେଚ୍ଛାସେବୀ କିମ୍ବା ଅଣ-ସ୍ୱେଚ୍ଛାସେବୀ ଇତ୍ୟାଦି ହୋଇପାରେ। ଏହି ସଙ୍ଗଠନଗୁଡ଼ିକ ସରକାରୀ ନୁହେଁ ସତ କିନ୍ତୁ ସେମାନଙ୍କର ଆଇନଗତ ସ୍ଥିତି ଅଛି ଅର୍ଥାତ୍ ; ସମାଜ ପଞ୍ଜୀକରଣ ଆଇନ, ଟ୍ରଷ୍ଟ ଆଇନ ଇତ୍ୟାଦି ନିର୍ଦ୍ଦିଷ୍ଟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥାନ୍ତି। ଭାରତୀୟ ସମ୍ବିଧାନର ଧାରା ଏନ୍‌ଜିଓ ବିଷୟରେ ବର୍ଣ୍ଣନା କରେ ଯଥା ; ସଂଘ ଗଠନ କରିବାର ଅଧିକାର ଉପରେ ଧାରା ୧୯ (୧) (ସି), ଧାରା ୪୩ ଯାହା ଗ୍ରାମାଞ୍ଚଳରେ ସମବାୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସକୁ ସମୃଦ୍ଧ କରେ, ସମକାଳୀନ ତାଲିକା ପରିଶିଷ୍ଟ ୨୮ରେ ଦାନ ଏବଂ ଦାନଯୋଗ୍ୟ ଅନୁଷ୍ଠାନ, ଧାର୍ମିକ ଦାନ ଏବଂ ଧାର୍ମିକ ଅନୁଷ୍ଠାନ ବିଷୟରେ ଉଲ୍ଲେଖ ଅଛି। ତଥ୍ୟରୁ ଜଣାଯାଏ ଯେ ୨୦୨୫ ସୁଦ୍ଧା ଭାରତ ସରକାରଙ୍କ ସମକାଳୀନ ତାଲିକା ଦର୍ପଣ ପୋର୍ଟାଲରେ ମୋଟ ୩.୮୭ ଲକ୍ଷ ଅଣ-ସରକାରୀ ସଙ୍ଗଠନ ନୀତି ଆୟୋଗ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ଏହି ସଙ୍ଗଠନଗୁଡ଼ିକ ଦେଶ ପାଇଁ ସମ୍ବଳ । ସେ ଯାହାହେଉ, ସାମାଜିକ ବିକାଶକୁ ବୃଦ୍ଧି କରିବା ପାଇଁ ସାମାଜିକ ପରିବର୍ତ୍ତନ ଓ ବିକାଶ ଲାଗି କାର୍ଯ୍ୟ କରୁଥିବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ସମାଜସେବୀ ବ୍ୟକ୍ତିଙ୍କର ଏକ ଗୋଷ୍ଠୀ ଆଗକୁ ଆସିଥାଏ। ପ୍ରକୃତରେ ଅଧିକାଂଶ ଏନ୍‌ଜିଓ ସମାଜ ପ୍ରତି ସମର୍ପିତ, ପ୍ରତିବଦ୍ଧ। ଅଣ-ଲାଭକାରୀ ସଙ୍ଗଠନଗୁଡ଼ିକ ସାମାଜିକ ସମସ୍ୟା ଏବଂ ଆବଶ୍ୟକତା ପ୍ରତି ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏନ୍‌ଜିଓଗୁଡ଼ିକର ବିଚାରଧାରା, ଆଗ୍ରହ, ସମାନୁଭୂତ କାର୍ଯ୍ୟଶୈଳୀ ଅନନ୍ୟ ଏବଂ ମୁଖ୍ୟତଃ ସେହି ଧୂସର କ୍ଷେତ୍ରଗୁଡ଼ିକୁ ସମ୍ବୋଧିତ କରେ ଯେଉଁଠାରେ କେହି ପହଞ୍ଚି ନ ଥିବେ। ବାସ୍ତବରେ ଏହା ଲୋକଙ୍କ ସାମାଜିକ-ଆର୍ଥିକ ସ୍ୱାର୍ଥ ପାଇଁ ଅନିବାର୍ଯ୍ୟ। ସେହିପରି ଅଧିକାଂଶ ଏନ୍‌ଜିଓ କର୍ମକର୍ତ୍ତାମାନେ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ହୋଇଥାନ୍ତି।

ଏନ୍‌ଜିଓଗୁଡ଼ିକର ଉତ୍ସର୍ଗୀକୃତ ବୃତ୍ତିଧାରୀମାନେ ବିକାଶମୂଳକ କାର୍ଯ୍ୟରେ ଲୋକଙ୍କ ଅବଦାନ ସଂଗ୍ରହ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ନବସୃଜନ ସହିତ ଯୋଗଦାନ କରନ୍ତି ଏବଂ ଯେଉଁଠାରେ ଚ୍ୟାଲେଞ୍ଜ ଥାଏ ସେଠାରେ ସେମାନେ କାମ କରନ୍ତି। ଦଳଗତ କାର୍ଯ୍ୟ ହେଉଛି ସେମାନଙ୍କର କ୍ଷମତା। ସମନ୍ୱୟ ମାଧ୍ୟମରେ, ଏନ୍‌ଜିଓମାନେ ଦୁର୍ବଳ କ୍ଷେତ୍ରର ବୃହତ ସ୍ୱାର୍ଥ ପାଇଁ ବିଭିନ୍ନ ଅଂଶୀଦାର ଏବଂ ଏଜେନ୍ସି ସହିତ କାର୍ଯ୍ୟ କରନ୍ତି। ସମାଜର ପ୍ରତ୍ୟେକ କୋଣରେ ଏନ୍‌ଜିଓର ଅସ୍ତିତ୍ୱକୁ ଆମେ ଅସ୍ୱୀକାର କରିପାରିବା ନାହିଁ। ଆମେ କହିପାରିବା ଯେ ସେମାନେ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ।

କିନ୍ତୁ ବର୍ତ୍ତମାନ କିଛି ଲୋକଙ୍କର ଧାରଣା ଯେ ଏପରି ସଂଗଠନଗୁଡ଼ିକ ଠକେଇ, ଦୁର୍ନୀତିଗ୍ରସ୍ତ, ନକାରାତ୍ମକ ଇତ୍ୟାଦି ଉପାୟରେ ଲୋକଙ୍କୁ ସଙ୍ଗଠିତ କରୁଛନ୍ତି। କିନ୍ତୁ କୌଣସି ପ୍ରମାଣ ବିନା ଏହି ପ୍ରକାରର ମତାମତ, ଏନ୍‌ଜିଓ ଗଠନ କରି ସାମାଜିକ ବିକାଶ ପାଇଁ ଆଗକୁ ଆସୁଥିବା ଉତ୍ସର୍ଗୀକୃତ ସାମାଜିକ



ନେତାମାନଙ୍କୁ ନୈତିକତାହୀନ କରିପାରେ। ଏକ ସାଧାରଣ କାରଣ ଓ ସାମୂହିକ ବିକାଶ ପାଇଁ ବ୍ୟବସ୍ଥା ଏବଂ ଲୋକଙ୍କ ଏକତ୍ରୀକରଣକୁ ଏହା ଭାଙ୍ଗିଦେଇପାରେ। ତେବେ ବିଶୃଙ୍ଖଳିତ ଆଚରଣ ପାଇଁ ବନ୍ଦ ବଦଳରେ ଦଣ୍ଡ ବିଧାନ କରାଯାଇପାରେ। ଏତେ କମ୍ ପାରିଶ୍ରମିକ ଓ ସମ୍ମାନ ପାଇବା ପରିବର୍ତ୍ତେ, ସଂଗଠନର ସ୍ୱେଚ୍ଛାସେବୀ, କର୍ମଚାରୀମାନେ ସ୍ଥିର ଲକ୍ଷ୍ୟ ହାସଲ କରିବା ପାଇଁ ଦିନରାତି ଉତ୍ସର୍ଗୀକୃତ ପ୍ରୟାସ ସହିତ କାର୍ଯ୍ୟ କରନ୍ତି। ଭଲ ଏବଂ ଉଚ୍ଚ କ୍ୟାରିଅର ବିକାଶ ତଥା ଆତ୍ମକୌଶଳ ପାଇଁ ଏକ ସୁନ୍ଦର ଅଭିନବ ପ୍ଲାଟ୍‌ଫର୍ମ। କ୍ୟାରିଅରର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁବକମାନେ ଏନ୍‌ଜିଓ କ୍ଷେତ୍ରରେ କାମ କରିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବା ଅନେକ ଉଦାହରଣ ଅଛି ଯେଉଁଠାରେ ବ୍ୟକ୍ତି ଭବିଷ୍ୟତରେ ସେହି ଦକ୍ଷତା ଓ ସମର୍ପଣକୁ ବିନିଯୋଗ କରି ଉତ୍ତମ କାମ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଅନେକ ଲୋକ ଏନ୍‌ଜିଓ କାର୍ଯ୍ୟ ସଂସ୍କୃତିର ଶିଡ଼ି ଦେଇ ବହୁତ କିଛି ହାସଲ କରିଛନ୍ତି ଓ ସମାଜକୁ ଅବଦାନ ଦେଇଛନ୍ତି। ଏନ୍‌ଜିଓର ତୃଣମୂଳସ୍ତରୀୟ ଗଭୀର ବା ସୂକ୍ଷ୍ମ କାର୍ଯ୍ୟ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତାକୁ ତୀକ୍ଷ୍ଣ କରିଥାଏ, ଯାହା ଭଲ କରିବାକୁ ଏବଂ ଭବିଷ୍ୟତକୁ ଉନ୍ନତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଏହା ଏକ ପ୍ରେରଣା। ଯଦିଓ ଏନ୍‌ଜିଓଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ଏହା ଉତ୍କର୍ଷ, ନବସୃଜନ, ପ୍ରେରଣା ଏବଂ କାର୍ଯ୍ୟ ଯୋଜନାର ଢାଞ୍ଚା ପ୍ରଦାନ କରେ। ଏହା ବ୍ୟତୀତ, ଏନ୍‌ଜିଓଗୁଡ଼ିକ ନାଗରିକମାନଙ୍କ ପ୍ରତି ସରକାର ପ୍ରତିକ୍ରିୟାଶୀଳ ହେବା ନିଶ୍ଚିତ କରିବା ସହିତ ସରକାରଙ୍କ ଦାୟିତ୍ୱକୁ ବ୍ୟାପକ କରିବା କ୍ଷେତ୍ରରେ କାର୍ଯ୍ୟକରନ୍ତି। ସେମାନେ ବାସିନ୍ଦାଙ୍କ ସମ୍ପୃକ୍ତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଅନେକ ସେବା ପ୍ରଦାନର ଦକ୍ଷତା ବୃଦ୍ଧି କରନ୍ତି। ଏନ୍‌ଜିଓଗୁଡ଼ିକ ଦ୍ୱାରା ସାମାଜିକ ଅଡିଟ୍ ହେଉଛି ଆର୍ଥିକ ଉପଯୁକ୍ତ ବ୍ୟବହାର, ଉତ୍ପାଦନ ସୂଚକ ସଫଳତା, ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ସେବା ପ୍ରଦାନକାରୀଙ୍କ ଦାୟିତ୍ୱ ମାପିବା ପାଇଁ ତୃଣମୂଳ ସ୍ତରରେ କରାଯାଇଥିବା ସମସ୍ତ କାର୍ଯ୍ୟକଳାପକୁ ତଦାରଖ କରିବା ପାଇଁ ଏକ ପ୍ରକ୍ରିୟା।

ଜନସାଧାରଣଙ୍କୁ ସମସ୍ୟା ବିଷୟରେ ଗବେଷଣା, ବିଶ୍ଳେଷଣ ଏବଂ ସୂଚନା ପ୍ରଦାନ କରନ୍ତି। ଗଣମାଧ୍ୟମ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରକାରର ସକ୍ରିୟତା ମାଧ୍ୟମରେ ନାଗରିକ କାର୍ଯ୍ୟକୁ ସଂଗଠିତ କରନ୍ତି ଏବଂ ନୀତି ନିର୍ମାତାମାନଙ୍କ ସହିତ ମଧ୍ୟ କାମ କରନ୍ତି। ଅନେକ କ୍ଷେତ୍ରରେ ଏହି ସଂଗଠନଗୁଡ଼ିକ ନିମନ୍ତ୍ରିତ ଏବଂ ବିନା ନିମନ୍ତ୍ରିତ ଭାବରେ ସରକାର ଏବଂ କର୍ପୋରେଟ କାର୍ଯ୍ୟଦକ୍ଷତା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିମନ୍ତେ 'ୱାଚ୍‌ଡଗ୍' କିମ୍ବା ସ୍ୱାଧୀନ 'ଅଡିଟର' ଭାବରେ କାର୍ଯ୍ୟ କରନ୍ତି। ଏନ୍‌ଜିଓଗୁଡ଼ିକର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମାଜର କାରଣ ପାଇଁ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଶୀର୍ଷ ସ୍ତରରେ ଏକ ସାମ୍ବିଧାନିକ ୟୁନିଟ୍ ଅତ୍ୟନ୍ତ ଆବଶ୍ୟକ। ଏହା ରାଷ୍ଟ୍ର ନିର୍ମାଣ ଦିଗରେ ସେବା କରୁଥିବା ଏନ୍‌ଜିଓକୁ ନିରନ୍ତର ସମର୍ଥନ ପାଇଁ ସହାୟକ ହେବ। ଏନ୍‌ଜିଓର ଅବଦାନ ବିନା, ଆମେ ପୂର୍ଣ୍ଣ ପ୍ରଗତି କଳ୍ପନା କରିପାରିବା ନାହିଁ। ସରକାରୀ ବେସରକାରୀ ଭାଗୀଦାରି ସବୁଠାରୁ ବେଶି ସଫଳ ହୋଇଥାଏ। ଏ କ୍ଷେତ୍ରରେ କେବଳ ସମ୍ପୃକ୍ତ କାର୍ଯ୍ୟ କ୍ଷେତ୍ରରେ ଦକ୍ଷ ଏନ୍‌ଜିଓର ନିରପେକ୍ଷ ଚୟନ ଆବଶ୍ୟକ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ସମାଜ ଲାଗି କଳଙ୍କ

ମହାଶୟ,

କୁହାଯାଏ ଶିକ୍ଷକ ହେଉଛନ୍ତି ସିଏ, ଯିଏ ଅନ୍ଧକାରରୁ ଆଲୋକ ଆଡ଼କୁ ଛାତ୍ରୀଛାତ୍ରଙ୍କୁ ଘେନି ଯାଆନ୍ତି। ମାତାପିତାଙ୍କ ପରେ ଶିକ୍ଷକ ହିଁ ପିଲାଙ୍କୁ ଏ ଦୁନିଆରେ ମଥା ଉପରକୁ କରି ଭଲ ଭାବେ ଚାଲିବା ଶିଖାଇଥାନ୍ତି। ଗୁରୁ - ଶିଷ୍ୟ ପରମ୍ପରାର ଅନେକ ଉଜ୍ଜ୍ୱଳ ଉଦାହରଣ ପୂର୍ବର ରାମାୟଣ, ମହାଭାରତଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। କିନ୍ତୁ କେନ୍ଦ୍ରାପଡ଼ାରେ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ କଲେ ଶିକ୍ଷକରୂପୀ ରାକ୍ଷସମାନେ। ଏଭଳି କଳଙ୍କିତ ଅଧ୍ୟାୟ ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ କରିଛି। ଏହି ଘଟଣା ସମଗ୍ର ଶିକ୍ଷକ ସମାଜ ପାଇଁ ଲାଗି କଳଙ୍କ। ଏଥିରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଓ ପରୋକ୍ଷରେ ଦାୟୀ ସମସ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏଥିରେ ଆଉ ଗୋଟିଏ କଥା ସାମ୍ନାକୁ ଆସୁଛି। ତାହା ହେଉଛି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା। ଯେଉଁମାନେ ଶିକ୍ଷାଦାନକୁ ଚାକିରି ବା ବୃତ୍ତି ବୋଲି ନ ଭାବି ସେବା ଓ ସମର୍ପଣ ଭାବନା ରଖନ୍ତି, କେବଳ ସେହିମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ। ତେଣୁ ଶିକ୍ଷକ ମନୋନୟନ ଢାଞ୍ଚାରେ ପରିବର୍ତ୍ତନ ଲୋଡ଼ା।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ରାସ୍ତାତଳକୁ ଖସିଲା ସ୍କୁଟି, ଜଣେ ମୃତ

**ଟାଙ୍ଗୀ,୨୬।୨(ରଘୁନାଥ ସାହୁ):** ଟାଙ୍ଗୀ କାଳୁପଡ଼ାଘାଟ ପୂର୍ତ୍ତ ବିଭାଗ ରାସ୍ତାର ବିଲ ବାଲୁଙ୍କେଶ୍ୱର ଦେବ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ ସ୍କୁଟି ରାସ୍ତାତଳକୁ ଖସି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗମ୍ଭାରୀମୁଣ୍ଡା ଅଞ୍ଚଳର କାଳିଆ ସେନାପତି(୩୮)। ଖବରପାଇ ଟାଙ୍ଗୀ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ମେଡିକାଲ ପଠାଇବା ସହ ମୃତଦେହ ଜବତ କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଘଟଣାର ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ପାଲା ଗାୟିକାଙ୍କ ସମେତ ୪ ଆହତ

**ଟାଙ୍ଗୀ,୨୬।୨(ରଘୁନାଥ ସାହୁ):** ଟାଙ୍ଗୀ-କାଳୁପଡ଼ା ରାସ୍ତାର ବଡ଼ଶଙ୍ଖରେ ବୁଧବାର ରାତିରେ ଏକ କାର୍ ପିଟି ହୋଇଯିବାରୁ ପାଲା ଗାୟିକା ଟିଙ୍କିନା ତ୍ରିପାଠୀଙ୍କ ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପାଲା ଗାୟିକା ଟିଙ୍କିନା ଭଦ୍ରକରୁ ଶାଶୁଘର କାଳୁପଡ଼ା ଫେରୁଥିବା ବେଳେ ଭାରସାମ୍ୟ ହରାଇ କାରଟି ବଡଶଙ୍ଖରେ ବାଡ଼େଇ ହୋଇଟାଇଥିଲା। ଫଳରେ କାରରେ ଥିବା ୪ଜଣ ଆହତ ହୋଇଥିଲେ।

### ଦେଶୀମଦ ଜବତ, ୩ ଗିରଫ

**ବାଲୁଗାଁ,୨୬।୨(ସଂଗ୍ରାମ ପାଇକରାୟ):** ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ପୃଥକ ଭାବେ ଚଢ଼ାଉ କରାଯାଇ ମୋଟ୍ ୯୪ ଲିଟର ଦେଶୀମଦ ଜବତ ସହ ସମ୍ପୃକ୍ତ ୩ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ବାଣପୁର ଥାନା ଆୟତ୍ତପୁର ଗ୍ରାମର ଜିତେନ୍ଦ୍ର ପ୍ରଧାନଙ୍କ ନିକଟରୁ ୩୦ଲିଟର ମଦ ଜବତ କରାଯାଇଥିବା ବେଳେ ଦଣ୍ଡିଗଡ଼ିଆ ଗ୍ରାମର କୈଳାସ ଦଳେଇଙ୍କଠାରୁ ୧୪ ଲିଟର ଏବଂ ଝିଣ୍ଟିକାପଲ୍ଲୀ ଗ୍ରାମର ସୁବ୍ରତ ପଲେଇଙ୍କ ଠାରୁ ୫୦ ଲିଟର ଦେଶୀ ମଦ ଜବତ ହୋଇଛି । ଜବତ ମଦର ମୂଲ୍ୟ ୧୯ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ବିଭାଗ ପକ୍ଷରୁ ଏନେଇ ପୃଥକ ଭାବେ ୩ଟି ମାମଲା (ନଂ.୨୯୬,୨୯୭,୨୯୮/୨୬)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଏଏସ୍ଆଇ ମୀନକେତନ ମାହାଳିକ, କନଷ୍ଟେବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ମନୋଜ ଜୟସିଂହ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

### ମା'ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**କଳାପଥର,୨୬।୨(ଗଙ୍ଗାଧର ସାହୁ):** କଳାପଥର ଗ୍ରାମବାସୀଙ୍କ (ଗୋଡ଼ିସାହି) ପକ୍ଷରୁ ମା'ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଯାତ୍ରାରେ ଯାଇ ମାନସିକଧାରୀ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଏଥିସହ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ମଙ୍ଗଳା କମିଟିର ସମସ୍ତ ସଦସ୍ୟଙ୍କ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ କର୍ତ୍ତା ଭାବେ ନବକିଶୋର ବେହେରା, ସରୋଜିନୀ ଦେଇ, କର୍ମାଚାର୍ଯ୍ୟ ପ୍ରମୋଦ ଷଡ଼ଙ୍ଗୀ, ସହଯୋଗୀ ନୀଳାମ୍ବର ଷଡ଼ଙ୍ଗୀ ସହାୟତାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଗଣେଶ ମହାପାତ୍ର, ପବିତ୍ର ବିଶ୍ୱାଳ, ଅଜୁ ବେହେରା, ବବୁଲ ସାହୁ, ପବିତ୍ର ସାହୁ, ନରେଶ ସାହୁ, ନିତ୍ୟାନନ୍ଦ ବେହେରା, ସନ୍ତୋଷ ସାହୁ, ଫକୀର ଚରଣ ସାହୁ, ମୁରଲୀଧର ସାହୁ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ମା'ମଙ୍ଗଳାଙ୍କ ଅଷ୍ଟମ ବାର୍ଷିକୋତ୍ସବ

**ନିରାକାରପୁର,୨୬।୨(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ ରାଉଳହଜ୍ ରଥ କଲୋନୀ ସ୍ଥିତ ମା'ମଙ୍ଗଳାଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଦୀନବନ୍ଧୁ କର ଓ ରେଣୁପ୍ରଭା କର ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ପଣ୍ଡିତ ଲିଙ୍ଗରାଜ ମହାପାତ୍ର ପୌରୋହିତ୍ୟ କରିଥିଲେ। ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମା'ମଙ୍ଗଳାଙ୍କ ବିଭିନ୍ନ ନୀତି ସହ ଚଣ୍ଡୀପୂଜା, ହରିବୋଲ, ହୁଳହୁଳି ଏବଂ ସଂକୀର୍ତ୍ତନରେ ମନ୍ଦିର ବେଢ଼ାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିବେଦିତା ମିଶ୍ର, ସୌଭାଗିନୀ ଦେବୀ, ରାମଦାଶ ମହାପାତ୍ରଙ୍କ ସମେତ ସମସ୍ତ କଲୋନୀବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

**ଶନିବାର କଟକ, ସୋମବାର କୋଣାର୍କରେ ହେବ ବିରାଟ ପ୍ରତିବାଦ**

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତାମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ୫ଦିନିଆ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଆରମ୍ଭରୁ ବିରୋଧ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ମହାନଦୀ ଟ୍ରିବ୍ୟୁନାଲଙ୍କ ଏହି ଗସ୍ତକୁ ପାରିବାରିକ ବିଳାସମୟ ବ୍ୟୟବହୁଳ ଦର୍ଶାଇ ଅପରାହ୍ନରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ସାଧାରଣ ଲୋକେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ପୂର୍ବରୁ ୨୦୨୩ ମସିହାରେ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାର କିଛି ଫଳ ମିଳି ନ ଥିଲା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ସରିବାକୁ ଥିବାବେଳେ ପୁଣି ଥରେ ବିଳାସମୟ ଗସ୍ତକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ଓ ପ୍ରତିବାଦ କରୁଛି। ଭୁବନେଶ୍ୱର ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ୨ ତାରିଖ ଯାଏ ପ୍ରତିବାଦ, ବାଲି ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଦାସ କହିଛନ୍ତି। ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି, ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ଏବଂ ମହାନଦୀକୁ କିଛି ନ୍ୟାୟ ମିଳୁନି। ତେଣୁ ଓଡ଼ିଶା ଲୋକଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ? ଶନିବାର କଟକରେ ବାଲି ସତ୍ୟାଗ୍ରହ ଏବଂ ମାର୍ଚ୍ଚ ୨ରେ କୋଣାର୍କରେ ବିରାଟ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ। ଏଥିରେ ସିପିଏମ୍ ନେତା ପ୍ରଦୀପ୍ତ ନାୟକ, ସିପିଆଇଏମ୍(ଲିବରେଶନ) ନେତା ଯୁଧିଷ୍ଠିର ମହାପାତ୍ର, ସିପିଆଇର ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ଇଞ୍ଜିନ ମହାପାତ୍ର, ଆନ୍ଦୋଳନର ସହ ଆବାହକ ବାସୁଦେବ ଭଟ୍ଟ, ଦୟା ସୁରକ୍ଷା ଅଭିଯାନର ସଚିକାନ୍ତ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।



ଦକ୍ଷିଣ ଦଣ୍ଡକାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗୁରୁବାର ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

## ଦକ୍ଷିଣ ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍ୟାପିତ

**କୃଷ୍ଣପ୍ରସାଦ,୨୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡ଼ା, ବାଉରିପଲ୍ଲୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦକ୍ଷିଣ ଦଣ୍ଡକାଳୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍ୟାପିତ ହୋଇଯାଇଛି। ଗୁରୁବାର ଦକ୍ଷିଣ ଦଣ୍ଡକାଳୀଙ୍କ ବିଗ୍ରହ ପ୍ରଥମେ କମଳେଶ୍ୱର ଦେବଙ୍କ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ଦଣ୍ଡକାଳୀଙ୍କ ମାର୍ଫତଦାର ପ୍ରଶାନ୍ତ କୁମାର ଦାଶଙ୍କ ଦୁଆରମୁହଁରେ ପାରମ୍ପରିକ ପୂଜାର୍ଚ୍ଚନା ସହିତ ଭୋଗ ଲାଗି କରାଯାଇଥିଲା। ସେଠାରୁ କମଳାସିଂହ, ନୂଆଗାଁ, ଦେଉଳପଡ଼ା ଗ୍ରାମ ଶୋଭାଯାତ୍ରାରେ ପରିକ୍ରମା କରି ଭୋଗ ଲାଗି କରାଯାଇଥିଲା। ଗ୍ରାମ ପରିକ୍ରମା ପରେ ଦଣ୍ଡକାଳୀଙ୍କୁ ଗମ୍ଭୀରାରେ ବିଜେ କରାଯାଇଥିଲା। ଘଣ୍ଟ ଘଣ୍ଟା, ମୃଦଙ୍ଗ, ହରିବୋଲ, ହୁଳହୁଳି ଧ୍ୱନୀରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ନୂଆଗାଁ, କମଳାସିଂ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ।

## ଉଚ୍ଛେଦକୁ ବିରୋଧ: ବିଷ ଖାଇଲେ ଜବରଦଖଲକାରୀ

**ବାଲିପାଟଣା,୨୬।୨(ଅଭିମନ୍ୟୁ ନାୟକ)**

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଆମେଣାକୁଦ ପଞ୍ଚାୟତ ଅଧୀନ ମାଣିକପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଗ୍ରାମର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜବରଦଖଲରେ ଥିବା ସନ୍ଧ୍ୟାରାଣୀ ସେଠୀଙ୍କ ସ୍ୱାମୀ ବିପିନ ସେଠୀ ଉଚ୍ଛେଦକୁ ବିରୋଧ କରି ଧମକାଇବାକୁ ଯାଇ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ପୋଲିସ ଓ ତହସିଲ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ଉକ୍ତ ବିଷାକ୍ତ ପଦାର୍ଥ ପାଟିରୁ କାଢ଼ିଥିଲେ। ଏହା ପରେ ତାଙ୍କୁ ତହସିଲଦାର କଳ୍ପନା ଦାସ ନିଜ ସରକାରୀ ଗାଡ଼ିରେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ମାଣିକପୁର ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରର ପିଲାଙ୍କ ଖେଳକୁଦ, ଦୋଳି ଓ ଖସଡ଼ା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ତେଜରାତି ଦୋକାନ କରିଥିବା ସନ୍ଧ୍ୟାରାଣୀଙ୍କୁ ସରକାରୀ ଜାଗାରୁ ଉଠିଯିବାକୁ ଚିଠି ନଂ.୨୫/୨୦୧୨ରେ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ହୋଇଥିଲା। କିଛିଦିନ ସମୟ ଦେବାକୁ ଜବରଦଖଲକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମୟ ଦିଆଯାଇଥିଲେ ମଧ୍ୟ ସେ ସେଠାରୁ ହଟି ନ ଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତର ନାଏବ ସରପଞ୍ଚ ସୁରେନ୍ଦ୍ର ଭୋଇଙ୍କ ଅଭିଯୋଗକ୍ରମେ ଉଚ୍ଚ ନ୍ୟାୟାଳୟ ଡବ୍ଲୁପି(ସି)୨୪୦୩୩ ନମ୍ବରରେ ଭାଙ୍ଗିବାକୁ ଆଦେଶ ଦେଇଥିଲେ। ତହସିଲ ପ୍ରଶାସନ ପୂର୍ବରୁ ଆଦେଶ ଥିବା ଆଦେଶ ନଂ.୨୫/୨୦୧୨ ଅନୁସାରେ ଗୁରୁବାର ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ପ୍ରସ୍ତୁତି ଚାଲିଥିବା ବେଳେ ଜବରଦଖଲକାରୀ ସନ୍ଧ୍ୟାରାଣୀ ଦୋକାନ ଘରେ ବସିରହିଥିଲେ। ତାଙ୍କ ସ୍ୱାମୀ ବିପିନ ଧମକାଇବାକୁ ଯାଇ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ଏହା ପରେ ତାଙ୍କୁ କାବୁ କରାଯାଇ ମେଡିକାଲ ନିଆଯାଇଥିଲା। ତେବେ ଏ ସମ୍ପର୍କରେ ତହସିଲଦାର କଳ୍ପନା ଦାସ କହିଛନ୍ତି, ନିୟମ ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଜବରଦଖଲକାରୀ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି।

## ୩ରେ ଭୂଷଣ୍ଡପୁର ଦୋଳଯାତ୍ରା



ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ନିରାକାରପୁର,୨୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଆସନ୍ତା ମାର୍ଚ୍ଚ ୩ରେ ଭୂଷଣ୍ଡପୁର ଦୋଳଯାତ୍ରା ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଭୂଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂଷଣ୍ଡପୁର ମୁଳକ ସଭାପତି ନବ କିଶୋର ଦାଶ ସଭାପତିତ୍ୱ କରିଥିଲେ। ଭୂଷଣ୍ଡପୁରର ଇଷ୍ଟଦେବ ଐଶାନେଶ୍ୱରଦେବ ଏବଂ ବାଲିପାଟପୁରର ଇଷ୍ଟଦେବ ପତିତପାବନ ଦେବଙ୍କୁ କିପରି ପାରମ୍ପରିକ ରୀତିନୀତିରେ ମନ୍ଦିର ବେଢ଼ାରୁ ଅଣାଯାଇ ଦୋଳ ପଡିଆରେ ଆସୀନ ହେବେ ସେ ନେଇ ଆଲୋଚନା ହୋଇଥିଲା। ଏହି ଦୋଳ ଯାତ୍ରା ନିମନ୍ତେ ଠାକୁରଙ୍କ ଆଗମନ ଓ ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ପାରମ୍ପରିକ ଲୋକନୃତ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ, ଏନେଇ ସମସ୍ତ କ୍ରିୟାନୁଷ୍ଠାନ କମିଟି, ପୋଲିସ ଏବଂ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ା ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ଉମାକାନ୍ତ ନାୟକଙ୍କ ସମେତ ଦୋଳ କମିଟି ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ଚାଚେରୀ ବେଶରେ ଦର୍ଶନଦେଲେ ମହାପ୍ରଭୁ

**ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)**

**ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ**

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ପ୍ରମୁଖ ଯାତ୍ରା। ଶ୍ରୀକ୍ଷେତ୍ରରେ ୭ଦିନ ଧରି ଦୋଳଯାତ୍ରା ପାଳନ ହୁଏ। ପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପରଦିନ ଶେଷ ହୁଏ। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ମଧ୍ୟରେ ତିଥିକ୍ଷୟ ଥିଲେ ଫାଲଗୁନ ଶୁକ୍ଳ ନବମୀଠାରୁ ଯାତ୍ରା ପାଳନ କରାଯାଏ। ସର୍ବତ୍ର ରାଧାକୃଷ୍ଣଙ୍କ ଦୋଳଯାତ୍ରାର ପ୍ରସିଦ୍ଧି ଥିଲେ ମଧ୍ୟ ଶ୍ରୀକ୍ଷେତ୍ରରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ଦୋଳଗୋବିନ୍ଦଙ୍କ ଦୋଳଯାତ୍ରା ପରେ ଏକତ୍ରାବସ୍ଥାନ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ମାହାତ୍ମ୍ୟ ପୃଥକ ଭାବେ ଚିହ୍ନାଇ ଦିଏ। ଫଗୁଦଶମୀ ଅବସରରେ ଗୁରୁବାର ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଚାଚେରୀ ବେଶ ହୋଇଥାଏ। ଗୁରୁବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରଙ୍କୁ ବୋଇରାଣୀ ମାଧବଲୀ ନୂତନ ପାଟବସ୍ତ୍ର ଲାଗି କରାଯାଇଥିଲା। ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥିଲେ।

## ଦାମୋଦର ସାହୁ ପାଇବେ 'ସିଟିଜେନ୍ସ ଲିଜେଣ୍ଡ ଆୱାର୍ଡ'

**ଭୁବନେଶ୍ୱର, ୨୬।୨ (ବନ୍ଦନା ସେଠୀ)**

ସିଟିଜେନ୍ସଫୋରମ ଗ୍ରେଟର ଗାଡକଣର ୧୧ତମ ବାର୍ଷିକ ଉତ୍ସବ ମାର୍ଚ୍ଚ ୧ରେ ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ହିନ୍ଦ ସେବକ ସଂଘର ସର୍ବଭାରତୀୟ ସଭାପତି ଦାମୋଦର ସାହୁଙ୍କୁ 'ସିଟିଜେନ୍ସ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯିବ। ଏ ସମ୍ପର୍କରେ ଅନୁଷ୍ଠାନର ମିଡିଆ ସେଲ ଆବାହକ ଦିଲୀପ ଦାଶଶର୍ମା ସୂଚନା ଦେଇଛନ୍ତି। ଏହି ଅବସରରେ ଭାରତୀୟ ଚଳଚ୍ଚିତ୍ର ଜଗତର ଅବଦାନ ବିଷୟବସ୍ତୁ ଆଧାରିତ ଅନୁଷ୍ଠାନର ମୁଖପତ୍ର 'ଅଗ୍ରଗାମୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହେବ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଲେଖକ ଦାଶ ବେନହୁର ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଦଶଶର୍ମା କହିଛନ୍ତି।

## ସେବିକା, ସେବକ ନିଯୁକ୍ତି ପ୍ରସଙ୍ଗ: ଅଭିଯୋଗ ଆଣିଲେ ଦିବ୍ୟାଙ୍ଗ ଚାକିରି ଆଶାୟୀ

**ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)**



ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ତୋଷାଳି ଭବନ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ବିଭାଗ ଅଧୀନରେ ଥିବା ଆଶ୍ରମ ସ୍କୁଲଗୁଡିକରେ ସେବିକା/ସେବକ ନିଯୁକ୍ତିକୁ ନେଇ ଅଭିଯୋଗ ଉଠିଛି। ଦିବ୍ୟାଙ୍ଗ ହୋଇଥିବାରୁ ଚାକିରୀ ପ୍ରଦାନ ପାଇଁ ଅଧିକାରୀମାନେ ବୈମାତୃକ ମନୋଭାବ ଦେଖାଉଛନ୍ତି। ଏନେଇ ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ଗୁରୁବାର ତୋଷାଳୀ ଭବନ ସାମ୍ନାରେ ପ୍ରତିବାଦ କରିବା ସହ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଆମେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ଦୁଇବର୍ଷିଆ ସ୍ୱତନ୍ତ୍ର ଶିକ୍ଷକ ତାଲିମ ଗ୍ରହଣ କରିଛୁ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ହୋଇଥିବା ସେବିକା/ସେବକ ବିଜ୍ଞପ୍ତିରେ ଉଭୟ ପ୍ରାଥମିକ ଏବଂ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ। ହେଲେ ଡକ୍ୟୁମେଣ୍ଟ ଯାଞ୍ଚ କରିବା ବେଳେ ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଦ୍ୱାରା ପ୍ରଚଳିତ ଛଅ ମାସିଆ ପାଠ୍ୟକ୍ରମର ଡକ୍ୟୁମେଣ୍ଟ ଦେବାକୁ ବାଧ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏନ୍‌ସିଟିଇର କୌଣସି ପାଠ୍ୟକ୍ରମ ପ୍ରଚଳନ କରାଯାଇନାହିଁ। ଏନ୍‌ସିଟିଇର ଗାଇଡ୍‌ଲାଇନ ଅନୁସାରେ ଏଭଳି କୋର୍ସ କେବଳ ନିଯୁକ୍ତି ପାଇସାରିବା ପରେ କରାଯାଏ। ନିଯୁକ୍ତି ନ ମିଳିବା ପୂର୍ବରୁ ଅଧିକାରୀମାନେ ଏଭଳି ବୈମାତୃକ ମନୋଭାବକୁ ଦୂର କରି ସେମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ଦାବି କରିଛନ୍ତି।

## ଆଜିଠାରୁ ଓୟୁଟିଆର୍‌ରେ 'ଶୋଧଧାର' ସମ୍ମିଳନୀ

**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପକ୍ଷରୁ ଶୁକ୍ରବାରଠାରୁ ୨ ଦିନିଆ ବାର୍ଷିକ ଗବେଷଣା ସମ୍ମେଳନ 'ଶୋଧଧାରା ୨୦୨୬' ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଗବେଷକ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ନବୀନ ଗବେଷଣା ପ୍ରସ୍ତୁତି ପାଇଁ ଏକ ମଞ୍ଚ ପ୍ରଦାନ କରାଯିବ। ଏବର୍ଷ ଏହି ସମ୍ମିଳନୀକୁ ୨୦୦ରୁ ଅଧିକ ଆବଷ୍ଟ୍ରାକ୍ଟ ଦାଖଲ ହୋଇଥିବାବେଳେ ବିଜ୍ଞାନ, ଯାନ୍ତ୍ରିକୀ ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ କ୍ଷେତ୍ରରୁ ଗବେଷକମାନେ ସକ୍ରିୟ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ବେଦାଙ୍ଗ ଦାସ ଯୋଗଦେବେ। ଓୟୁଟିଆର କୁଳପତି ବିଭୂତି ଭୂଷଣ ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ। ସମ୍ମିଳନୀରେ ଅମିତାଭ ଚାଟାର୍ଜୀ, ବରଦାକାନ୍ତ ମିଶ୍ର, ଓ ବିଦ୍ୟାଧର ସୁବୁଦ୍ଧି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

## ରାଜୀବ ପାଇବେ 'ଅବଦୁଲ ସତ୍ତାର ସେବା ସ୍ମୃତିସମ୍ମାନ'

**ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)**

**ସ୍ମୃତିଲିପି ପକ୍ଷରୁ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା**

ସାହିତ୍ୟ ପତ୍ରିକା 'ସ୍ମୃତିଲିପି' ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ବର୍ଗର ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯାଇଛି। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀଙ୍କୁ 'ଅବଦୁଲ ସତ୍ତାର ସେବା ସ୍ମୃତିସମ୍ମାନ' ଦିଆଯିବ। ସେହିପରି ଯୁବ ଲେଖିକା ଶ୍ୱେତା ରାଉତଙ୍କୁ 'ପ୍ରଫୁଲ୍ଲ କୁମାର ଧଳ ସ୍ମୃତିସମ୍ମାନ', କବି ଇଂ. ସରୋଜ କୁମାର ମହାପାତ୍ରଙ୍କୁ 'ରଜନୀ ମିଶ୍ର ସ୍ମୃତିସମ୍ମାନ' ଏବଂ କବି ସରୋଜିନୀ ପତିଙ୍କୁ 'ରୀନା ମହାପାତ୍ର ସ୍ମୃତିସମ୍ମାନ' ପ୍ରଦାନ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ.ପ୍ରମୋଦିନୀ ହୋତା, ଶିକ୍ଷାବିତ୍ ଡ. ରଘୁ ସାହୁ, ଆଇନଜୀବି କବିର କୁମାର ଜେନାଙ୍କୁ ସମ୍ମାନିତ କରାଯିବ। ସଙ୍ଗୀତ ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଇଶ୍ରୀ ବିଶ୍ୱଜିତା ରାୟ, ସଙ୍ଗଠିକା ଡ. ଗୀତାଞ୍ଜଳି ପୃଷ୍ଟି ଓ ବରିଷ୍ଠ ପ୍ରଶାସକ ସଙ୍ଗୀତ କୁମାର ଦେଓ, ବରିଷ୍ଠ ସମ୍ପାଦିକା ଡ.ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ୍ ଗୋଲକ ବିହାରୀ ବେହେରା, ସଙ୍ଗୀତକାର ଧ୍ରୁବ ଚରଣ ସେଠୀ, ଲେଖକ ବଂଶୀଧର ସାହୁ, କବି ଇଂ. ଫକୀର ମୋହନ ସାହୁ, ଯୁବକବି ସୌମ୍ୟରଞ୍ଜନ ପରିଡା, ଶିକ୍ଷାବିତ୍ ମଞ୍ଚ ସଂଯୋଜିକା ଝରଣା ମଲ୍ଲିକ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଯୁବକବି ଶାନ୍ତନୁ କୁମାର ରାଉତ ଓ କବି ବିଶ୍ୱନାଥ ପାଢୀଙ୍କୁ ତାଙ୍କର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯିବ। ମାର୍ଚ୍ଚ ୧ରେ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଭୁବନ ମୋହନ ମହାନ୍ତି, କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ ଓ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ପଦ୍ମାକର ଗୁରୁ ଜଣାଇଛନ୍ତି।

# କଳା, ସଂସ୍କୃତିର ଭଣ୍ଡାର ଓଡ଼ିଶା

**ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)**

**୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଉଦ୍‌ଯାପିତ**



ତୋଷାଳି ମେଳାର ଉଦ୍‌ଯାପନ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସହ ଅନ୍ୟମାନେ।

ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ଭଣ୍ଡାର। ତୋଷାଳି ମହାକୁମ୍ଭ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହୋଇଛି। ଓଡିଶାର ୬୪ଟି ହସ୍ତଶିଳ୍ପ ଓଡିଶା ସରକାରଙ୍କ ସ୍ୱୀକୃତି ପାଇସାରିଛି। ସୃଜନିକା କ୍ରାଫ୍ଟ କ୍ଲଷ୍ଟର ଓଡିଶାର ହସ୍ତକଳା ଓ ସଂସ୍କୃତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ଏ ବର୍ଷର ମେଳାରେ କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରାଯାଇ ଦର୍ଶକଙ୍କ ଆଗମନର ଗଣନା କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ଉପଶାସନ ସଚିବ ସୁବ୍ରତ କୁମାର ବେହେରା, ଅତିରିକ୍ତ ଶାସନ ସଚିବ ଚିନ୍ମୟୀ ବିଶ୍ୱାଳ, ଯୁଗ୍ମ ସଚିବ ମମତା ନାୟକ, ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଉପନିର୍ଦ୍ଦେଶକ ମଧୁସ୍ମିତା ଦାସ ଓ ଆଶୁତୋଷ ମହାନ୍ତି, ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜନତା ମଇଦାନ ଆକାଶରେ ପ୍ରଦର୍ଶିତ 'ଡ୍ରୋନ୍ ଶୋ'ରେ ବିଭାଗର ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା। ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ଅଭିଭୂତ କରିଥିଲା।

# ରାଜଧାନୀବାସୀଙ୍କୁ ନିଆଁ ଭୟ

■ଉଚ୍ଚ ଅଟ୍ଟାଳିକା, ମାର୍କେଟ, ଆପାର୍ଟମେଣ୍ଟରେ ରହୁନି ଅଗ୍ନି ନିରାପତ୍ତା ବ୍ୟବସ୍ଥା

■ଖୁବ ଶୀଘ୍ର ଅଗ୍ନିଶମ ବିଭାଗ ପକ୍ଷରୁ ବଡ଼ ଧରଣର ଯାଞ୍ଚ: ଆଇଜି

ଭୁବନେଶ୍ୱର,୨୬।୨(ତ୍ରିନାଥ ମହାନ୍ତି)

ରାଜଧାନୀବାସୀଙ୍କୁ ଘାରିଲାଣି ଅଗ୍ନିକାଣ୍ଡ ଭୟ। ରାଜଧାନୀର ଏକାଧିକ ସ୍ଥାନରେ ଘଟୁଥିବା ଅଗ୍ନିକାଣ୍ଡ ଅଗ୍ନିଶମ ବିଭାଗର ଚିନ୍ତାର କାରଣ ପାଲଟିଛି। ଏହି ଅଗ୍ନିକାଣ୍ଡ କେଉଁ କାରଣ ପାଇଁ ଘଟୁଛି ସେନେଇ ସମୀକ୍ଷା କରୁଛି ଅଗ୍ନିଶମ ବିଭାଗ। ବିଶେଷ କରି ସହରରେ ଥିବା ଉଚ୍ଚ ଅଟ୍ଟାଳିକା, ମାର୍କେଟ ବିଲ୍ଡିଂ, ୟୁନିଟ୍-୧ ପରିବାର ମାର୍କେଟ୍, ବିଭିନ୍ନ ମଲ୍ ଏବଂ ସହରରେ ଥିବା ଏକାଧିକ ଫ୍ଲାଟ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହୁନି। ଫଳରେ ବିଦ୍ୟୁତ୍ ଶର୍ଟସର୍କିଟ ଘଟି ଅଗ୍ନିକାଣ୍ଡ ଘଟୁଛି। ନିଆଁରେ କୋଟି କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହେଉଛି।

ଗତ ଜାନୁଆରୀ ୧୯ ରାତିରେ ୧ ନମ୍ବର ମାର୍କେଟରେ ନିଆଁ ଲାଗି ବହୁ ବ୍ୟବସାୟୀଙ୍କ ବେଉସା ବୁଡ଼ିଯାଇଥିଲା। ସେହିପରି ୨୦୨୫ ଅକ୍ଟୋବର ୨୨ରେ ୧ ନମ୍ବର ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟିଥିଲା। ଦୁଇ ଦୁଇ ଥର ୟୁନିଟ୍-୧ ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ୟୁନିଟ୍-୧ ପରିବା ମାର୍କେଟରେ ନିଆଁ ଲାଗିବା ପରେ ପାଉଁଶ ହୋଇଯାଇଥିଲା ଏକ ନମ୍ବର ମାର୍କେଟର ୫୦ ଦୋକାନ। ନିଆଁ ଆଁରେ ପାଉଁଶ ହୋଇଯାଇଥିଲା କୋଟି କୋଟି ଟଙ୍କାର ଜିନିଷ। ସେହିପରି ୨୦୨୫ ସେପ୍ଟେମ୍ବରରେ ୟୁନିଟ୍-୧ ଅଣ୍ଡରଗ୍ରାଉଣ୍ଡ ତଳେ ଥିବା ଲୁଗା ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ତେବେ ସବୁଠୁ ଅଧିକ ଚିନ୍ତା ବଢ଼ାଇଛି ୨ଦିନ ତଳେ ଲିଙ୍ଗିପୁରର ସୁପରମାର୍ଟରେ ଲାଗିଥିବା ଅଗ୍ନିକାଣ୍ଡ। ପାଖାପାଖି ୨୦ ଘଣ୍ଟାର କସରତ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଘଟଣାର ଭୟାବହତା ମନରୁ ନ ଲିଭୁଣୁ ଗୁରୁବାର ସରକାରୀ କାର୍ଯ୍ୟାଳୟ ତୋଷାଳୀ ଭବନରେ ନିଆଁ ଲାଗିଛି। ଅଗ୍ନିକାଣ୍ଡରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ସେହିପରି ଗତ ଡିସେମ୍ବର ୧୨ରେ ମଞ୍ଚେଶ୍ୱର ହସପାଳ ନିକଟରେ ଥିବା ଏକ ବାର୍‌ରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ବାରରେ କେହି ନ ଥିବାବେଳେ ଶର୍ଟସର୍କିଟରେ ଅଗ୍ନିକାଣ୍ଡ ଘଟିଥିଲା। ଗତ ୨୨ ତାରିଖରେ ୟୁନିଟ୍-୯ ତାରିଣୀବସ୍ତିରେ ସିଲିଣ୍ଡର ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିବାରୁ ବଡ଼ ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲେ। ସେହିପରି ଗତ ୧୩ ତାରିଖରେ ଖାରପଡ଼ା ନୀଳପଦ୍ମା ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଥିଲା। ଏସି ତାର ଶର୍ଟସର୍କିଟ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ କହିଥିଲା।




**ପୁରୁଣା ତାର ବଦଳାଉ ନାହାନ୍ତି**

ରାଜଧାନୀର ବିଭିନ୍ନ ପୁରୁଣା ବିଲ୍ଡିଂରେ ଥିବା ୱାୟାରିଂ ତାରକୁ ବଦଳା ଯାଉନାହିଁ। ଫଳରେ ଖରା ଦିନରେ ଗରମ ପାଇଁ ଲୋକେ ଏସି ଏବଂ କୁଲରର ବହୁଳମାତ୍ରାରେ ବ୍ୟବହାର କରୁଛନ୍ତି। ପୁରୁଣା ତାର ହୋଇଥିବାରୁ ତାହା ସମ୍ଭାଳି ପାରୁ ନ ଥିବାରୁ ଶର୍ଟସର୍କିଟ୍ ଘଟି ଅଗ୍ନିକାଣ୍ଡ ଘଟୁଛି। ତେଣୁ ଖରା ଦିନ ପୂର୍ବରୁ ସମସ୍ତେ ପୁରୁଣା ତାର ବଦଳାଇବା ଆବଶ୍ୟକ ବୋଲି ବିଶେଷଜ୍ଞ ସାଇ ବିବେକ କହିଛନ୍ତି।

**ପ୍ଲାଷ୍ଟିକ୍ ସାମଗ୍ରୀ ଏତେ ପରିମାଣରେ ରଖିବା ଅନୁଚିତ**

ସହରରେ ଥିବା ଏକାଧିକ ଦୋକାନୀ ଏବଂ ଶୋ'ରୁମ୍ ମାଲିକ ଗୋଦାମରେ ବହୁ ପ୍ଲାଷ୍ଟିକ୍ ସାମଗ୍ରୀ ଗଦା କରି ରଖୁଛନ୍ତି। ଉକ୍ତ ଘର ଭିତରକୁ ପବନ ଯିବାକୁ ମଧ୍ୟ ରାସ୍ତା ନାହିଁ। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ରହୁନି। ଯେଉଁଥିପାଇଁ ତାର ଶର୍ଟସର୍କିଟ ଘଟି ଅଗ୍ନିକାଣ୍ଡ ଘଟୁଛି।

**ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ**

ସହରରେ ଥିବା ବହୁ ଆପାର୍ଟମେଣ୍ଟ ଏବଂ ଅନ୍ୟାନ୍ୟ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହୁନି। ତେଣୁ ଏନେଇ ଖୁବ୍ ଶୀଘ୍ର ଯାଞ୍ଚ କରାଯିବ ବୋଲି ଅଗ୍ନିଶମ ଆଇଜି ଉମାଶଙ୍କର ଦାସ କହିଛନ୍ତି। ଯେଉଁମାନଙ୍କ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ, ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲଗାଇବାକୁ କୁହାଯିବ। ଯଦି ସେମାନେ ନ କରିବେ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

# ତୋଷାଳି ଭବନରେ ଅଗ୍ନିକାଣ୍ଡ

## ଲୋକାୟୁକ୍ତ ରେକର୍ଡ ରୁମ୍‌ର ଅଧା ଫାଇଲ୍ ପୋଡ଼ିଗଲା

ଭୁବନେଶ୍ୱର,୨୬।୨(ତ୍ରିନାଥ ମହାନ୍ତି)

ସତ୍ୟନଗର ତୋଷାଳୀ ଭବନରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ତୋଷାଳୀ ଭବନସ୍ଥିତ ବି-୨ ତଳ ମହଲାରେ ଥିବା ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ରେକର୍ଡ ରୁମ୍‌ରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ନିଆଁରେ ଅନେକ ଜରୁରୀ କାଗଜପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଆଉ କିଛି ଦସ୍ତାବିଜ୍ ଅଧାପୋଡ଼ା ଅବସ୍ଥାରେ ରୁମ୍ ଭିତରେ ପଡ଼ି ରହିଛି। କିଛି ଦସ୍ତାବିଜ୍ ଭଲ ଥିଲେ ମଧ୍ୟ ପାଣି ମାଡ଼ରେ ସେଗୁଡିକ ଓଦା ହୋଇ ନଷ୍ଟ ମଧ୍ୟ ହୋଇଯାଇଛି।

ଅଗ୍ନିକାଣ୍ଡ ପରେ ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗର ୨ଟି ଦମ୍‌କଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହିଅଘଟଣରେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର କୌଣସି କର୍ମଚାରୀ କିମ୍ବା ଅଧିକାରୀ ଆହତ ହୋଇ ନାହାନ୍ତି। ସୁରକ୍ଷାକୁ ନଜରରେ ରଖି ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ। ସୁରକ୍ଷାକର୍ମୀମାନେ ଅଗ୍ନି ନିରାପତ୍ତା ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏକ ବିଦ୍ୟୁତ୍ ବୋର୍ଡକୁ ଲାଗି ଥିବା ର‍୍ୟାକ୍ ଜଳିଯାଇଥିଲା। ପୁରୁଣା ବିଦ୍ୟୁତ୍ ତାରରେ ଓଭର ଲୋଡ୍ କାରଣରୁ ଶର୍ଟସର୍କିଟ୍ ହୋଇଥାଇପାରେ ବୋଲି ଅଗ୍ନିଶମ ବିଭାଗ ଅନୁମାନ କରୁଛି। ନିଆଁ ଲିଭାଇବାକୁ ଭୁବନେଶ୍ୱରର ଦୁଇଟି ଦମକଳ ଗାଡି ଓ ୧୦ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଅଗ୍ନିଶମ ଅଧିକାରୀ ମନୋରାଞ୍ଜନ ରାଉତ କହିଛନ୍ତି।





ଲୋକାୟୁକ୍ତ ରେକର୍ଡ ରୁମ୍‌ରେ ନିଆଁ ଲାଗି ଫାଇଲ ସହ ଜିନିଷପତ୍ର ପୋଡ଼ିଯାଇଛି।

# ବେସିକ ସାଇନ୍ସ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜ୍‌ର ୬୨ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଶ୍ୱସ୍ତରରେ ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ଉଚ୍ଚସ୍ତରରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ଚେଷ୍ଟାର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ସମସ୍ତଙ୍କୁ ବିକଶିତ ଭାରତ ଦିଗରେ ଅଗ୍ରସର ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଆନୁଷ୍ଠାନିକ ସଭାପତି ଆଶୁତୋଷ ନନ୍ଦ ବାର୍ଷିକ ବିବରଣୀ, କାର୍ଯ୍ୟକାରୀ ସଭାପତି ସୋହେଲା ଶେଖ ଏବଂ ସଭାପତି ସ୍ମୃତି ରଞ୍ଜନ ସେଠୀ ଅଭିଭାଷଣ ପ୍ରଦାନ କରିଥିଲେ ।

# ଦାମୋଦର ସାହୁ ପାଇବେ 'ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ'

ଭୁବନେଶ୍ୱର, ୨୬।୨ (ବନ୍ଦନା ସେଠୀ)

ସିଟିଜେନ୍‌ସ ଫୋରମ ଗ୍ରେଟର ଗାଡକଣର ୧୧ତମ ବାର୍ଷିକ ଉତ୍ସବ ମାର୍ଚ୍ଚ ୧ରେ ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ହିନ୍ଦ ସେବକ ସଂଘର ସର୍ବଭାରତୀୟ ସଭାପତି ଦାମୋଦର ସାହୁଙ୍କୁ 'ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯିବ। ଏ ସମ୍ପର୍କରେ ଅନୁଷ୍ଠାନର ମିଡିଆ ସେଲ ଆବାହକ ଦିଲୀପ ଦାଶଶର୍ମା ସୂଚନା ଦେଇଛନ୍ତି। ଏହି ଅବସରରେ ଭାରତୀୟ ଚଳଚ୍ଚିତ୍ର ଜଗତର ଅବଦାନ ବିଷୟବସ୍ତୁ ଆଧାରିତ ଅନୁଷ୍ଠାନର ମୁଖପତ୍ର 'ଅଗ୍ରଗାମୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହେବ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ଲେଖକ ଦାଶ ବେନହୁର ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଦାଶଶର୍ମା କହିଛନ୍ତି।

# ମାମୁଙ୍କୁ ହାଣିବା ଅଭିଯୋଗରେ ୨ ଭଣଜା ଗିରଫ

ବାରଙ୍ଗ, ୨୬।୨ (ଲିଙ୍ଗରାଜ ରାଉତ)

ବିବାହ ଉତ୍ସବରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ମାମୁଙ୍କୁ କଟୁରିରେ ହାଣିବା ଅଭିଯୋଗରେ ୨ଭଣଜାଙ୍କୁ ବାରଙ୍ଗ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଫତେଗଡ଼ ଥାନା ଅନ୍ତର୍ଗତ ପୋଡ଼ାସାହିର ନୀଳମଣି ରାଉତ(୪୫) ଓ କୁଳମଣି ରାଉତ (୪୩)। ଏନେଇ ପୋଲିସ ମାମଲା (ନଂ.୯୯/୨୬) ରୁଜୁ କରିଛି।

ପ୍ରକାଶ ଯେ, ନୟାଗଡ଼ ଭାପୁର ବ୍ଲକ ଅଞ୍ଚଳର ରାଧା ହାତୀ ନାମ୍ନୀ ଜଣେ ମହିଳା ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁର ନିକଟରେ ଘର କରି ରହୁଛନ୍ତି । ରାଧାଙ୍କ ପୁଅ ହାପିଙ୍କର ବୁଧବାର କଟକରେ ବାହାଘର ଥିଲା। ବିବାହ ଉତ୍ସବକୁ ତାଙ୍କର ଭଣଜା ନୀଳମଣି ଓ କୁଳମଣି ଆସିଥିଲେ। ସେହିପରି ରାଧାଙ୍କର ସମ୍ପର୍କୀୟ ଭାଇ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଦ୍ଧମୂଳା ଗ୍ରାମର ମନୋରଞ୍ଜନ ଦାସ ମଧ୍ୟ ସେଠାକୁ ଆସିଥିଲେ। ଉଭୟ ବରଯାତ୍ରୀ ହୋଇ କଟକ ଶିଖରପୁର ଅଞ୍ଚଳକୁ ଯାଇଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସମ୍ପର୍କୀୟମାନେ ବୁଝାଶୁଝା କରିବା ପରେ ସେମାନେ ନରଣପୁର ଆସି ପୁନର୍ବାର ଗଣ୍ଡଗୋଳ କରିଥିଲେ। କୁଳମଣି ଓ ନୀଳମଣି ଉତ୍‌କ୍ଷିପ୍ତ ହୋଇ ଏକ କଟୁରିରେ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ମନୋରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ମେଡିକାଲ ପଠାଇବା ସହ ଆକ୍ରମଣକାରୀ ୨ ଭାଇଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା।

# ମୁଖ୍ୟସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ରମାରଞ୍ଜନ

**କଣାସରେ ହଇଜା ମୃତକଙ୍କ ପରିବାରକୁ ସହାୟତା ପ୍ରସଙ୍ଗ**

ଭୁବନେଶ୍ୱର,୨୬।୨(ରବିନାରାୟଣ ଜେନା)

ପୁରୀ ଜିଲା କଣାସ ବ୍ଲକରେ ୨୦୨୫ରେ ହଇଜା ମୃତ୍ୟୁ ପ୍ରସଙ୍ଗରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି ।

ଗୁରୁବାର ଅପରାହ୍ନରେ ରମାରଞ୍ଜନ କହିଛନ୍ତି, ଦୟା ନଦୀର ପ୍ରଦୂଷିତ ପାଣି ପିଇ କଣାସ ସମେତ ଆଖପାଖର ବହୁ ଅଞ୍ଚଳର ଲୋକେ, ଗୋରୁ ଆକ୍ରାନ୍ତ ହୋଇଛନ୍ତି ଏବଂ ହେଉଛନ୍ତି। ଏନେଇ କମିଶନଙ୍କ ପକ୍ଷରୁ ୨୦୨୬ ଜାନୁଆରୀରେ ମୃତ ୭ଜଣଙ୍କୁ ଅନୁକମ୍ପାମୂଳକ ସହାୟତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଦୟା ଏବଂ ଗଙ୍ଗୁଆ ଜଳକୁ ବିଶୋଧନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ହେଲେ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମୁଖ୍ୟଶାସନ ସଚିବ ଏସବୁ ବିଷୟରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏହା ଉପରେ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରମାରଞ୍ଜନ କହିଛନ୍ତି।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ବାର୍ଷିକ ସଙ୍ଗୀତ ଉତ୍ସବରେ ଗୁରୁବାର ହାଇଦ୍ରାବାଦର ସ୍ମିତା ବେଲୁର ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସଙ୍କ ପରଲୋକ

■ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ

■ଲୋକକଳା ଜଗତର ଅପୂରଣୀୟ କ୍ଷତି

ମଙ୍ଗୁଳି-ଜଗତପୁର/ ଚୌଦ୍ୱାର, ୨୬।୨(ମାନସ ସାମଲ/ ଆଶୁତୋଷ ଦାସ)

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପାରମ୍ପରିକ ଲୋକକଳା ଚଇତି, ଘୋଡ଼ା ନାଚ ଶିଳ୍ପୀ, ଚିତ୍ରକର ତଥା କବି ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ବୁଧବାର ବିଳମ୍ବିତ ରାତିରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୧ ବର୍ଷ ହୋଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ୧୯୪୫ ମହାବିଷୁବ ସଂକ୍ରାନ୍ତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଉଚ୍ଛବ ପିଲା ବେଳୁ ଚୌଦ୍ୱାର ପୌରପାଳିକା ତଳ ବଜାରସ୍ଥିତ ମାମୁ ଘରେ ରହି ପାଠ ପଢୁଥିଲେ। ଯୁବ ବୟସରୁ ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚ ପ୍ରତି ଆକୃଷ୍ଟ ହେବା ସହିତ ନିଜେ ଏକ ଘୋଡାନାଚ ଦଳ ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘୋଡ଼ାନାଚ ପରିବେଷଣ ସହିତ ପାରମ୍ପରିକ ସଙ୍ଗୀତ ରଚନା କରି ସେ ବେଶ୍ ଲୋକାଦୃତ ହୋଇପାରିଥିଲେ। ପାରମ୍ପରିକ ଲୋକ କଳାର ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ଉତ୍କଳ ସଙ୍ଗୀତ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନ ଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ହିନ୍ଦ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ନୟନ କିଶୋର ମହାନ୍ତି, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ତଳବଜାରସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବହୁ ପ୍ରଶାସନିକ ପଦାଧିକାରୀ, ରାଜ୍ୟ ପୋଲିସ ଫୋର୍ସ ବାସ ଭବନରେ ପହଞ୍ଚି ଗାର୍ଡ ଅଫ ଅନର ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ଥର୍ମାଲ ରୋଡ୍‌ସ୍ଥିତ ଘଡ଼ଘଡ଼ିହୁଡ଼ା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନିର୍ମଳା, ଦୁଇ କନ୍ୟା ସଂଘମିତ୍ରା ଓ ନନ୍ଦିତା ଉପସ୍ଥିତ ଥିଲେ। ବଡ଼ ଜ୍ୱାଇଁ ଅନନ୍ତ ଦଳାଇ ମୁଖାଗ୍ନି ଦେଇଥିଲେ।



# ୨ ଜୀବନ ଯିବା ପରେ ବିଏମ୍‌ସିର ଚେତା ପଶିଲା

**ହୋର୍ଡିଂ ପରିଚାଳନା ନେଇ ସମୀକ୍ଷା**

**ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ କରିବେ ଏଜେନ୍ସି**

ଭୁବନେଶ୍ୱର, ୨୬।୨(ବନ୍ଦନା ସେଠୀ)

ରାଜଧାନୀରେ ପ୍ରବଳ ବର୍ଷା ପବନରେ ହୋର୍ଡିଂ ପଡ଼ି ଗତ ମଙ୍ଗଳବାର ଦୁଇଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଉଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଦାୟୀ କରାଯାଉଛି। ସହରରେ ବଡ଼ ବଡ଼ ହୋର୍ଡିଂ ବିପଦସଙ୍କୁଳ ଅବସ୍ଥାରେ ରହିଥିଲେ ମଧ୍ୟ ବିଏମ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏପରିକି ବେପରୁଆ ଓ ଖାମଖିଆଲି ଭାବେ ହୋର୍ଡିଂ ପରିଚାଳନା ପାଇଁ ଏଭଳି ଦୁଃଖଦ ଘଟଣା ଘଟିଥିବା ସହରବାସୀ କହୁଛନ୍ତି। ଏବେ ଜୀବନ ନେବା ପରେ ବିଏମ୍‌ସିର ଚେତା ପଶିଛି। ହୋର୍ଡିଂ ପରିଚାଳନା ସହ ଏ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ କେତେକ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡିକର ସ୍ଥାୟିତ୍ୱ ପ୍ରମାଣପତ୍ର ଦେବା ପାଇଁ ଆଲୋଚନା ହୋଇଛି। ସେହିପରି ସମସ୍ତ ହୋର୍ଡିଂ ଷ୍ଟ୍ରକଚର ପରିଚାଳନା, ଦେଖାଶୁଣା ଓ ସୁରକ୍ଷା କିପରି ହେଉଛି ତାହାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଛି। ଏଥିସହ ସମସ୍ତ ଏଜେନ୍ସି ନିଜ ନିଜର ହୋର୍ଡିଂଗୁଡିକର ସମୀକ୍ଷା କରି ସ୍ଥିତି ସମ୍ପର୍କରେ ଜଣାଇବେ। ସହରରେ ଲଗାଯାଇଥିବା ହୋର୍ଡିଂଗୁଡିକରେ ନିଜ ସଂସ୍ଥାର ନାମ ଲେଖିବେ। ପ୍ରତ୍ୟେକ ଏଜେନ୍ସି ସମସ୍ତ ହୋର୍ଡିଂର ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କୌଣସି ହୋର୍ଡିଂରେ ଫ୍ଲେକ୍ସ କିମ୍ବା ଅନ୍ୟକିଛି ଛିଡିକରି ଉଡେ, ତେବେ ସେଗୁଡିକୁ ସଙ୍ଗେ ସଙ୍ଗେ କାଟିଦେବା ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ସୁରକ୍ଷା ଦୃଷ୍ଟିରୁ ହୋର୍ଡିଂଗୁଡିକୁ ହଟାଇ ଦେବାପାଇଁ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବୈଠକରେ ହୋଇଥିବା ଏସବୁ ନିଷ୍ପତ୍ତି ଓ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। କାରଣ ପୂର୍ବରୁ ଏପରି ଅନେକ ନିର୍ଦ୍ଦେଶ କେବଳ ଲୋକ ଦେଖାଣିଆରେ ପରିଣତ ହୋଇଛି। ଅଧିକାରୀମାନେ କଟକଣା ଓ ନିୟମ କରି ଚୁପ୍ ବସୁଥିବାବେଳେ ଉଲ୍ଲଂଘନକାରୀ ମନଇଚ୍ଛା କାର୍ଯ୍ୟ କରୁଥିବାରୁ ସହରୀ ଜୀବନ ବିପଦରେ ପଡୁଛି।



ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କ ସହ ଅଧିକାରୀମାନେ।

**ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗର ୬ ମିନିଟ୍ ପରେ ତଦନ୍ତ ନିର୍ଦ୍ଦେଶ**

ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ବ୍ଲକ ସୁତନ ପଞ୍ଚାୟତର ସୁତନ ସାମିଲ ଭିଙ୍ଗାରାଡି ଗ୍ରାମର ଜଣେ ସରକାରୀ ଚାକିରିଆଙ୍କ ମାଆଙ୍କୁ ୨୦୧୬ରେ ପ୍ରଦାନ କରାଯାଇଥିବା ଆବାସ ଯୋଜନା ଗୃହ ବାବଦରେ ୨୦୨୫ରେ ଅର୍ଥରାଶି ପ୍ରଦାନ ଘଟଣାରେ ସାମାଜିକ କର୍ମୀ ଭାଗୀରଥୀ ସ୍ୱାଇଁ ବୁଧବାର ଜନଶୁଣାଣି ପୋର୍ଟାଲରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗର ୬ମିନିଟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାପାଳଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସଂପୃକ୍ତ ଗ୍ରାମ ପଞ୍ଚାୟତର ପିଇଓ ଓ ତତ୍କାଳୀନ ବିଡିଓଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

## ସଂକ୍ଷେପରେ

### ଏପ୍ରିଲ ୧୭ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସରକାରୀ ଆଇଟିଆଇ କ୍ୟାମ୍ପସରେ ଏପ୍ରିଲ ୧୭ରେ ଜିଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହେବ। ଜିଲାର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କ ପାଇଁ ଏହା ଆତ୍ମନିର୍ଭରର ସୁଯୋଗ ଦେବ। ମେଳାରେ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀ ଓ ଉଦ୍ୟୋଗୀମାନେ ଯୋଗଦେବେ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଓ ସେମାନଙ୍କ ପରିବାର ପାଇଁ ଏହି ମେଳା ଉତ୍କଣ୍ଠା ରଖିଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ଆୟୋଜନ ପାଇଁ ଅତିରିକ୍ତ ଜିଲାପାଳ ଭୋଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ବସ୍ତି ଉପସ୍ଥିତ ଥିଲେ। ମାଟ୍ରିକ ଠାରୁ ତଦୂର୍ଦ୍ଧ୍ୱ ଓ ଆଇଟିଆଇ ପିଲାମାନେ ନାମ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସଂସ୍ଥା ସେମାନଙ୍କୁ ନିଯୁକ୍ତି ଦେଇପାରିବେ ବା ଆଗ୍ରହ ଅନୁସାରେ କମ ଅବଧିର ତାଲିମ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିପାରିବେ। ନିଯୁକ୍ତି ମେଳାରେ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାନୀୟଜଳ, ଅଗ୍ନି ନିର୍ବାପକ, ସୂଚନା ପ୍ରଦାନ ଓ ପ୍ରଚାର ପ୍ରସାର,ଚିକିତ୍ସା, ପରିମଳ, ସ୍ୱେଚ୍ଛାସେବୀ ନିୟୋଜନ, ବ୍ଲକ ସ୍ତରରେ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରଶାସନ ଇଟାଭାଟି ଭାଙ୍ଗିବା ପରେ ଉପାସରେ ଶ୍ରମିକ

ଯୋଗେଶ୍ୱରପୁର,୨୬।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ଭଙ୍ଗାଯିବା ପରେ ଏହା ଉପରେ ନିର୍ଭରଶୀଳ ଶ୍ରମିକମାନେ ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ପଡ଼ିଛନ୍ତି। ଅନେକ ଶ୍ରମିକ ଭୋକ ଉପାସରେ ଦିନ କାଟୁଛନ୍ତି। ଇଟାଭାଟି ଶ୍ରମିକମାନଙ୍କୁ ୧୨୫ ଦିନର କାମ ଦେବା ପାଇଁ ସରକାର ଘୋଷଣା କରିଥିବାବେଳେ ଏପଟେ କାମ ନ ପାଇ ବାବୁଲି ଲେଙ୍କା, ପୀତାମ୍ବର ମଲ୍ଲିକ, ଗଣ୍ଡୁ ବେହେରା ପ୍ରମୁଖ କହିଛନ୍ତି ଆମେ ଇଟାଭାଟିରେ କାମ କରି ପରିବାର ଚଳାଉଥିଲୁ, ଏବେ ଇଟାଭାଟି ଭଙ୍ଗାଯିବା ପରେ ଆମେ ଭୋକ ଉପାସରେ ଦିନ କାଟୁଛୁ। ସୂଚନାଯୋଗ୍ୟ, ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାସଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ୨୦ରୁ ଅଧିକ ଇଟାଭାଟି ଭଙ୍ଗାଯାଇଥିଲା। ଘର କରିବା ପାଇଁ ଇଟା ପକାଇଥିବା ଲୋକଙ୍କ ଭାଟିକୁ ଭଙ୍ଗାଯିବ ନାହିଁ ବୋଲି ତହସିଲଦାର କହିଥିବା ବେଳେ ବୁଧବାର ଗଡନିପାଣିଆଁ ଗ୍ରାମରେ ଘର ନିର୍ମାଣ ଲାଗି ଇଟାଭାଟି କରିଥିବାବେଳେ ତାହାକୁ ତହସିଲ ପକ୍ଷରୁ ଭାଙ୍ଗିଦିଆଯାଇଛି। ବରିମୁଣ୍ଡ ଓ ବାଉଲାଙ୍ଗ ଆର୍ଆଇ ସର୍କଲ ଅଞ୍ଚଳରେ ବହୁ ବ୍ୟବସାୟୀ ବେଆଇନ ଇଟାଭାଟି କରିଛନ୍ତି। ପ୍ରଶାସନ ନିକଟରେ ସେ ସମ୍ପର୍କରେ ଖବର ପହଞ୍ଚାଇବା ପରେ ତାକୁ ଭଙ୍ଗାଯିବ ବୋଲି ତହସିଲଦାର ଦାସ ପ୍ରକାଶ କରିଛନ୍ତି।

# ‘ଗ୍ରାମାଞ୍ଚଳ ବିକାଶରେ ରାଜ୍ୟ ବିକଶିତ ହେବ’

ନିମାପଡ଼ା,୨୬।୨(ବିଚିତ୍ରାନନ୍ଦ ସାହୁ)




ଆଭାସି ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଗ୍ରାମାଞ୍ଚଳର ବିକାଶ ହେଲେ ରାଜ୍ୟର ବିକାଶ ହେବ। ମୁଖ୍ୟତଃ ନିମାପଡ଼ାର ଉତ୍କର୍ଷକୁ ଶୀର୍ଷରେ ପହଞ୍ଚାଇବା ପାଇଁ ମୁଁ ଦୃଢ଼ ସଂକଳ୍ପବଦ୍ଧ ଓ ଚେଷ୍ଟିତ। ଏଥିପାଇଁ ନିମାପଡ଼ାବାସୀଙ୍କ ସହଯୋଗ ଓ ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ସହଯୋଗରେ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତରେ ୯ କୋଟି ୨୨ ଲକ୍ଷ ୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୬୭ଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଆଭାସି ମାଧ୍ୟମରେ ଏକକାଳୀନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ ଉପରୋକ୍ତ କଥା କହିଛନ୍ତି। ସେହିପରି ବିଭିନ୍ନ ପଞ୍ଚାୟତର ସମସ୍ୟା ସମାଧାନ କରାଯିବ ଏବଂ ସରକାରୀ ଅନୁଦାନ ଓ ବିଧାୟକ ପାଣ୍ଠିରୁ ଆବଶ୍ୟକ ଅନୁଦାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ଦଳସିଂ, ବିନୋଦ ବିହାରୀ ପୁହାଣ, ସହକାରୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସେଠୀ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେମ୍ପୋରାରି ଭେନିସ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ ସୁଦର୍ଶନ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ଭାରତର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଇଟାଲୀର ଭେନିସ୍‌ରେ ହେବାକୁ ଥିବା କଣ୍ଟେମ୍ପୋରାରି ଭେନିସ୍-୨୦୨୬ର ୧୮ତମ ସଂସ୍କରଣରେ ଭାରତର ପ୍ରତିନିଧିତ୍ୱ କରିବେ। ଏହା ମାର୍ଚ୍ଚ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୁଦର୍ଶନ ଏଥର ବିଶ୍ୱ ମଞ୍ଚରେ ଏକ ନୂତନ ଶିଳ୍ପ ଅଭିବ୍ୟକ୍ତି ପ୍ରଦର୍ଶନ କରିବେ। ପ୍ରଥମ ଥର ପାଇଁ ତାଙ୍କର ‘ଯୁଗଳବନ୍ଦୀ’ ଚିତ୍ରମାଳା ରଙ୍ଗ ଓ ବାଲୁକାର ଏକ ବିଶିଷ୍ଟ ସମ୍ମିଶ୍ରଣର କଳାକୃତି ପ୍ରଦର୍ଶିତ ହେବ। ଏହି ପ୍ରଦର୍ଶନୀ ପାଇଁ ତାଙ୍କର ୫ଟି କୃତି ଚୟନ ହୋଇଛି। ପାଲାଜୋ ଆଲବ୍ରିଜ କାପେଲୋରେ ହେବାକୁ ଥିବା ଏହି ପ୍ରଦର୍ଶନୀରେ ୩୦ରୁ ଅଧିକ ଦେଶର ଶିଳ୍ପୀ ଅଂଶଗ୍ରହଣ କରିବେ। ପ୍ରଦର୍ଶନୀ ଆଇଟି, ଓଆଇକ୍ୟୁୟୁଆଇଡି ଗ୍ରୁପ ଦ୍ୱାରା ଏସିଆଇ ଭେନେସି -ଇଟାଲୀ - ଜର୍ମାନ ସାଂସ୍କୃତିକ ସଂଗଠନ ସହଯୋଗରେ ଆୟୋଜିତ ହେଉଛି। ଏଥିରେ ଭାଗନେବା ନେଇ ସୁଦର୍ଶନ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି।

## ସାକ୍ଷୀଗୋପାଳ ଠାକୁରଙ୍କ ଦୋଳଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ, ୨୬।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ସପ୍ତାହବ୍ୟାପି ଦୋଳଯାତ୍ରା ଗୁରୁବାର ଫଗୁଦଶମୀଠାରୁ ଆରମ୍ଭ ହୋଇଛି। ଏହା ହୋଲି ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟାଧୂପ ବେଶରେ ଠାକୁର ଲାଲପଗଡ଼ି ପାଇଜାମା ଘେର ପରିଧାନ କରି ହୋଲି ବେଶରେ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ଯାତଭୋଗ, ଅବିର, ଟାହିଆ ଫୁଲମାଳ ଲାଗି କରାଯିବା ପରେ ବିମାନରେ ବିଜେ ପ୍ରତିମା ମଦନ ମୋହନ ଓ ଦୋଳଗୋବିନ୍ଦ ଚାଚେରୀ ଭୋଗ ଲାଗି ପାଇଁ ଗୋପାଳପୁରପାଟଣା ଗ୍ରାମକୁ ଯାତ୍ରା କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ପୁରୁଣା ବିମାନକୁ ମରାମତି ଓ ସଫେଇ ସହ ନୂତନ ଭାବେ ସାଜସଜା କରାଯାଇଛି। ଘଣ୍ଟ, ମର୍ଦ୍ଦଳ, ତେଲିଙ୍ଗି ବାଦ୍ୟ, ବୈରଖ, ମଶାଲ ସହ ବିଭିନ୍ନ ବର୍ଗର ସେବାୟତ ଓ ମନ୍ଦିର କର୍ମଚାରୀ ଠାକୁରଙ୍କ ସହିତ ଚାଚେରୀ ଭୋଗରେ ସାମିଲ ହୋଇଥିଲେ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ଚାଚେରୀ ଭୋଗଲାଗି ପାଇଁ ଗ୍ରାମ ପରିକ୍ରମା କରିବେ।

## ଭାଜପାର ମିଶ୍ରଣ ପର୍ବ, ସଙ୍ଗଠନ ସୁଦୃଢ଼ ନେଇ ଆଲୋଚନା



ଭାଜପାର କର୍ମକର୍ତ୍ତାଙ୍କ ସହ ଦଳରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ ।

ଅସ୍ତରଙ୍ଗ,୨୬।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକରେ ଭାଜପା ଶକ୍ତିଶାଳୀ ହେବାକୁ ଅଣ୍ଟା ଭିଡୁଛି। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଙ୍ଗଠନକୁ ଶକ୍ତଶାଳୀ କରିବାରେ ଲାଗିଛି। ଏହି କ୍ରମରେ ଅସ୍ତରଙ୍ଗ ଭାଜପା ମଣ୍ଡଳ ଜୋନ୍-୧ର ସଭାପତି ଇନ୍ଦ୍ରମଣି ଜେନାଙ୍କ ସଭାପତିତ୍ୱରେ ଗଙ୍ଗାଦେବୀ ନିକଟରେ ବିଶାଳ କାର୍ଯ୍ୟକର୍ତ୍ତା ବୈଠକ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ବିଭିନ୍ନ ପଞ୍ଚାୟତର ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ଖୁବ୍‌ଶୀଘ୍ର ପ୍ରତି ପଞ୍ଚାୟତରେ ବୁଥ୍ କମିଟି ଗଢ଼ାଯିବ। ଗରିବଙ୍କ କଲ୍ୟାଣ ପାଇଁ ତୃଣମୂଳ ସ୍ତରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ପଞ୍ଚାୟତର ୧୩୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଯୁବ ନେତୃତ୍ୱ ଜିତେନ୍ଦ୍ର ନାୟକ, ନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ବେହେରା, ସମ୍ପଦ ବେହେରା, ନଇଗୁଆଁ ପଞ୍ଚାୟତର ବ୍ରଜବନ୍ଧୁ ବିଶ୍ୱାଳ ଓ ପବିତ୍ର ଦଳାଇଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ଦଳର ଗୁରୁ ଦାୟିତ୍ୱ ଦିଆଯାଇଥିଲା। ବରିଷ୍ଠ ନେତା ଦିବାକର ଛାଟୋଇ କହିଛନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଭାଜପା ପ୍ରସ୍ତୁତ ରହିଛି। ସେ ନେଇ ବୈଠକରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ ସହ ଆଲୋଚନା କରାଯାଇଛି।

## ବାଉଁଶ ବୁଦାମୂଳରୁ ହରିଣ ମୃତଦେହ ଜବତ

କୋଣାର୍କ,୨୬।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍ଏସି ଅଧୀନ ୪ନଂ. ୱାର୍ଡ କରମଙ୍ଗା ବାଲିସାହିର ବାଉଁଶବୁଦା ମୂଳରୁ ଏକ ହରିଣ ମୃତଦେହକୁ ବନବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଗତ ଦିନରେ ଅନେକ ହରିଣ ଖାଦ୍ୟ ଅନ୍ୱେଷଣରେ ଆସି ଶିକାରୀ, ବୁଲାକୁକୁର ଓ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ନଜର ରହିଛି। କୋଣାର୍କ ଏନ୍ଏସି ଅଧୀନ ବାଲିସାହିର ଏକ ବାଉଁଶବୁଦା ମୂଳରେ ଗୋଟିଏ ହରିଣ ମରିପଡ଼ିଥିଲାବେଳେ ଗୁରୁବାର ସକାଳେ ସ୍ଥାନୀୟ ଅଞ୍ଚଳର ଲୋକେ ଦେଖି କୋଣାର୍କ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି ବିଭାଗୀୟ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଥିଲା। ଏନେଇ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି, ମୃତ ହରିଣର ଶରୀରରେ କୌଣସି କ୍ଷତଚିହ୍ନ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ମୁଖ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ରମାରଞ୍ଜନ

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)

**କଣାସରେ ହଇଜା ମୃତକଙ୍କ ପରିବାରକୁ ସହାୟତା ପ୍ରସଙ୍ଗ**

ପୁରୀ ଜିଲା କଣାସ ବ୍ଲକରେ ୨୦୨୫ରେ ହଇଜା ମୃତ୍ୟୁ ପ୍ରସଙ୍ଗରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି । ଗୁରୁବାର ଅପରାହ୍ନରେ ରମାରଞ୍ଜନ କହିଛନ୍ତି, ଦୟା ନଦୀର ପ୍ରଦୂଷିତ ପାଣି ପିଇ କଣାସ ସମେତ ଆଖପାଖର ବହୁ ଅଞ୍ଚଳର ଲୋକେ, ଗୋରୁ ଆକ୍ରାନ୍ତ ହୋଇଛନ୍ତି ଏବଂ ହେଉଛନ୍ତି। ଏନେଇ କମିଶନଙ୍କ ପକ୍ଷରୁ ୨୦୨୬ ଜାନୁଆରୀରେ ମୃତ ୭ଜଣଙ୍କୁ ଅନୁକମ୍ପାମୂଳକ ସହାୟତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଦୟା ଏବଂ ଗଙ୍ଗୁଆ ଜଳକୁ ବିଶୋଧନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ହେଲେ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମୁଖ୍ୟଶାସନ ସଚିବ ଏସବୁ ବିଷୟରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏହା ଉପରେ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରମାରଞ୍ଜନ କହିଛନ୍ତି।

## ଏନ୍‌ଏଚ୍‌ଆର୍‌ସିଙ୍କ ସ୍ପେଶାଲ ମନିଟରଙ୍କ ପୁରୀ ଗସ୍ତ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

**ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କଲେ**

ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ସ୍ପେଶାଲ ମନିଟର ବାଳକ୍ରିଷ୍ଣ ଗୋଏଲ ଗୁରୁବାର ପୁରୀ ଜିଲା ଗସ୍ତ କରିଥିଲେ। ତାଙ୍କୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂ ସ୍ୱାଗତ କରିଥିଲେ। ଗୋଏଲ ସତ୍ୟବାଦୀ ବ୍ଲକର ଚଉଦବାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଶିକ୍ଷାଦାନ, ମଧ୍ୟାହ୍ନଭୋଜନ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନିରୀକ୍ଷଣ ସହ ପିଲା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ପରେ ସେ ଗୋପାଳପୁର ପାଟଣା-୨ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା ଓ ଶିକ୍ଷାଦାନ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀଙ୍କୁ ପଚାରି ବୁଝିଥିଲେ। ସେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଗୋଏଲ ସମସ୍ତ ସ୍ଥାନରେ କାଗଜପତ୍ର ଅନୁଧ୍ୟାନ କରିବା ସହ ବିବିଧ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି

ବଳଙ୍ଗା,୨୬।୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନୂଆସନ୍ଥ ପଞ୍ଚାୟତ ଅଧୀନ ଦାଶପୁରୁଷୋତ୍ତମପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଛି। ଗୁରୁବାର ସକାଳୁ ମନ୍ଦିରର ପୂଜକ ପବିତ୍ର ମହାପାତ୍ର ନୀଳକଣ୍ଠେଶ୍ୱର ମନ୍ଦିରକୁ ପୂଜା କରିବାକୁ ଆସି ମନ୍ଦିରରେ ପୂଜା ସାମଗ୍ରୀ ପିତ୍ତଳ କଂସାବାସନ ନ ଥିବା ଠାକୁର ଓ ଠାକୁରାଣୀଙ୍କ ପିନ୍ଧାବସ୍ତ୍ର ଫିଙ୍ଗା ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ବଳଙ୍ଗା ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ୧୨୯୭ ଜଣଙ୍କୁ ଭତ୍ତା, ରାଶନକାର୍ଡ ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨୬।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଭତ୍ତା ଓ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ନୂତନ ଭାବେ ଅନୁମୋଦିତ ନିମାପଡ଼ା ବ୍ଲକର ୪୦୨, ଏନ୍‌ଏସିର ୧୧ ଏପରି ମୋଟ ୪୧୩ ଜଣ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୧୨୦ଜଣଙ୍କୁ ମୋଟ ୪୧୩ ଏବଂ ୮୮୪ଜଣ ହିତାଧିକାରୀଙ୍କୁ ଭତ୍ତା ଓ ରାଶନକାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଓ ରାଶନକାର୍ଡ ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏମ୍‌ପି ପ୍ରତିନିଧି ମୀନଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ଚୌଧୁରୀ, ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ନୂତନ ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



ସାକ୍ଷୀଗୋପାଳ,୨୬।୨(ଭରତ ରାଉତ)

ସତ୍ୟବାଦୀ ବ୍ଲକର ବିଜେଡି ସଭାପତି ଭାବେ ପ୍ରମୋଦ ରାଉତରାୟ ପୁନର୍ବାର ନିଯୁକ୍ତ ହୋଇଛନ୍ତି। ତାଙ୍କ ଉପରେ ଦଳ ସଭାପତି ଓ ଜିଲା ସଭାପତିଙ୍କ ଆସ୍ଥା ରହିଛି। ଏହି ଅବସରରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ଏବଂ ଅଳସା ସରପଞ୍ଚ ଦେବୀପ୍ରସାଦ ଘଟୁଆରୀ ପ୍ରମୁଖ ତାଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସୁକଳ ସମିତି ସଭ୍ୟ ବସନ୍ତ କୁମାର ବିଶ୍ୱାଳ, ନରେନ୍ଦ୍ରପୁର ସମିତିସଭ୍ୟା ଝରଣା ମଲ୍ଲିକ, ଦାସବିଦ୍ୟାଧର ସମିତିସଭ୍ୟା ଶକୁନ୍ତଳା ପ୍ରଧାନ, ପେଣ୍ଠପଡା ସମିତି ସଭ୍ୟ ସୁମନ୍ତ ଘଟୁଆରୀ, ଦୁଗଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରକାଶ ଖଟେଇ, ନରେନ୍ଦ୍ରପୁରର ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ସଂସଦୀୟ କମିଟି ପ୍ରତିନିଧି

କୋଣାର୍କ,୨୬।୨(ଜ୍ୟୋତିରାଜ ମହାନ୍ତି)

କେନ୍ଦ୍ର ସରକାରଙ୍କ ସରକାରୀ ଆଶ୍ୱାସନା ସଂସଦୀୟ କମିଟିର ୨ଜଣିଆ ପ୍ରତିନିଧିମଣ୍ଡଳୀ ସଦସ୍ୟ ଗୁରୁବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ୨ଜଣିଆ ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ରନାରାୟଣ ଦାଶ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ୨ଜଣ ସଦସ୍ୟ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ସେମାନଙ୍କୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି ଓ କଳାକୃତି ବିଷୟରେ ବୁଝାଇଥିଲେ। ସଦସ୍ୟ ଦ୍ୱୟ ମନ୍ଦିରର ଐତିହ୍ୟ ଓ କଳାକୃତି ଦେଖି ଆତ୍ମବିଭୋର ହେବା ସହ ସୂର୍ଯ୍ୟମନ୍ଦିର ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ ବୋଲି କହିଥିଲେ। ପରେ ପ୍ରତିନିଧି ମଣ୍ଡଳୀ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିର ସମ୍ପର୍କିତ ପ୍ରାମାଣିକ ଚିତ୍ର ଦେଖି ସେମାନେ ଖୁସି ହୋଇଥିଲେ। ଏହି କେନ୍ଦ୍ର ପରିସରରେ ସୂର୍ଯ୍ୟମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜି ନେଇ ପଦ୍ମଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପଥରରେ ନିର୍ମିତ କଳାକୃତି ବୁଲି ଦେଖିଥିଲେ। ଇତ୍ୟବସରରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ, ଗୋପ ଭାରପ୍ରାପ୍ତ ବିଡିଓ ଦାୟିତ୍ୱରେ ଥିବା ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, ଓଟିଡିସି ସାଧାରଣ ପରିଚାଳକ ଧର୍ମେନ୍ଦ୍ର ମଲ୍ଲିକ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



ସରକାରୀ ଆଶ୍ୱାସନା ସଂସଦୀୟ କମିଟିର ୨ଜଣିଆ ସଦସ୍ୟ ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି ।

## ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

**ଶନିବାର କଟକ, ସୋମବାର କୋଣାର୍କରେ ହେବ ବିରାଟ ପ୍ରତିବାଦ**

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତାମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ୫ଦିନିଆ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଆରମ୍ଭରୁ ବିରୋଧ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ମହାନଦୀ ଟ୍ରିବ୍ୟୁନାଲଙ୍କ ଏହି ଗସ୍ତକୁ ପାରିବାରିକ ବିଳାସମୟ ବ୍ୟୟବହୁଳ ଦର୍ଶାଇ ଅପରାହ୍ନରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ସାଧାରଣ ଲୋକେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ପୂର୍ବରୁ ୨୦୨୩ ମସିହାରେ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାର କିଛି ଫଳ ମିଳି ନ ଥିଲା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ସରିବାକୁ ଥିବାବେଳେ ପୁଣି ଥରେ ବିଳାସମୟ ଗସ୍ତକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ଓ ପ୍ରତିବାଦ କରୁଛି। ଭୁବନେଶ୍ୱର ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ୨ ତାରିଖ ଯାଏ ପ୍ରତିବାଦ, ବାଲି ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଦାସ କହିଛନ୍ତି। ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି, ଟ୍ରିବ୍ୟୁନାଲରୁ ଓଡିଶାକୁ ଏବଂ ମହାନଦୀକୁ କିଛି ନ୍ୟାୟ ମିଳୁନି। ତେଣୁ ଓଡ଼ିଶା ଲୋକଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ? ଶନିବାର କଟକରେ ବାଲି ସତ୍ୟାଗ୍ରହ ଏବଂ ମାର୍ଚ୍ଚ ୨ରେ କୋଣାର୍କରେ ବିରାଟ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ। ଏଥିରେ ସିପିଏମ୍ ନେତା ପ୍ରଦୀପ୍ତ ନାୟକ, ସିପିଆଇଏମ୍(ଲିବରେଶନ) ନେତା ଯୁଧିଷ୍ଠିର ମହାପାତ୍ର, ସିପିଆଇର ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ରଞ୍ଜନ ମହାପାତ୍ର, ଆନ୍ଦୋଳନର ସହ ଆବାହକ ବାସୁଦେବ ଭଟ୍ଟ, ଦୟା ସୁରକ୍ଷା ଅଭିଯାନର ସଚିକାନ୍ତ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

## କିଶୋରନଗରରେ ସତ୍ୟ ଗୀତ ପାଠଶାଳା

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତ ରାମଚନ୍ଦ୍ରପୁରଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସତ୍ୟ ଗୀତା ପାଠଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। କନ୍ଦରପୁର ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା। କେନ୍ଦ୍ର ସଞ୍ଚାଳିକା ଭଉଣୀ ବି.କେ. ସସ୍ମିତା, ବି.କେ. ଚିତ୍ତ, ବି.କେ. ପ୍ରଗତି, ବି.କେ. ଦେବରାଜ, ସତ୍ୟ ସିଦ୍ଧାନ୍ତ ଦାଶ, ଦୀପକ କୁମାର ସାହୁ, ସୁବାସ ଚନ୍ଦ୍ର ଭୋଇଙ୍କ ସମେତ ଅନ୍ୟମାନେ ରାଜଯୋଗ ମଣିଷର ସ୍ୱାସ୍ଥ୍ୟ ଓ ମନର କ୍ଷିପ୍ରତାକୁ ନିୟନ୍ତ୍ରଣ କରେ ବୋଲି ପରାମର୍ଶ ଦେଇଥିଲେ।

# ଅକ୍ସିଜେନ ନ ମିଳିବାରୁ ଉତ୍ତେଜନା

### ଏସ୍‌ସିବି ନ୍ୟୁ ମେଡିସିନ ବିଭାଗ
### ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ

କଟକ,୨୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନ୍ୟୁ ଭେଷଜ ବିଭାଗରେ ଗୁରୁତର ରୋଗୀଙ୍କୁ ଡ୍ୟୁଟିରେ ଥିବା ଆଟେଣ୍ଡାଣ୍ଟ ଅବହେଳା କରୁଛନ୍ତି। ଏପରିକି ଗୁରୁତର ରୋଗୀଙ୍କ ଅକ୍ସିଜେନ ଆବଶ୍ୟକ କରୁଥିବାବେଳେ ଅକ୍ସିଜେନ ସିଲିଣ୍ଡର ଥାଇ ମଧ୍ୟ ଲଗାଇବାକୁ ଆଟେଣ୍ଡାଣ୍ଟ ସିଧାସଳଖ ମନାକରିଛନ୍ତି। ଫଳରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ମିଳିଥିବା ସୂଚନା ମୁତାବକ, ବାରିପଦା ଅଞ୍ଚଳର ଜଣେ ରୋଗୀଙ୍କ ଶରୀର ଅସୁସ୍ଥ ହେବାରୁ ଏସ୍‌ସିବିର ନନ୍‌ଟ୍ରମା କାଜୁଆଲଟିରେ ବୁଧବାର ସନ୍ଧ୍ୟାରେ ଭର୍ତ୍ତି ହୋଇଥିଲେ। ଗୁରୁତର ରୋଗୀଙ୍କୁ ଅକ୍ସିଜେନ ଲଗାଇବାକୁ ଡାକ୍ତର ପରାମର୍ଶ ଦେବା ସହ ଗୁରୁବାର ସକାଳେ ଏସ୍‌ସିବିର ନ୍ୟୁ ମେଡିସିନ ବିଭାଗକୁ ସ୍ଥାନାନ୍ତର କରିଥିଲେ। ରୋଗୀଙ୍କ ସମ୍ପର୍କୀୟ ନନ୍‌ଟ୍ରମା କାଜୁଆଲ୍‌ଟିରୁ ଅକ୍ସିଜେନ ସିଲିଣ୍ଡର ନେଇ ଉକ୍ତ ବିଭାଗକୁ ଯାଇଥିଲେ ମଧ୍ୟ କିଛି ଘଣ୍ଟା ଯାଏଁ ସେଠାରେ ଥିବା ଆଟେଣ୍ଡାଣ୍ଟ ରୋଗୀଙ୍କଠାରେ ଅକ୍ସିଜେନ ସିଲିଣ୍ଡର ପାଇପ ଲାଇନ ଲଗାଇବାକୁ ମନା କରି ଦେଇଥିଲେ। ରୋଗୀଙ୍କ ଅବସ୍ଥା ଗୁରୁତର ହେବା ସତ୍ତ୍ୱେ ଆଟେଣ୍ଡାଣ୍ଟ ଲଗାଇ ନ ଥିଲେ। ଫଳରେ ରୋଗୀ ନିଃଶ୍ୱାସ ନ ନେଇ ପାରିବାରୁ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ରୋଗୀ ଗୁରୁତର ହେବାରୁ ଉପସ୍ଥିତ ଥିବା ଡାକ୍ତର ଚିକିତ୍ସା କରିଥିଲେ। ଏଭଳି ସ୍ଥିତି ଦେଖି ସମ୍ପର୍କୀୟମାନେ ଉପସ୍ଥିତ ଥିବା ଆଟେଣ୍ଡାଣ୍ଟଙ୍କୁ ପଚରାଉଚରା କରିଥିଲେ ଏବଂ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା ଏବଂ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉକ୍ତ ଆଟେଣ୍ଡାଣ୍ଟ ଜଣକ କ୍ଷମା ପ୍ରାର୍ଥନା କରିବା ପରେ ସ୍ଥିତି ଆୟତ୍ତକୁ ଆସିଥିବା ଜଣାପଡ଼ିଛି। ତେବେ ମେଡିକାଲରେ ପ୍ରାୟତଃ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଅନେକ ସମସ୍ୟା ଉପୁଜୁଥିବାବେଳେ କର୍ତ୍ତୃପକ୍ଷ ଏଦିଗରେ କାହିଁକି କର୍ମଚାରୀଙ୍କୁ ତାଗିଦ କରାଯାଉ ନାହିଁ ସେନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ଏନେଇ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


## ନରସିଂହପୁର ବ୍ଲକ ପାଇଁ ଖବରଦାତା ଆବଶ୍ୟକ

କଟକ ଜିଲା ନରସିଂହପୁର ବ୍ଲକ ପାଇଁ ଧରିତ୍ରୀ ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୩ବର୍ଷର ଅଭିଜ୍ଞତା ରହିଥିବା ଜରୁରୀ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

Email: recruitment@dharitri.com


## ସଂକ୍ଷେପରେ

### ତପନ କୁମାର ଶତପଥୀ ପାଇବେ ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର

କଟକ,୨୬।୨(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଏକନିଷ୍ଠ ଗବେଷକ ତପନ କୁମାର ଶତପଥୀଙ୍କୁ ଚଳିତ ବର୍ଷର 'ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାର ବାବଦରେ ଶତପଥୀଙ୍କୁ ଉପଢୌକନ, ମାନପତ୍ର, ଫଳକ ସହ ପାଞ୍ଚ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ସେ ଗୀତଗୋବିନ୍ଦ ବିମର୍ଶ, ଶ୍ରୀ ସନତ ସୁଜାତୀୟମ, ରାସୋତ୍ସବର ବୈଷ୍ଣବ ବିମର୍ଶ, ଓଡ଼ିଶାରେ ଜୈନଧର୍ମ ଓ ଜୈନତୀର୍ଥ ଆଦି ପୁସ୍ତକର ପ୍ରଣେତା। ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବାକୁ ଥିବା ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ଜଣାଇଛନ୍ତି।



### ରାଜ୍ୟପାଳ ହସ୍ତକ୍ଷେପ କରିବାକୁ ଚିଠି ଲେଖିଲେ ମେୟର ସୁବାସ

#### ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

କଟକ,୨୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ରାଜ୍ୟପାଳଙ୍କୁ ଚିଠି ଲେଖିଲେ କଟକ ମେୟର ସୁବାସ ସିଂ। ଏ ସମ୍ପର୍କରେ ହସ୍ତକ୍ଷେପ କରିବାକୁ ମେୟର ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମେୟର କହିଛନ୍ତି, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବ। ଯେତେ ଦିନ ଯାଏଁ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେଇନାହାନ୍ତି ସେତେ ଦିନ ଯାଏଁ ଆନ୍ଦୋଳନ ଜାରି ରହିବ। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ କଟକ ତଥା ରାଜ୍ୟର ସର୍ବପୁରାତନ ତଥା ମହିଳା କଲେଜ। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଦୀର୍ଘ ୧୧୩ ବର୍ଷ ଧରି ଉତ୍ସର୍ଗୀକୃତ ଭାବେ ନିଜର କାର୍ଯ୍ୟ ସମ୍ପାଦନା କରି ଆସୁଛି। ଉଚ୍ଚଶିକ୍ଷା ପ୍ରତି ଏହି ଅନୁଷ୍ଠାନର ସ୍ଥାୟୀ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଶୈଳବାଳା ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ପାଇଁ ଅନୁରୋଧ କରୁଛୁ ବୋଲି ସିଂ କହିଛନ୍ତି।

### ମିନି ମାରାଥନ୍, ୱାକାଥନ୍ ପାଇଁ ପ୍ରସ୍ତୁତି ବୈଠକ

କଟକ,୨୬।୨(କୁମାରଶ୍ରୀ)

ଓଡ଼ିଶା ଭେଟେରାନସ୍ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ପକ୍ଷରୁ ମାର୍ଚ୍ଚ ୫ ତାରିଖ ତଥା ବିଜୁ ଜୟନ୍ତୀରେ ୨୦ତମ ମିନି ମାରାଥନ୍ ଏବଂ ୧୫ତମ ୱାକାଥନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବାରବାଟୀ ଷ୍ଟାଡିୟମସ୍ଥିତ ଆର୍ଚେରୀ ସଂଘ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ସଭାପତିତ୍ୱ କରିଥିଲେ। ତୁଳସୀପୁରସ୍ଥିତ ବିଜୁ ପଟ୍ଟନାୟକ ଛକରୁ ମାରାଥନ୍ ପ୍ରତିଯୋଗିତା ଆରମ୍ଭ ହୋଇ ହରିଣ ପାର୍କ, ଗଡଗଡିଆ ମନ୍ଦିର, ମାତାମଠ, ଅମରେଶ୍ୱର ମନ୍ଦିର, ବକ୍ସିବଜାର, ଚଣ୍ଡୀ ଛକ ଦେଇ ଆନନ୍ଦ ଭବନରେ ଶେଷ ହେବ। ୱାକାଥନ୍ ପ୍ରତିଯୋଗିତା ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା। ମିନି ମାରାଥନ୍ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଉଭୟ ବାଳକ ଓ ବାଳିକାମାନଙ୍କୁ ୭ ହଜାର, ୫ ହଜାର ଏବଂ ୩ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ। ସାରଳା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ଉଭୟ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରସ୍ତୁତି ବୈଠକରେ ସରୋଜ ସିଂହ, ଶ୍ରୀଧର କୁମାର ଦାସ, ବରିଷ୍ଠ ସାମ୍ବାଦିକ ଦେବୁ ଚାଟାର୍ଜୀ, ବିଷ୍ଣୁ ଦାସ, ଦୀପକ ଚୌଧୁରୀ, ଅମୂଲ୍ୟ ବେହେରା, ରବି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ନେତାଙ୍କ ଗିରଫଦାରି ଦାବି କଲା କଟକ ନଗର କଂଗ୍ରେସ କମିଟି




କଟକ ନଗର କଂଗ୍ରେସ ପକ୍ଷରୁ ଡିସିପିଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ପ୍ରତିନିଧି ମଣ୍ଡଳୀ।

କଟକ,୨୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିବା ଘଟଣାକୁ ତୀବ୍ର ଭାବେ ନିନ୍ଦା କରିଛି କଟକ ନଗର କଂଗ୍ରେସ କମିଟି। ଏନେଇ ଗୁରୁବାର କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। କଟକ ନଗର କଂଗ୍ରେସ କମିଟି ସଭାନେତ୍ରୀ ଗିରିବାଳା ବେହେରା କହିଛନ୍ତି, ମନ୍ତ୍ରୀ ହରଦୀପ ସିଂପୁରୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମନ୍ତ୍ରୀ କିରେନ୍ ରିଜିଜୁ ଓ ଏମ୍‌ପି ନିଶିକାନ୍ତ ଦୁବେ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ। ଗଣତନ୍ତ୍ରରେ ଜଣେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କୁ ଅସମ୍ମାନ କରିବା ଦୁର୍ଭାଗ୍ୟଜନକ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଡିସିପି ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ଜେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ବଟକୃଷ୍ଣ ସାହୁ, ବରିଷ୍ଠ ନେତା କେଦାର ପୃଷ୍ଟି, ଇଶରତ ଜାହାନ, ସୁରଜିତ ସାହୁ, ଦିଲୀପ ନାୟକ, ଅଜୟ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଫିଜିଓଥେରାପିଷ୍ଟଙ୍କ ସନ୍ଦେହଜନକ ମୃତ୍ୟୁ

କଣ୍ଠାପଡା,୨୬।୨ (ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ ଓଲଟପୁର ଗ୍ରାମରେ ଏକ ଭଡାଘରେ ରହୁଥିବା ଜଣେ ଫିଜିଓଥେରାପିଷ୍ଟଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ରୁହାନ କାକାଟି (୨୯)। ତାଙ୍କ ଘର ଆସାମର ମାରିଗାଓଁ ଜିଲା ନଭେଟି ଗ୍ରାମରେ ବୋଲି ତାଙ୍କ ଆଧାରକାର୍ଡରୁ ଜଣାପଡିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଥିବା ବେଳେ ମୃତକଙ୍କ ପରିବାର ଲୋକ ପହଞ୍ଚି ନ ଥିବାରୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ପାରିନାହିଁ। ଖବର ନେବାରେ ଜଣାପଡିଛି, ରୁହାନ ଗତ ୨୦୨୩-୨୪ରେ ଏସ୍‌ଭି ନିରତାରକୁ ଫିଜିଓଥେରାପିରେ ଇଣ୍ଟର୍ନସିପ୍ କରିବାକୁ ଆସିଥିଲେ। ୬ ମାସ ଇଣ୍ଟର୍ନସିପ୍ ସରିବା ପରେ ସେ ସ୍ଥାନୀୟ ଜଣଙ୍କର ୩ ମହଲା ଉପରେ ଏକ ଘରେ ଭଡାରେ ରହି ଆଖପାଖର ରୋଗୀଙ୍କ ଚିକିତ୍ସା କରୁଥିଲେ। ଗତ କିଛିଦିନ ତଳେ ସେ ନିଜ ଗାଁକୁ ଯାଇଥିଲେ। ବୁଧବାର ରାତିରେ ସେ ଏଠାକୁ ଫେରିଥିଲେ। ତେବେ ସକାଳେ ସେ ରହୁଥିବା ଘର ପଛପଟ ପରିତ୍ୟକ୍ତ ଗଳିରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଘର ମାଲିକଙ୍କଠାରୁ ଖବର ପାଇ ଓଲଟପୁର ଥାନାଧିକାରୀ କାଦମ୍ବିନୀ ପରିଡା ଘଟଣାସ୍ଥଳରେ ପହଞ୍ଚି ଘଟଣାର ଖୋଳତାଡ କରିଥିବା ଜଣାପଡିଛି।

## ଉର୍ଦ୍ଦୁ ଭାଷାରେ ଉତ୍ତର ଲେଖାକୁ ନେଇ ଥାନାରେ ଏତଲା

ଫୁଲନଖରା,୨୬।୨(ସତ୍ୟରଞ୍ଜନ ଦାସମହାପାତ୍ର)

ଉର୍ଦ୍ଦୁ ଭାଷାରେ ଉତ୍ତର ଲେଖିବାକୁ ନେଇ ଜଣେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପରୀକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ଏଥିରୁ ନିବୃତ୍ତ କରିବାକୁ କହିବାରୁ ମାମଲା ଯାଇ ଥାନାରେ ପହଞ୍ଚିଛି। ସଦର ଥାନା ପୋଲିସ ନିକଟରେ ଦାଏର ଅଭିଯୋଗ ଅନୁଯାୟୀ ପାହାଳ ଥାନା ଅନ୍ତର୍ଗତ ଜୟରଶାସନ ଗ୍ରାମର ମହମ୍ମଦ ସରଫରାଜ ସ୍ଥାନୀୟ ବ୍ରାହ୍ମଣଝରିଲୋ ହାଇସ୍କୁଲର ଜଣେ ଚଳିତ ମାଟ୍ରିକ ପରୀକ୍ଷା ଦେବାକୁ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ହାଇସ୍କୁଲକୁ ଯାଇଥିଲେ। ସାଧାରଣ ବିଜ୍ଞାନ ପରୀକ୍ଷା ଦିନ ସେ ଉର୍ଦ୍ଦୁ ଭାଷାରେ ଉତ୍ତର ଲେଖିବା ବେଳେ ପରୀକ୍ଷକ ତାଙ୍କୁ ଓଡ଼ିଆ ଭାଷାରେ ଉତ୍ତର ଲେଖିବାକୁ କହିଥିଲେ। ମାତ୍ର ସରଫରାଜ ଓଡ଼ିଆରେ ଦୁର୍ବଳ ଥିବାରୁ ସେ ଲେଖି ପାରି ନ ଥିଲେ। ଏପରିକି ସେ ଉର୍ଦ୍ଦୁ ଭାଷାରେ ଉତ୍ତର ଲେଖିବାକୁ ପୂର୍ବରୁ ଫର୍ମ ପୂରଣ କରିଥିବା କହିବା ସତ୍ତ୍ୱେ ପରୀକ୍ଷକ ଗୁରୁତ୍ୱ ଦେଇ ନ ଥିଲେ। ଏପରି ପରିସ୍ଥିତିରେ ଉକ୍ତ ବିଷୟରେ ସେ କମ ନମ୍ବର ରଖିବା ଆଶଙ୍କା କରି ଏହାର ପୁନଃବିଚାର କରିବାକୁ ଛାତ୍ରଙ୍କ ବାପା ଉଭୟ ଥାନା ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ପାଇଁ ମାଟି ଅନୁକୂଳ



ଖୁଣ୍ଟୁଣୀ,୨୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆଠାରେ ଅଧିଷ୍ଠାତ୍ରୀ ଦେବୀ ମା' ବାସନ୍ତୀ ଦୁର୍ଗାଙ୍କ ୭୮ତମ ପୂଜା ଓ ମାର୍ଚ୍ଚ ୨୬ରେ ଅଶୋକାଷ୍ଟମୀ ଯାତ୍ରା ପାଇଁ ଗୁରୁବାର ମାଟି ଅନୁକୂଳ ହୋଇଯାଇଛି। ଗଡାହୁଡାସ୍ଥିତ ଶାମୁକା ପୋଖରୀ ଯାଇ ପୂଜାର୍ଚ୍ଚନା କରିବା ପରେ ମାଟି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ନିରଞ୍ଜନ କର ଓ କର୍ତ୍ତା ଭାବେ ଦୁଃଶାସନ ବିଶ୍ୱାଳ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ପୂଜା କମିଟି ସଭାପତି କୁମରମଣୀ ଷଣ୍ଢ, ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଶିଶିର କୁମାର ଦଳେଇ ଓ କାର୍ଯ୍ୟକାରୀ ସଦସ୍ୟ ହୃଦାନନ୍ଦ ସାହାଣୀ, ସନାତନ ଦଳେଇ ଓ ଶରତ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଚଳିତବର୍ଷ ନୂତନ ପୂଜା କମିଟିରେ ସଭାପତି କୁମରମଣୀ ଷଣ୍ଢ, ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଶିଶିର ଦଳେଇ ଓ ହୃଦାନନ୍ଦ ସାହାଣୀ ପ୍ରମୁଖ ମନୋନୀତ ହୋଇଥିବା ପୂଜା କମିଟି ପକ୍ଷରୁ ମାନସ କୁମାର ପଣ୍ଡା ଜଣାଇଛନ୍ତି।

## ୨ ଚାଳକ, ୨ କବାଡ଼ିଆ ଗିରଫ: ୩ ଟ୍ରକ୍ ଜବତ

### ସ୍କ୍ରାପ ଚୋରି ଅଭିଯୋଗ

ଖୁଣ୍ଟୁଣୀ,୨୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଆରତୀ ଷ୍ଟିଲ କାରଖାନାକୁ ସ୍କ୍ରାପ ନେଇ ଆସୁଥିବା ଟ୍ରକ୍‌ରୁ ଚାଳକ ସ୍କ୍ରାପ କାଢି କବାଡ଼ିଆଙ୍କୁ ବିକ୍ରି କରିବା ଅଭିଯୋଗରେ ଖୁଣ୍ଟୁଣୀ ଥାନା ପୋଲିସ ୩ ଟ୍ରକକୁ ଜବତ କରିବା ସହିତ ୨ ଚାଳକଙ୍କ ସମେତ କଟକ ମଙ୍ଗୁଳି ଛକ ଓ ଢେଙ୍କାନାଳରୁ ୨ କବାଡ଼ିଆଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଚାଳକ ଖସି ଫେରାର ହୋଇଯାଇଛନ୍ତି। ଗିରଫ ଟ୍ରକ୍ ଚାଳକ ହେଲେ ଢେଙ୍କାନାଳ ସଦର ଥାନା ଇନ୍ଦୁପୁର ଗ୍ରାମର ଦୀପନ ରଞ୍ଜନ ବେହେରା ଓ ନଧନପୁର ଗ୍ରାମର ବିଜୟ ବେହେରା। ଗିରଫ ୨ କବାଡ଼ିଆ ଉତ୍ତରପ୍ରଦେଶ ଜାହାଙ୍ଗିରଗଞ୍ଜ ତଥା ଢେଙ୍କାନାଳ ସଦର ଥାନା ଚାଇଁପୁରର ଦିନେଶ ଗୁପ୍ତା ଏବଂ ମଙ୍ଗୁଳି ଛକ କବାଡି ବ୍ୟବସାୟୀ ତଥା କଟକ ବିଦ୍ୟାଧରପୁର ଅଞ୍ଚଳର ଗୁପ୍ତା ଓରଫ ରାଧେଶ୍ୟାମ ଗୁପ୍ତା। ସୂଚନା ମୁତାବକ ଆରତୀ ଷ୍ଟିଲକୁ ଯାଜପୁର, ପୁରୀ, ଜଗତ୍‌ସିଂହପୁରରୁ ୩ ଟ୍ରକ୍‌ରେ ସ୍କ୍ରାପ ଆସିଥିଲା। ମାତ୍ର କାରଖାନାରେ ଓଜନ ପରେ ସ୍କ୍ରାପ କମ ରହିଥିବା କମ୍ପାନୀ ପକ୍ଷରୁ ଜଣାପଡିବା ପରେ ଟ୍ରାନ୍ସପୋର୍ଟ ସହିତ ଯୋଗାଯୋଗ କରାଯାଇ ତିନି ଟ୍ରକ୍ ଚାଳକଙ୍କ ବିରୋଧରେ ବୁଧବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୨/୨୬) ରୁଜୁ କରି ତଦନ୍ତ କରିଥିଲା। ଖୁଣ୍ଟୁଣୀ ଆଇଆଇସି ଜହର ଆବେଦିନ ଏକ ୫ ଜଣିଆ ପୋଲିସ ଟିମ ଗଠନ କରି ଦୁଇ ଟ୍ରକ୍ ଚାଳକ ଦୀପନ ଓ ବିଜୟଙ୍କୁ ଗିରଫ କରି ପଚରାଉଚରା କରିବା ପରେ ଟ୍ରକ୍‌ରୁ ସ୍କ୍ରାପ କାଢି ମଙ୍ଗୁଳି ଓ ଢେଙ୍କାନାଳଠାରେ ଥିବା କବାଡ଼ିଆଙ୍କୁ ବିକ୍ରି କରିଥିବା ପୋଲିସ ନିକଟରେ କହିଥିଲେ। ପୋଲିସ ଟିମ ଢେଙ୍କାନାଳ ଓ ମଙ୍ଗୁଳିରେ ଚଢ଼ାଉ କରି ୨ କବାଡ଼ିଆ ଦିନେଶ ଓ ରାଧେଶ୍ୟାମଙ୍କୁ ଗିରଫ କରିଥିବା ପୋଲିସ କହିଛି।

## ପ୍ରଭାକରଙ୍କୁ ମାନବରତ୍ନ, ଦେବାଶିଷଙ୍କୁ ତ୍ୱଚାରତ୍ନ ସମ୍ମାନ

### ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେଶନର ମହୋତ୍ସବ

କଟକ,୨୬।୨(କାର୍ତ୍ତିକ ସାହୁ)

ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ବର୍ଦ୍ଧନା ମହୋତ୍ସବ ମହାନଦୀ ବିହାରସ୍ଥିତ ମହାନଦୀ ଭବନରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ, ବିଶିଷ୍ଟ ଅତିଥି ଭାବେ ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳମର ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି, ସମ୍ମାନିତ ଅତିଥି ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଏବଂ ବରେଣ୍ୟ ଅତିଥି ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସେନଜିତ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଖ୍ୟାତନାମା ସାରସ୍ୱତ ସ୍ରଷ୍ଟା ଡ. ଇଂ. ପ୍ରଭାକର ସ୍ୱାଇଁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ଓ ସିଦ୍ଧିର ସ୍ୱୀକୃତି ସ୍ୱରୂପ ଫାଉଣ୍ଡେଶନର ମର୍ଯ୍ୟାଦାଜନକ ପ୍ରଥମ ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ସ୍ୱାଇଁଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶି ସହ ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ସେହିପରି ଖ୍ୟାତନାମା ଚର୍ମରୋଗ ବିଶେଷଜ୍ଞ ପ୍ରଫେସର ଡା. ବିଷ୍ଣୁପ୍ରିୟା ଦେବୀଙ୍କ ସ୍ମୃତିରେ ଏସ୍‌ସିବି ମେଡିକାଲ କଲେଜରେ ଚର୍ମରୋଗ ବିଭାଗ ଏମ.ଡି. ପରୀକ୍ଷାରେ ପ୍ରଥମ ସ୍ଥାନ ଲାଭ କରିଥିବା ଡା. ଦେବାଶିଷ ମିଶ୍ରଙ୍କୁ ଚଳିତ ବର୍ଷର ତ୍ୱଚାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଡା. ମିଶ୍ରଙ୍କୁ ୨୦ ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ସାହିତ୍ୟିକା ସୁଲୋଚନା ଦାସ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ସଭାପତି ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଇଂ. ସ୍ନେହାଶିଷ ତ୍ରିପାଠୀ ଓ ସଞ୍ଜୟ ମହାପାତ୍ର ମାନପତ୍ର ପାଠ କରିଥିଲେ। ଫାଉଣ୍ଡେଶନର ସମ୍ପାଦିକା ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଅନ୍ନପୂର୍ଣ୍ଣା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଡ. ଇଂ. ପ୍ରଭାକର ସ୍ୱାଇଁଙ୍କୁ ପ୍ରଥମ ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## ଫଟୋ ରେଖ ବ ର



ଦୋଳ ମେଳଣ ଆରମ୍ଭ: ତେଲେଙ୍ଗାବଜାର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଦୋଳ ମେଳଣ।



ମଙ୍ଗଳାବାଗ ଦେବୀ ମେଳଣସ୍ଥଳକୁ ଶୋଭାଯାତ୍ରାରେ ଯାଉଥିବା ଦୋଳ ବିମାନ। (ଫଟୋ: ରାଜକିଶୋର ମହାନ୍ତି)

# ଉଚ୍ଛେଦ ସମୟରେ ୟୁନିଟ୍-୧ରେ ପୁଣି ଉତ୍ତେଜନା

## ନିଆଁ ଲଗାଇବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱ,୨୬।୨(ତ୍ରିନାଥ ମହାନ୍ତି)

ଉଚ୍ଛେଦକୁ ନେଇ ୟୁନିଟ୍-୧ ହାଟ ଅଞ୍ଚଳରେ ଗୁରୁବାର ସକାଳେ ପୁଣି ଉତ୍ତେଜନା ଦେଖିବାକୁ ମିଳିଛି। ଗୋଟିଏ ଗୋଷ୍ଠୀ ଜାଣିଶୁଣି ଅନ୍ୟ ଗୋଷ୍ଠୀର ଲୋକଙ୍କ ଦୋକାନରେ ନିଆଁ ଲଗାଇ ଉଠେଇବାକୁ ଚେଷ୍ଟା କରିଥିବା ଅଭିଯୋଗ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ହୋହାଲ୍ଲା କରିବା ସହ ମୁହାଁମୁହିଁ ହୋଇଥିଲେ। ଖବରପାଇ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। କିଛି ଦୋକାନୀ ଅଭିଯୋଗ କରିଛନ୍ତି, ସେମାନଙ୍କ ଦୋକାନ ପୋଡ଼ିବାର ମାସକରୁ ଉପରେ ହେଲାଣି। କିନ୍ତୁ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଦୋକାନ ପୋଡ଼ି ଯାଇଥିବା ସ୍ଥାନରେ ସେମାନେ ପାଲ ପକାଇ ରହିଥିଲେ ମଧ୍ୟ ହାଟର କିଛି ଲୋକ ଜାଣିଶୁଣି ନିଆଁ ଲଗାଇ ଦେଉଛନ୍ତି। ବୁଧବାର ରାତିରେ ଜଣେ ବ୍ୟକ୍ତି ନିଆଁ ଲଗାଇବା ପାଇଁ ପେଟ୍ରୋଲ ଏବଂ ଦିଆସିଲି ଧରିଥିବାବେଳେ ଲୋକେ କାବୁ କରିଥିଲେ। କିନ୍ତୁ ତାଙ୍କୁ ପୋଲିସ ଗିରଫ କଲା ନାହିଁ। ଗୁରୁବାର ସକାଳୁ ଉକ୍ତ ବ୍ୟକ୍ତି ଜାଣିଶୁଣି ବିଏମ୍‌ସିକୁ ଫୋନ୍ କରି ଉଚ୍ଛେଦ କରିବା ପାଇଁ ଡାକିଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଧାରଣାରେ ବସିବା ସହ ଥାନା ଘେରାଉ କରିଥିଲେ। ପୋଡ଼ି ଯାଇଥିବା ଦୋକାନୀଙ୍କୁ ସ୍ଥାୟୀ ସମାଧାନ କରା ନ ଯିବା ପର୍ଯ୍ୟନ୍ତ ଉଚ୍ଛେଦ କରାଗଲେ ବିରୋଧକୁ ତୀବ୍ର କରାଯିବ ବୋଲି କ୍ଷତିଗ୍ରସ୍ତ ଦୋକାନୀ କହିଛନ୍ତି।





# କଳା, ସଂସ୍କୃତିର ଭଣ୍ଡାର ଓଡ଼ିଶା



ତୋଷାଳି ମେଳାର ଉଦ୍‌ଯାପନ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସହ ଅନ୍ୟମାନେ।

### ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ଭଣ୍ଡାର। ତୋଷାଳି ମହାକୁମ୍ଭ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହୋଇଛି। ଓଡିଶାର ୬୪ଟି ହସ୍ତଶିଳ୍ପ ଓଡିଶା ସରକାରଙ୍କ ସ୍ୱୀକୃତି ପାଇସାରିଛି। ସୃଜନିକା କ୍ରାଫ୍ଟ କ୍ଲଷ୍ଟର ଓଡିଶାର ହସ୍ତକଳା ଓ ସଂସ୍କୃତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ଏ ବର୍ଷର ମେଳାରେ କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରାଯାଇ ଦର୍ଶକଙ୍କ ଆଗମନର ଗଣନା କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ଉପଶାସନ ସଚିବ ସୁବ୍ରତ କୁମାର ବେହେରା, ଅତିରିକ୍ତ ଶାସନ ସଚିବ ଚିନ୍ମୟୀ ବିଶ୍ୱାଳ, ଯୁଗ୍ମ ସଚିବ ମମତା ନାୟକ, ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଉପନିର୍ଦ୍ଦେଶକ ମଧୁସ୍ମିତା ଦାସ ଓ ଆଶୁତୋଷ ମହାନ୍ତି, ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜନତା ମଇଦାନ ଆକାଶରେ ପ୍ରଦର୍ଶିତ 'ଡ୍ରୋନ୍ ଶୋ'ରେ ବିଭାଗର ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା। ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ଅଭିଭୂତ କରିଥିଲା।

# ଜବରଦଖଲ ଉଚ୍ଛେଦକୁ ବିରୋଧକରି ବିଷ ଖାଇଲେ

ବାଲିପାଟଣା,୨୬।୨(ଅଭିମନ୍ୟୁ ନାୟକ)

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଆମେଣାକୁଦ ପଞ୍ଚାୟତ ଅଧୀନ ମାଣିକପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଗ୍ରାମର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜବରଦଖଲରେ ଥିବା ସନ୍ଧ୍ୟାରାଣୀ ସେଠୀଙ୍କ ସ୍ୱାମୀ ବିପିନ ସେଠୀ ଉଚ୍ଛେଦକୁ ବିରୋଧ କରି ଧମକାଇବାକୁ ଯାଇ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ପୋଲିସ ଓ ତହସିଲ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ଉକ୍ତ ବିଷାକ୍ତ ପଦାର୍ଥ ପାଟିରୁ କାଢ଼ିଥିଲେ। ଏହା ପରେ ତାଙ୍କୁ ତହସିଲଦାର କଳ୍ପନା ଦାସ ନିଜ ସରକାରୀ ଗାଡ଼ିରେ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ମାଣିକପୁର ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରର ପିଲାଙ୍କ ଖେଳକୁଦ, ଦୋଳି ଓ ଖସଡ଼ା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ତେଜରାତି ଦୋକାନ କରିଥିବା ସନ୍ଧ୍ୟାରାଣୀଙ୍କୁ ସରକାରୀ ଜାଗାରୁ ଉଠିଯିବାକୁ ଚିଠି ନଂ.୨୫/୨୦୧୨ରେ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ହୋଇଥିଲା। କିଛିଦିନ ସମୟ ଦେବାକୁ ଜବରଦଖଲକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମୟ ଦିଆଦିଆଯାଇଥିଲେ ମଧ୍ୟ ସେ ସେଠାରୁ ହଟି ନ ଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତର ନାଏବ ସରପଞ୍ଚ ସୁରେନ୍ଦ୍ର ଭୋଇଙ୍କ ଅଭିଯୋଗକ୍ରମେ ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପି(ସି)୨୪୦୩୩ ନମ୍ବରରେ ଭାଙ୍ଗିବାକୁ ଆଦେଶ ଦେଇଥିଲେ। ତହସିଲ ପ୍ରଶାସନ ପୂର୍ବରୁ ଆଦେଶ ଥିବା ଆଦେଶ ନଂ.୨୫/୨୦୧୨ ଅନୁସାରେ ଗୁରୁବାର ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ପ୍ରସ୍ତୁତି ଚାଲିଥିବା ବେଳେ ଜବରଦଖଲକାରୀ ସନ୍ଧ୍ୟାରାଣୀ ଦୋକାନ ଘରେ ବସିରହିଥିଲେ। ତାଙ୍କ ସ୍ୱାମୀ ବିପିନ ଧମକାଇବାକୁ ଯାଇ ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ଏହା ପରେ ତାଙ୍କୁ କାବୁ କରାଯାଇ ମେଡିକାଲ ନିଆଯାଇଥିଲା। ତେବେ ଏ ସମ୍ପର୍କରେ ତହସିଲଦାର କଳ୍ପନା ଦାସ କହିଛନ୍ତି, ନିୟମ ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଜବରଦଖଲକାରୀ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ତାଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି।

# ସେବିକା/ସେବକ ନିଯୁକ୍ତି: ଅଭିଯୋଗ ଆଣିଲେ ଦିବ୍ୟାଙ୍ଗ ଚାକିରି ଆଶାୟୀ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)



ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ତୋଷାଳି ଭବନ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ବିଭାଗ ଅଧୀନରେ ଥିବା ଆଶ୍ରମ ସ୍କୁଲଗୁଡିକରେ ସେବିକା/ସେବକ ନିଯୁକ୍ତିକୁ ନେଇ ଅଭିଯୋଗ ଉଠିଛି। ଦିବ୍ୟାଙ୍ଗ ହୋଇଥିବାରୁ ଚାକିରି ପ୍ରଦାନ ପାଇଁ ଅଧିକାରୀମାନେ ବୈମାତୃକ ମନୋଭାବ ଦେଖାଉଛନ୍ତି। ଏନେଇ ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ଗୁରୁବାର ତୋଷାଳୀ ଭବନ ସାମ୍ନାରେ ପ୍ରତିବାଦ କରିବା ସହ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଆମେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ଦୁଇବର୍ଷିଆ ସ୍ୱତନ୍ତ୍ର ଶିକ୍ଷକ ତାଲିମ ଗ୍ରହଣ କରିଛୁ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପକ୍ଷରୁ ପ୍ରକାଶିତ ହୋଇଥିବା ସେବିକା/ସେବକ ବିଜ୍ଞପ୍ତିରେ ଉଭୟ ପ୍ରାଥମିକ ଏବଂ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ। ହେଲେ ଡକ୍ୟୁମେଣ୍ଟ ଯାଞ୍ଚ କରିବା ବେଳେ ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଦ୍ୱାରା ପ୍ରଚଳିତ ଛଅ ମାସିଆ ପାଠ୍ୟକ୍ରମର ଡକ୍ୟୁମେଣ୍ଟ ଦେବାକୁ ବାଧ୍ୟ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏନ୍‌ସିଟିଇର କୌଣସି ପାଠକ୍ରମ ପ୍ରଚଳନ କରାଯାଇନାହିଁ। ଏନ୍‌ସିଟିଇର ଗାଇଡ୍‌ଲାଇନ ଅନୁସାରେ ଏଭଳି କୋର୍ସ କେବଳ ନିଯୁକ୍ତି ପାଇସାରିବା ପରେ କରାଯାଏ। ନିଯୁକ୍ତି ନ ମିଳିବା ପୂର୍ବରୁ ଅଧିକାରୀମାନେ ଏଭଳି ବୈମାତୃକ ମନୋଭାବ ଦୂର କରି ସେମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାକୁ ଦିବ୍ୟାଙ୍ଗ ଚାକିରି ଆଶାୟୀମାନେ ଦାବି କରିଛନ୍ତି।

# ପୁରୁଷ ବନ୍ଧୁଙ୍କ ଆଗରେ ଯୁବତୀଙ୍କୁ ଅସଦାଚରଣ

ଭୁବନେଶ୍ୱର,୨୬।୨(ତ୍ରିନାଥ ମହାନ୍ତି)

### ଗୋଡ଼େଇ ଗୋଡ଼େଇ ସଂଘବଦ୍ଧ ଆକ୍ରମଣ

ଧଉଳି ଘଟଣାଠୁ ବଳି ଗଲା ଶହୀଦନଗର ଥାନା ୟୁନିଟ୍-୯ ଆଦିବାସୀ ହଷ୍ଟେଲ ସମ୍ମୁଖ ଘଟଣା। ପୁରୁଷ ବନ୍ଧୁଙ୍କ ଆଗରେ ଯୁବତୀଙ୍କୁ ୫ଜଣ ଅଭିଯୁକ୍ତ ଅସଦାଚରଣ କରିବା ସହ କପଡ଼ା ଚିରି ଉଲଗ୍ନ କରିଥିଲେ। ସେତିକିରେ ଅଭିଯୁକ୍ତଙ୍କ ମନ ପୂରି ନ ଥିଲା। ପୁରୁଷ ବନ୍ଧୁଙ୍କୁ ଗୋଡ଼େଇ ମାଡ଼ ମାରି ଲହୁଲୁହାଣ କରିଥିଲେ। ଏନେଇ ଭୋଇ ନଗରରେ ରହୁଥିବା ଜଣେ ଯୁବତୀ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ-୧୧୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ଅଭିଯୋଗ ହେବାର ୨୨ ଘଣ୍ଟା ପୂରି ଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନି। ଅସଦାଚରଣ ସହ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ୟୁନିଟ୍-୯ ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଶହୀଦନଗର ଥାନା ଅଧିକାରୀ ସୁଚିତ୍ରବୀରା ଦାଶ କହିଛନ୍ତି, ଯୁବତୀଙ୍କ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଦାଶ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଚେତା



@ ଟିକୁନ୍



@ ମାନସ



@ ରଜତ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଦ୍ରୁତତର ଗତିରେ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳ ସେବାରେ ରାଜ୍ୟବାସୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଇବା ପାଇଁ ଭାରତ ସରକାରଙ୍କ ସହ ସମନ୍ୱୟରେ କାମ କରିବା ନେଇ ଆଲୋଚନା ହେଇଥିଲା। ଏହି ଆଲୋଚନା ରାଜ୍ୟର ବିକାଶ ଓ ଅଧିକ ସୁବିଧା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବାଲିଅନ୍ତା,୨୬।୨ (ନୀଳମାଧବ ସାହୁ)

ପାହାଳ ଥାନା ଅଧୀନ ଭୁବନେଶ୍ୱର-କଟକ ୧୬ ନଂ. ଜାତୀୟ ରାଜପଥର ରୁଦ୍ରପୁରଗଡା ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାହାଳ ଥାନା ଅଧୀନ ହରିଦାସପୁର ସୁନ୍ଦରାପାଟଣା ଗ୍ରାମର ସୋମନାଥ ଖୁଣ୍ଟିଆ (୬୨)। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲ। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି।

ସୋମନାଥ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ମାର୍ବଲ ଦୋକାନରେ କାର୍ଯ୍ୟ କରନ୍ତି। ଜାତୀୟ ରାଜପଥରେ ଚାଲି ଚାଲି ରାତି ପ୍ରାୟ ୮ରେ ରାସ୍ତା ପାର ହେଉଥିବାବେଳେ କଟକ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)





ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତାମନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ୫ଦିନିଆ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଆରମ୍ଭରୁ ବିରୋଧ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ମହାନଦୀ ଟ୍ରିବ୍ୟୁନାଲଙ୍କ ଏହି ଗସ୍ତକୁ ପାରିବାରିକ ବିଳାସମୟ ବ୍ୟୟବହୁଳ ଦର୍ଶାଇ ଅପରାହ୍ନରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ସାଧାରଣ ଲୋକେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ପୂର୍ବରୁ ୨୦୨୩ ମସିହାରେ ଟ୍ରିବ୍ୟୁନାଲ ଓଡିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର ୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହାର କିଛି ଫଳ ମିଳି ନ ଥିଲା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ସରିବାକୁ ଥିବାବେଳେ ପୁଣି ଥରେ ବିଳାସମୟ ଗସ୍ତକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ଓ ପ୍ରତିବାଦ କରୁଛି

### ଶନିବାର କଟକ, ସୋମବାର କୋଣାର୍କରେ ହେବ ବିରାଟ ପ୍ରତିବାଦ

। ଭୁବନେଶ୍ୱର ସମେତ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ୨ ତାରିଖ ଯାଏ ପ୍ରତିବାଦ, ବାଲି ସତ୍ୟାଗ୍ରହ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଦାସ କହିଛନ୍ତି । ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି, ଟ୍ରିବ୍ୟୁନାଲରୁ ଓଡିଶାକୁ ଏବଂ ମହାନଦୀକୁ କିଛି ନ୍ୟାୟ ମିଳୁନି। ତେଣୁ ଓଡିଶା ଲୋକଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ? ଶନିବାର କଟକରେ ବାଲି ସତ୍ୟାଗ୍ରହ ଏବଂ ମାର୍ଚ୍ଚ ୨ରେ କୋଣାର୍କରେ ବିରାଟ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ। ଏଥିରେ ସିପିଏମ୍ ନେତା ପ୍ରଦୀପ୍ତ ନାୟକ, ସିପିଆଇଏମ୍(ଲିବରେଶନ) ନେତା ଯୁଧିଷ୍ଠିର ମହାପାତ୍ର, ସିପିଆଇର ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଫର୍‌ୱାର୍ଡ ବ୍ଲକ ନେତା ଜ୍ୟୋତି ଇଞ୍ଜିନ ମହାପାତ୍ର, ଆନ୍ଦୋଳନର ସହ ଆବାହକ ବାସୁଦେବ ଭଟ୍ଟ, ଦୟା ସୁରକ୍ଷା ଅଭିଯାନର ସଚିକାନ୍ତ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ ।

## ମା'ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମର ମା'ମଙ୍ଗଳା ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଭକ୍ତମାନଙ୍କ ଦ୍ୱାରା ମହାନଦୀ ଘାଟରୁ ଜଳ ଆସି କଳସ ଯାତ୍ରା ପରେ ପୂଜାରମ୍ଭ ହୋଇଥିଲା। ଅପରାହ୍ଣରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ ବେହେରା, ଲିଙ୍ଗରାଜ ରାଉତ, ଗିରିଧାରୀ ବେହେରା, ମନୋଜ କୁମାର ରାଉତ ପ୍ରମୁଖଙ୍କ ସହଯୋଗରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏଥିରେ ବହୁ ଅତିଥି ଓ ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# 'ଜନଗଣନା ଶତପ୍ରତିଶତ ଠିକ୍ କରିପାରିବେ କର୍ମଚାରୀ'



ସମ୍ମିଳନୀ କକ୍ଷରେ ଆୟୋଜିତ ତାଲିମ ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

### ଜିଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ ତାଲିମ ଶିବିର

କଟକ,୨୬।୨(କାର୍ତ୍ତିକ ସାହୁ)

୨୦୨୭ ଜନଗଣନା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏକ ଦୁଇଦିନିଆ ତାଲିମ ଶିବିର ଗୁରୁବାର ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି କହିଲେ, ଦୀର୍ଘ ଦଶନ୍ଧି ପରେ ହେଉଥିବା ଏହି ଜନଗଣନା କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଜନଗଣନା କାର୍ଯ୍ୟ ଶତପ୍ରତିଶତ ଠିକ କରିପାରିବେ। ୨୦୨୭ ଜନଗଣନା କାର୍ଯ୍ୟ ନିମନ୍ତେ ସ୍ୱଚ୍ଛତାର ସହ ଠିକ ଭାବେ ତଥ୍ୟ ସଂଗ୍ରହ କରି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଉପସ୍ଥିତ ଚାର୍ଜ ଅଫିସର ଓ ଅତିରିକ୍ତ ଚାର୍ଜ ଅଫିସର ଭାବେ ନିୟୋଜିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ କମଳଜିତ ଦାସ, କ୍ଷେତ୍ରସ୍ତରରେ ନିୟୋଜିତ ଚାର୍ଜ ଅଫିସର ଓ ଅତିରିକ୍ତ ଚାର୍ଜ ଅଫିସର ଦାୟିତ୍ୱ ନିର୍ବାହ ସମ୍ପର୍କରେ ଆଲୋଚନା କରି ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ, ଆସନ୍ତା ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ହେବ। ଏହି ଜନଗଣନା ଦ୍ୱାରା ଜିଲାର ବାସ୍ତବ ଜନସଂଖ୍ୟା ଜଣାପଡ଼ିବ। ଦେଶର ଗୌରବ ବୃଦ୍ଧି କରିବାରେ ଏହି ମହତ୍ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବେ ଆମେ ସମସ୍ତେ ସମ୍ପାଦନ କରିବା ଉପରେ ଆଲୋଚନା ହୋଇଥିଲା।

ରିସୋର୍ସ ପର୍ସନ ଭାବେ ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ମିଲିତା ଦତ୍ତ ଓ ଜିଲା ଜନଗଣନା ନୋଡାଲ ଅଫିସର ଦେବେନ୍ଦ୍ର କୁମାର ମହାପାତ୍ର ଜିଲାର ସମସ୍ତ ଚାର୍ଜ ଅଫିସର ଓ ଅତିରିକ୍ତ ଚାର୍ଜ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଗୃହ କିମ୍ବା ଜନସଂଖ୍ୟାକୁ ଆବଣ୍ଟନ କରିବା, ସିଏମଏମଏସ ପୋର୍ଟାଲର ବ୍ୟବହାର ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା। ପ୍ରଥମ ଥର ପାଇଁ ଏହି ଜନଗଣନା ସଂପୂର୍ଣ୍ଣ ଭାବେ ଡିଜିଟାଲ ପ୍ରକ୍ରିୟାରେ କରାଯିବା ସହ ଜାତିଭିତ୍ତିକ ଜନଗଣନା କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, କଟକସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ତହସିଲଦାର, ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଙ୍କୀ,୨୬।୨(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତସ୍ଥିତ ଗୋଡ଼ିସାହି ଗ୍ରାମରେ ଅଙ୍କୁର ଗାଁ ଛକଠାରେ ଗୁରୁବାର ନୂତନ ମଙ୍ଗଳା ମନ୍ଦିର ଏବଂ ନବଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ପ୍ରମୋଦ କୁମାର ଷଡ଼ଙ୍ଗୀ, ସୀତାକାନ୍ତ ହୋତା ଏବଂ ନୀଳାମ୍ବର ଷଡ଼ଙ୍ଗୀ ପ୍ରମୁଖ ରୀତିନୀତି ଅନୁଯାୟୀ ଯଜ୍ଞକର୍ମ କରି ସନ୍ଧ୍ୟାରେ ପୂର୍ଣ୍ଣାହୁତି କରିଥିଲେ। ମୁଖ୍ୟ ପରିଚାଳକ ଗଣେଶ୍ୱର ମହାପାତ୍ର, କର୍ତ୍ତା ନବ କିଶୋର ବେହେରା, ସରୋଜିନୀ ବେହେରା, କର୍ତ୍ତ୍ରୀ ହୋଇ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ବୁଧବାର ଅଧିବାସ, ଅଙ୍କୁରାରୋପଣ ପରେ ବୈଦ୍ୟେଶ୍ୱର ମହାନଦୀରୁ ୧୦୮ଜଣ ମାନସିକ କଳସଧାରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମଦେବତୀ, ହିଙ୍ଗୁଳାଇ, ମଙ୍ଗଳା କାଳିଶି କଳାପଥର ଗ୍ରାମ ପରିକ୍ରମା କରି ନୂତନ ମନ୍ଦିର ପ୍ରତିଷ୍ଠାରେ ସକ୍ରିୟ ସହଯୋଗ କରିଥିଲେ। ଦେବାଶିଷ ସାହୁ, ଅଜୟ ବେହେରା, ପବିତ୍ର ବିଶ୍ୱାଳ, ଫକୀର ମୋହନ ସାହୁ, ଯୁବନେତା ନରେଶ କୁମାର ସାହୁ, ଦୁଃଖୀଶ୍ୟାମ ପାତ୍ର, ମୁରଲୀଧର ସାହୁ, ପୁରନ୍ଦର ସାହୁ, ନରେନ୍ଦ୍ର ବିଶ୍ୱାଳ, କବିରାଜ ସାହୁ, ସନ୍ତୋଷ କୁମାର ସାହୁ, ସୁରେଶ କୁମାର ସାହୁ, କଲ୍ୟାଣୀ ମହାପାତ୍ର, ଉର୍ମିଳା ଦେଈ, ମମତା ସାହୁ, ସରସ୍ୱତୀ ଦେଈ, ଜିନା ସାହୁଙ୍କ ସମେତ ଗୋଡ଼ିସାହିର ସମସ୍ତ ମହିଳା ପୁରୁଷ ପରିଚାଳନାରେ ସହଯୋଗ କରିଥିଲେ। ମୂର୍ତ୍ତି କାରିଗର ଶିଶିର ଜେନା ମଙ୍ଗଳା ମନ୍ଦିର ନିର୍ମାଣ କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୂର୍ଯ୍ୟ ପ୍ରକାଶ ସାହୁ, ସରପଞ୍ଚ ପ୍ରତିନିଧି ମଳୟ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭାଗବତ ସଂକୀର୍ତ୍ତନ, ମଙ୍ଗଳା ଚରଣ, ଭଜନ ସମାରୋହ ପରିବେଷଣ ସହ ଆବାଳବୃଦ୍ଧବନିତା ପ୍ରସାଦ ସେବନ କରିଥିଲେ।

### ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୨୬।୨(ଲିଙ୍ଗରାଜ ରାଉତ): ନନ୍ଦନକାନନ ମୁଖ୍ୟଦ୍ୱାର ସମ୍ମୁଖ କାନନ କ୍ଷେତ୍ରରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୁଣା ମନ୍ଦିରକୁ ଭଙ୍ଗାଯାଇ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ମନ୍ଦିର ଗଢ଼ାଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ୪ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଉତ୍ସବର ପ୍ରଥମ ଦିନରେ ୧୩୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଏଥିସହିତ ପ୍ରତ୍ୟହ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ସହ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଦେଖଣାହାରିଙ୍କୁ ବେଶ ପ୍ରଭାବିତ କରିଥିଲା। ପୂର୍ଣ୍ଣାହୁତି ଅବସରରେ ବହୁ ରାଜନେତାମାନଙ୍କ ସହ ଆଖପାଖ ଗ୍ରାମର ଶହଚଶହ ମହିଳା ଓ ପୁରୁଷ ଯୋଗଦେଇଥିବା ବେଳେ ସଙ୍କୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଥିଲା।

# ମାମୁଙ୍କୁ ହାଣିବା ଅଭିଯୋଗ: ୨ ଭଣଜା ଗିରଫ

### ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଘଟଣା

ବାରଙ୍ଗ, ୨୬।୨ (ଲିଙ୍ଗରାଜ ରାଉତ):

ବିବାହ ଉତ୍ସବରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ମାମୁଙ୍କୁ କଟୁରିରେ ହାଣିବା ଅଭିଯୋଗରେ ୨ଭଣଜାଙ୍କୁ ବାରଙ୍ଗ ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡ଼ ଫତେଗଡ଼ ଥାନା ଅନ୍ତର୍ଗତ ପୋଡ଼ାସାହିର ନୀଳମଣି ରାଉତ(୪୫), କୁଳମଣି ରାଉତ (୪୩)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ.୯୯/୨୬) ରୁଜୁ କରିଛି।

ପ୍ରକାଶ ଯେ, ନୟାଗଡ଼ ଭାପୁର ବ୍ଲକ ଅଞ୍ଚଳର ରାଧା ହାତୀ ନାମ୍ନୀ ଜଣେ ମହିଳା ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁର ନିକଟରେ ଘର କରି ରହୁଛନ୍ତି। ରାଧାଙ୍କ ପୁଅ ହାପିଙ୍କର ବୁଧବାର କଟକରେ ବାହାଘର ଥିଲା। ବିବାହ ଉତ୍ସବକୁ ତାଙ୍କର ଭଣଜା ନୀଳମଣି, କୁଳମଣି ଆସିଥିଲେ। ସେହିପରି ରାଧାଙ୍କର ସମ୍ପର୍କୀୟ ଭାଇ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଦ୍ଧମୂଳା ଗ୍ରାମର ମନୋରଞ୍ଜନ ଦାସ ମଧ୍ୟ ସେଠାକୁ ଆସିଥିଲେ। ଉଭୟ ବରଯାତ୍ରୀ ହୋଇ କଟକ ଶିଖରପୁର ଅଞ୍ଚଳକୁ ଯାଇଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସମ୍ପର୍କୀୟମାନେ ବୁଝାଶୁଝା କରିବା ପରେ ସେମାନେ ନରଣପୁର ଆସିଥିଲେ। ନରଣପୁରରେ ପହଞ୍ଚିବା ପରେ ପୁନର୍ବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କୁଳମଣି ଓ ନୀଳମଣି ଉତ୍କ୍ଷିପ୍ତ ହୋଇ ଏକ କଟୁରିରେ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମନୋରଞ୍ଜନଙ୍କ ଛାତିରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମନୋରଞ୍ଜନଙ୍କୁ କଟକ ମେଡିକାଲ ପଠାଇଥିଲା। ଆକ୍ରମଣକାରୀ ୨ ଭାଇଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ଏ ସଂକ୍ରାନ୍ତରେ ମନୋରଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ନିଗମକୁଞ୍ଜ ରାଣୀପଡ଼ା ଶାଖା ଆଶ୍ରମର ବାର୍ଷିକୋତ୍ସବ



ଅସୁରେଶ୍ୱର,୨୬।୨(ରମାକାନ୍ତ ମହାନ୍ତି): ନିଶ୍ଚିନ୍ତକୋଇଲି ବ୍ଲକ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ନୀଳାଚଳ ସାରସ୍ୱତ ସଂଘ ନିଗମକୁଞ୍ଜ ରାଣୀପଡା ଶାଖା ଆଶ୍ରମର ୧୯ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘ କେନ୍ଦ୍ର ଆସନ ମନ୍ଦିର ବୀରତୁଙ୍ଗର ସମ୍ପାଦକ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାବେଶରେ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟବାଣୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଶ୍ରମ ମଣ୍ଡପରେ ପୁଷ୍ପ ଆସନରେ ବିଗ୍ରହକୁ ସ୍ଥାପନା କରାଯାଇ ନୈବେଦ୍ୟ ଅର୍ପଣ ପରେ ଠାକୁରଙ୍କ ପଦ୍ୟାବଳୀ ଭକ୍ତମାନେ ଗାନ କରିଥଲେ। ଉତ୍ସବରେ କଟିକଟା ସଂଘ ସଭାପତି ରମଣୀ ରଞ୍ଜନ ମହାପାତ୍ରଙ୍କ ସହ ସଭ୍ୟ, ସରପଡା ସଂଘ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ନାହଙ୍ଗ ସଂଘ ସଭାପତି କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଣୀପଡ଼ା ନିଗମକୁଞ୍ଜ ସଂଘ ସଭାପତି ଅଚ୍ୟୁତାନନ୍ଦ ବରାଳ, ସମ୍ପାଦକ ସୁବାସ ବାରିକ, ହୃଦାନନ୍ଦ ବରାଳ, ପ୍ରମୋଦ ନାୟକ, ସୁଶିଲ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଆତ୍ମରକ୍ଷା ତାଲିମ ନେଇଥିବା ଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

### କଳାପଥର ଧଳାପଥର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ

ବାଙ୍କୀ,୨୬।୨(ଶୁଭେନ୍ଦୁ ମହାପାତ୍ର):

କଳାପଥର ଧଳାପଥର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ମହିଳା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ମାଷ୍ଟରଟ୍ରେନର ଲିଜା ସେଠୀ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କଳାକୌଶଳ ତାଲିମ ଦେବା ସହ ତଥ୍ୟାତ୍ମକ ଓ ମାନସିକ ପ୍ରସ୍ତୁତିର ମାର୍ଗଦର୍ଶନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଈର୍ଷାରାଣୀ ମହାନ୍ତିଙ୍କ ସଂଯୋଜନାରେ ବରିଷ୍ଠ ଇଂରାଜୀ ଅଧ୍ୟାପକ କିଶୋର କୁମାର ସାହୁ, ଅଧ୍ୟାପିକା ଶ୍ରୀମା ଦିବ୍ୟଶ୍ରୀ ଦାଶ, ଅଧ୍ୟାପିକା ଡ. ଚିନ୍ମୟୀ ବାରିକ ଛାତ୍ରୀମାନଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟର ପ୍ରାସଙ୍ଗିକତା ବୁଝାଇଥିଲେ। ଶ୍ରେଷ୍ଠ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଚେତା


@ ଚିକୁନ୍


@ ମାନସ


@ ରଜତ


@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଦ୍ମଶ୍ରୀ ଡ.ଉଚ୍ଛବ ଚରଣ ଦାସଙ୍କ ପରଲୋକ

- ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ ସମ୍ପନ୍ନ
- ଲୋକକଳା ଜଗତର ଅପୂରଣୀୟ କ୍ଷତି

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୨୬।୨ (ମାନସ ସାମଲ/ଆଶୁତୋଷ ଦାସ)



ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପାରମ୍ପରିକ ଲୋକକଳା ଚଇତି, ଘୋଡ଼ା ନାଚ ଶିଳ୍ପୀ, ଚିତ୍ରକର ତଥା କବି ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ବୁଧବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୧ ବର୍ଷ ହୋଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

ସୂଚନା ମୁତାବକ, ୧୯୪୫ ମହାବିଷୁବ ସଂକ୍ରାନ୍ତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଣିଆ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିଲା ବେଳୁ ଚୌଦ୍ୱାର ପୌରପାଳିକା ତଳ ବଜାରସ୍ଥିତ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଯୁବ ବୟସରୁ ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚ ପ୍ରତି ଆକୃଷ୍ଟ ହେବା ସହିତ ନିଜେ ଏକ ଘୋଡାନାଚ ଦଳ ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘୋଡ଼ାନାଚ ପରିବେଷଣ ସହିତ ପାରମ୍ପରିକ ସଙ୍ଗୀତ ରଚନା କରି ସେ ବେଶ୍ ଲୋକାଦୃତ ହୋଇପାରିଥିଲେ। ପାରମ୍ପରିକ ଲୋକ କଳାର ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ହିନ୍ଦ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ନୟନ କିଶୋର ମହାନ୍ତି, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇମ୍ପାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ରାଜନେତା, କଳାକାର ଓ ସାଧାରଣ ନାଗରିକ ଶେଷ ଦର୍ଶନ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବହୁ ପ୍ରଶାସନିକ ପଦାଧିକାରୀ, ରାଜ୍ୟ ପୋଲିସ ଫୋର୍ସ ବାସ ଭବନରେ ପହଞ୍ଚି ଗାର୍ଡ ଅଫ ଅନର ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଥର୍ମାଲ ରୋଡ୍‌ସ୍ଥିତ ଘଡ଼ଘଡ଼ିହୁଡ଼ା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ନିର୍ମଳା, ୨ କନ୍ୟା ସଂଘମିତ୍ରା ଓ ନନ୍ଦିତା ଉପସ୍ଥିତ ଥିଲେ। ବଡ଼ ଜ୍ୱାଇଁ ଅନନ୍ତ ଦଳାଇ ମୁଖାଗ୍ନି ଦେଇଥିଲେ।

# ଆବାସ ଯୋଜନା ଦୁର୍ନୀତି ଅଭିଯୋଗ: ଶାସକ-ବିରୋଧୀ ମୁହାଁମୁହିଁ

### ବିଡିଓଙ୍କୁ ଭେଟିଲେ ହିତାଧିକାରୀ

ଆଠଗଡ଼,୨୬।୨(ସତ୍ୟ ପ୍ରସାଦ ରଥ):


ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ସମର୍ଥକଙ୍କ ସହ ବିଡିଓଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଛନ୍ତି।

ଆଠଗଡ଼ ବ୍ଲକ କୁମାରପୁର ପଞ୍ଚାୟତରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଉଭୟ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ଠକି ଟଙ୍କା ହଡ଼ପ କରିନେଇଥିବା ନେଇ ଭାଜପା ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରାଯିବା ସହ ଆଠଗଡ଼ ବିଡିଓଙ୍କ ନିକଟରେ ମୌଖିକ ଭାବେ ଅଭିଯୋଗ କରାଯାଇଥିଲା। ଏହାକୁ ଆଚାର୍ଯ୍ୟ ଖଣ୍ଡନ କରିବା ସହ ବିରୋଧୀ ଶସ୍ତା ରାଜନୀତି କରୁଛନ୍ତି ବୋଲି କୁମାରପୁର ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି। ଅପରପକ୍ଷେ ଯେଉଁ ହିତାଧିକାରୀମାନଙ୍କ ଆବାସ ଯୋଜନାରେ ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା ସେମାନଙ୍କ ମଧ୍ୟରୁ ୬ ଜଣ ଆଠଗଡ଼ ବିଡିଓ ଆକାଶ କୁମାର ପଣ୍ଡାଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ହିତାଧିକାରୀମାନଙ୍କ ମଧ୍ୟରେ ଜେମା ବଦରା, ଜୁନୁ ଦିଗି, ମାଣିକ ଦିଗି, ବୁଦୁନି ଦିଗି, ଗୀତା ଚାତରା, କୁନୁ ଦିଗି ପ୍ରମୁଖ ବିଡିଓଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ଯେ, ସେମାନେ ସମସ୍ତେ ଅନୁସୂଚିତ ଜନଜାତିର ଲୋକ ହୋଇଥିବା ବେଳେ ସେମାନଙ୍କ ସରଳତାର ସୁଯୋଗ ନେଇ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ଏବଂ ଟଙ୍କା ହଡ଼ପ ହୋଇଛି। ଏନେଇ ସେମାନଙ୍କୁ ଜୋରଜବରଦସ୍ତ ଭୟଭୀତ କରି ଆଚାର୍ଯ୍ୟଙ୍କ ବିରୋଧରେ ମିଛ କହିବାକୁ ଭାଜପାର ଜଣେ ବରିଷ୍ଠ ନେତା ଏବଂ ତାଙ୍କର ସମର୍ଥକମାନେ ବାଧ୍ୟ କରିଥିବା ସମ୍ପୃକ୍ତ ହିତାଧିକାରୀମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରି ନ କଲେ ସେମାନଙ୍କ ନାମ ଆବାସ ଯୋଜନାରୁ କାଟିଦିଆଯିବ। ଏଥିସହ ଯେଉଁମାନେ ସରକାରୀ ଜମିରେ ଘର କରିଛନ୍ତି ସେମାନଙ୍କୁ ଉଠାଇ ଦିଆଯିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରାହ୍ଣରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଚାର୍ଯ୍ୟ ସମର୍ଥକମାନଙ୍କ ସହ ବିଡିଓଙ୍କୁ ଭେଟି ଏହା ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡ ବିଧାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠଗଡ଼ ବିଡିଓ ଆକାଶ କୁମାର ପଣ୍ଡାଙ୍କୁ ପଚାରିବାରେ ଏହି ଘଟଣା ଗତ ଦୁଇ ତିନି ବର୍ଷ ତଳର। ଏ ବାବଦରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ୨୪ ଘଣ୍ଟିଆ ପାନୀୟଜଳ, ବିଦ୍ୟୁତ୍ ସରବରାହ ନିର୍ଦ୍ଦେଶ

## ଅଂଶୁଘାତ ମୁକାବିଲା ବୈଠକ

- ଶୂନ୍ୟ ମୃତ୍ୟୁହାରକୁ ଗୁରୁତ୍ୱ
- ଜିଲା, ବ୍ଲକ୍‌ସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ
- ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବ ଅଂଶୁଘାତ ୱାର୍ଡ



ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)**

ଆଗକୁ ଗ୍ରୀଷ୍ମଋତୁ ଆସୁଛି। ବର୍ତ୍ତମାନଠାରୁ ପୂର୍ବାହ୍ନରେ ଖରାର ପ୍ରଖରତା ବୃଦ୍ଧି ପାଉଛି। ରୌଦ୍ରତାପକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍‌ୱାନ୍ କକ୍ଷରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଶୂନ୍ୟ ମୃତ୍ୟୁହାର ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରଭାବରେ ଯେପରି ସାଧାରଣ ଜନଜୀବନ ପ୍ରଭାବିତ ନ ହେବ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ବୁଲା ଗୋରୁଗାଇ, କୁକୁର, ପଶୁପକ୍ଷୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପକ୍ଷରୁ ଜାରି ଗାଇଡ୍‌ଲାଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାନୀୟଜଳ ଯୋଗାଣ, ଜଳଛତ୍ର କେନ୍ଦ୍ର, ରୌଦ୍ରତାପରୁ ରକ୍ଷା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ, ଗୋରୁଗାଇଙ୍କ ପାଇଁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ପର୍ଯ୍ୟାପ୍ତ ମାତ୍ରାରେ ଜଳକୁଣ୍ଡ ବ୍ୟବସ୍ଥା କରାଯିବ। ଅଚଳ ନଳକୂପକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଏବଂ ସହରାଞ୍ଚଳ, ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ପାନୀୟଜଳ ସୁବିଧା ସହ ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖାଯିବ। ଏଥିସହିତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଂଶୁଘାତ ୱାର୍ଡ ସହ ଜୀବନରକ୍ଷାକାରୀ ଔଷଧ ମହଜୁଦ ରଖିବେ। ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ପାଇଁ ପାନୀୟଜଳ ସହ ଓଆର୍‌ଏସ୍ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ନିଜ ପାଖରେ ଓଆର୍‌ଏସ୍ ସହ ଜୀବନରକ୍ଷାକାରୀ ଔଷଧ ରଖିବେ। ଇଏସ୍‌ଆଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସାଧାରଣ ଲୋକଙ୍କୁ ଚିକିତ୍ସା ପ୍ରଦାନ କରାଯିବ। ଘରୋଇ ବସ୍ ଠିକ୍ ସମୟରେ ଚଳାଚଳ କରିବେ। ବସ୍‌ଷ୍ଟପ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପାର୍କିଂ କିମ୍ବା ପାସେଞ୍ଜରଙ୍କୁ ଧରି ଠିଆ କରିବେ ନାହିଁ। ପୌର ପ୍ରଶାସନ ପକ୍ଷରୁ ସହରାଞ୍ଚଳରେ ଜଳଛତ୍ର ଖୋଲାଯିବା ସହ ଗୋରୁଗାଇଙ୍କ ପାଇଁ ଜଳକୁଣ୍ଡ ବ୍ୟବସ୍ଥା କରିବେ। ଯେପରି ବାରମ୍ବାର ବିଦ୍ୟୁତ୍ କାଟ ନ ହେବ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ପ୍ରଚଣ୍ଡ ଖରା ସମୟରେ କୌଣସି ଠିକା କିମ୍ବା ନିର୍ମାଣ ଶ୍ରମିକ କୋଠାବାଡ଼ିରେ କାମ କରିବେ ନାହିଁ, ଶ୍ରମ ବିଭାଗ ଏହା ସୁନିଶ୍ଚିତ କରିବେ। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଜିଲା ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ସହରାଞ୍ଚଳ, ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁସମନ୍ୱୟରେ ରୌଦ୍ରତାପ ଏବଂ ଅଂଶୁଘାତ ନିୟନ୍ତ୍ରଣ କରିବାକୁ ଅତିରିକ୍ତ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ ଅଂଶୁଘାତଜନିତ ଯୁଗ୍ମ ତଦନ୍ତ ରିପୋର୍ଟ ସମ୍ପୃକ୍ତ ମେଡିକାଲ ଅଫିସର, ପୋଲିସ ଓ ତହସିଲଦାର ୪୮ଘଣ୍ଟା ମଧ୍ୟରେ ସାରି ଜିଲା ପ୍ରଶାସନକୁ ଜଣାଇବେ। ଗୋରୁଗାଇଙ୍କ ଆଶୁ ଚିକିତ୍ସା ଏବଂ ଜଳକୁଣ୍ଡ ବ୍ୟବସ୍ଥା ଜିଲା ପ୍ରାଣିସମ୍ପଦ ବିଭାଗ ବ୍ୟବସ୍ଥା କରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜରୁରିକାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧୀକ୍ଷଣଯନ୍ତ୍ରୀ ରଶ୍ମିତା ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ସାମାଜିକ ସୁରକ୍ଷା ଦିଲୀପ କୁମାର ଦିହାଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ଆଭାସିରେ ବିଡିଓ, ତହସିଲଦାରମାନେ ଯୋଗଦେଇଥିଲେ।



ସୁଦଶା ବ୍ରତ ପାଳନ ପାଇଁ ଗୁରୁବାର ବାଣପୁର ଲକ୍ଷ୍ମୀ ମନ୍ଦିରରେ ମହିଳାଙ୍କ ଭିଡ଼। (ଫଟୋ: ଦିଲୀପ କୁମାର ସ୍ୱାଇଁ)

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ବାଣପୁର,୨୬।୨(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ଥାନା ଅଧୀନ ଭେଷରି ଗ୍ରାମ ପାଦୁକେୟୀ ମନ୍ଦିର ନିକଟରେ ଗୁରୁବାର ପୂର୍ବଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଯୁବକ ସଂଘବଦ୍ଧ ଭାବେ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ଗୁରୁତର ଯୁବକ ପ୍ରକାଶ ମହାପାତ୍ରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ଯାନିଯାତ୍ରାକୁ ନେଇ ପ୍ରକାଶଙ୍କ ସହ ଗ୍ରାମର କେତେଜଣ ଯୁବକଙ୍କ ସହ ଶତ୍ରୁତା ରହିଥିଲା। ଗୁରୁବାର ସକାଳେ ପ୍ରକାଶ କାର୍‌ରେ ଘରକୁ ଫେରୁଥିବା ବେଳେ କେତେଜଣ ଯୁବକ ତାଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଗ୍ରାମର କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଏବଂ ତାଙ୍କ ସହଯୋଗୀ ପ୍ରଶାନ୍ତ ଜେନା, ସମୀର ଖୁଣ୍ଟିଆ, ରାଜା ପ୍ରଧାନ, ସାଗର ଜେନା, ରାମ ଖୁଣ୍ଟିଆ ପ୍ରମୁଖ ସଂଘବଦ୍ଧଭାବେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ପ୍ରକାଶଙ୍କ ଭାଇ ତଥା ବାଣପୁର ବ୍ଲକ ବିଜୁ ଜନତା ଦଳର ସଭାପତି କୈଳାସ ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପ୍ରକାଶ କେତେଜଣ ସହଯୋଗୀଙ୍କ ସହ ସମୀରଙ୍କୁ ମାଡ଼ ମାରିଥିବା ଏବଂ ଘରକୁ ଯାଇ ଧମକ ଦେଇଥିବା ସମୀରଙ୍କ ମା’ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

## ଟାଙ୍ଗୀରେ ଫୁଲଦୋଳ ଯାତ୍ରା ପାଇଁ ପ୍ରସ୍ତୁତି

**ଟାଙ୍ଗୀ,୨୬।୨(ରଘୁନାଥ ସାହୁ)**

ପ୍ରତିବର୍ଷ ପରି ଚଳିତବର୍ଷ ଫାଲ୍‌ଗୁନ ତ୍ରୟୋଦଶୀ ତିଥିରେ ଟାଙ୍ଗୀରେ ଫୁଲଦୋଳ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ଫୁଲଦୋଳ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ସରିଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଯାତ୍ରାରେ ସାମିଲ ହେବା ପାଇଁ ବିଭିନ୍ନ ଗ୍ରାମର ଦେବଦେବୀଙ୍କ ନିକଟକୁ ନିମନ୍ତ୍ରଣ ପଠାଯାଇଛି। ଏହି ମେଲଣରେ ଟାଙ୍ଗୀ ସ୍ଥିତ ଶ୍ରୀଲୋକନାଥ ଦେବ, ବାଲୁଙ୍କେଶ୍ୱର ଦେବଙ୍କ ସମେତ ଭଜାଗଡ଼, ମଙ୍ଗଳାଯୋଡ଼ି, ଜରିପଡ଼ା, ବାଲିନାସୀ, ସୋରଣ, ମାନସିଂହପୁର, କୁହୁଡ଼ି, ରତନପୁର, ଚଣ୍ଡେଶ୍ୱର, ପାରିଓରଡ଼, ବଡ଼ପାରୀ ଗ୍ରାମର ଠାକୁରମାନେ ସୁସଜ୍ଜିତ ଦୋଳରେ ଶୋଭାଯାତ୍ରାରେ ଯାତ୍ରା ପଡିଆକୁ ଆସିଥାନ୍ତି। ନିମନ୍ତ୍ରିତ ଠାକୁର ଦୋଳ ପଡ଼ିଆରେ ଥିବା ନିର୍ଦ୍ଧାରିତ ମଣ୍ଡପରେ ଅବସ୍ଥାନ କରିଥାନ୍ତି। ରାତିରେ ମେଲଣ ପଡିଆରେ ସମସ୍ତ ଠାକୁର ଏକତ୍ରିତ ହେବା ସହ ହରିହର ଭେଟ ହୋଇଥାଏ। ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଅବିର ଅର୍ପଣ କରିଥାନ୍ତି। ଏଥିସହ ହରିହର ଭେଟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥାଏ। ହରିବୋଲ, ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।

## ଦଧିବାମନ ଦେବଙ୍କ ପୀଠରେ ଫଗୁଦଶମୀ

**କୃଷ୍ଣପ୍ରସାଦ,୨୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଦଧିବାମନ ଦେବଙ୍କ ପୀଠରେ ପାରମ୍ପରିକ ରୀତିରେ ଫଗୁ ଦଶମୀ ପାଳିତ ହୋଇଯାଇଛି। ଏହି ଅବସରରେ ମାଲୁଦ ଚୈତନ୍ୟ ଦେବଙ୍କ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିବା ସହ ଭଜନ ସମାରୋହ ହୋଇଥିଲା। ଦଧିବାମନ ଦେବଙ୍କ ଚଳନ୍ତି ପ୍ରତିମାରେ ଶ୍ରଦ୍ଧାଳୁମାନେ ଫଗୁ ସିଞ୍ଚନ କରିଥିଲେ। ବିଶ୍ୱାସ ଥାଏ ଠାକୁରଙ୍କ ଉପରେ ଫଗୁ ସିଞ୍ଚନ କଲେ ସମସ୍ତ ଦୁଃଖ ଦୂର ହେବା ସହ ପାପ ଖଣ୍ଡନ ହୋଇଥାଏ। ଏହି ବିଶ୍ୱାସ ନେଇ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମାନସିକ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବନ ବିହାରୀ ପଟ୍ଟନାୟକ, ସତୀଶ ପଟ୍ଟନାୟକ, ମନୋଜ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ଚନ୍ଦ୍ରଶେଖର ପଣ୍ଡା ପୂଜା ପାଠ କରିଥିଲେ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମକ୍ଷେତ୍ର ଗଡ଼ମାଣିତୀର

**ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଜଗନ୍ନାଥ ମନ୍ଦିର ଉପରେ ମୋଟ ୧୮ଥର ଆକ୍ରମଣ ହୋଇଥିଲା। ମହାପ୍ରଭୁ ୨୧ଥର ଶ୍ରୀମନ୍ଦିର ରତ୍ନସିଂହାସନରୁ ସ୍ଥାନାନ୍ତର ହୋଇଥିଲେ। ସେଥିରୁ ଶ୍ରୀକ୍ଷେତ୍ର ମଧ୍ୟରେ ଦୁଇ ଥର ଲୀଳା କରିଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ୧୯ଥର ଲୀଳା କରିଥିଲେ। ଇତିହାସରୁ ଜଣାପଡ଼େ ଯେ, ୨୧ଥର ମଧ୍ୟରୁ ମହାପ୍ରଭୁ ଦୁଇଥର ପାତାଳି ଲୀଳା କରିଥିଲେ। ସୋନପୁର ଜିଲାର ବର୍ତ୍ତମାନର କୋଟସମଲାଇ ତ୍ରିକୂଟ ପାହାଡ଼ ଗୁମ୍ଫାରେ ୯୯ବର୍ଷ ପର୍ଯ୍ୟନ୍ତ ପାତାଳି ଲୀଳା

### ୧୬୨୨ରେ ହୋଇଥିଲା ରଥଯାତ୍ରା

କରିଥିଲେ। ଖୋର୍ଦ୍ଧା ଜିଲାରେ ମହାପ୍ରଭୁ ଦୁଇ ଥର ବ୍ରହ୍ମଲୀଳା କରିଛନ୍ତି। ଇତିହାସ କହେ, ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ.୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ.୧୫୭୫ରେ କୁଜଙ୍ଗଗଡରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି କାର୍ଯ୍ୟ ପାଇଁ ଗଜପତି ରାମଚନ୍ଦ୍ର ଦେବ ସମଗ୍ର ଭାରତ ବର୍ଷରେ ପ୍ରଶଂସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ସବିଶେଷ ବର୍ଣ୍ଣନା ରହିଛି। ୧୬୨୨ ମସିହା ମିର୍ଜା ଅହମ୍ମଦ ବେଗ ଆକ୍ରମଣ ସମୟରେ ଗୁପ୍ତ ଭାବେ ଗଜପତିଙ୍କ ପରାମର୍ଶରେ ସେବାୟତମାନେ ଖୋର୍ଦ୍ଧା ଜିଲାର ଗଡ଼ମାଣିତୀରରେ ବ୍ରହ୍ମଲୀଳା କରାଇଥିଲେ।

ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର ମିଶ୍ରଙ୍କ ସୂଚନା ଅନୁଯାୟୀ, ୧୬୧୧ ମସିହାରେ ଅହମ୍ମଦ ବେଗ ଖାଁ ଶ୍ରୀମନ୍ଦିର ଆକ୍ରମଣ ସମୟରେ ଗଜପତି ପୁରୁଷୋତ୍ତମଦେବଙ୍କ ପରାମର୍ଶକ୍ରମେ ସେବକମାନେ ପାଇକମାନଙ୍କୁ ଧରି ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରୁ ସ୍ଥାନାନ୍ତର କରିଥିଲେ। ପ୍ରାକୃତିକ ପରିବେଶରେ ମହାପ୍ରଭୁ ଅନ୍ଧାରିଗଡ଼ରେ ଏକବର୍ଷ ଲୀଳା କରିଥିଲେ। ଅହମ୍ମଦ ବେଗ ଖବରପାଇ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଗଜପତିଙ୍କ ଆଦେଶରେ ସେବକମାନେ ଅନ୍ଧାର ରାତିରେ ଶ୍ରୀବିଗ୍ରହଙ୍କ ବ୍ରହ୍ମ ସ୍ଥାନାନ୍ତର କରି ଚିଲିକା ଦେଇ ଉତ୍ତରପଟ ସ୍ଥଳପଥକୁ ଛୁଇଁ ଗଡ଼ମାଣିତୀର ବା ମାଣତ୍ରୀଗଡ଼ରେ ପହଞ୍ଚିଥିଲେ। ମାଦଳାପାଞ୍ଜିରୁ ଜଣାଯାଏ, ଗଜପତି ନରସିଂହଦେବ ଅନ୍ଧାରିଗଡ଼ରେ କିଛିଦିନ ଅବସ୍ଥାନ କରିଥିଲେ। ମାଦଳାରେ ବର୍ଣ୍ଣିତ ଅଛି, ଏହାକୁ ରାଜା ଅନ୍ଧାରୀ ମହିମରୁ ଭାଙ୍ଗି ମାଣତ୍ରୀକଟକ ବିଜେ କରିଥିଲେ। ଅର୍ଥାତ୍ ଗଜପତି ମାଣତ୍ରୀଗଡ଼କୁ ଚାଲି ଆସିଥିଲେ। ୧୬୨୧ ମସିହାରେ ମହାପ୍ରଭୁଙ୍କ ଲୀଳାମୟ ବ୍ରହ୍ମ ମାଣିତ୍ରୀଗଡ଼ ବା ଗଡ଼ମାଣତୀରକୁ ସ୍ଥାନାନ୍ତର ହୋଇଥିଲା। ସେଠାରୁ ମହାପ୍ରଭୁ ୧୬୨୪ ମସିହାରେ ଶ୍ରୀକ୍ଷେତ୍ରକୁ ଫେରିଥିଲେ। ଗଜପତି ସେବକମାନଙ୍କୁ ଡକାଇ ବନଯାଗ ନୀତି ସମ୍ପନ୍ନ କରାଇ ନୂତନ ବିଗ୍ରହ ସେଠାରେ ନିର୍ମାଣ କରାଯାଇ ବୈଦିକ ବିଧିରେ ବିଗ୍ରହ ପ୍ରତିଷ୍ଠା କରାଇଥିଲେ। ଶ୍ରୀଚତୁର୍ଦ୍ଧାବିଗ୍ରହଙ୍କୁ ଶଗଡ଼ରେ ବିଜେ କରାଇ ଶ୍ରୀକ୍ଷେତ୍ରକୁ ବିଜେ କରାଯାଇଥିଲା। ଯୋଡ଼ା ଆଷାଢ଼ ବିନା ଅଦିନରେ ଏହି ନବକଳେବର ହୋଇଥିବା ଜଣାଯାଏ। ନବକଳେବର ପରେ ଗଜପତିଙ୍କ ୧୬୨୨ରେ ଦେହାନ୍ତ ହୋଇଥିଲା। ତାଙ୍କ ପୁତ୍ର ଗଜପତି ନରସିଂହଦେବ ଶ୍ରୀକ୍ଷେତ୍ରରେ ଆକ୍ରମଣ ଥମିବା ପର୍ଯ୍ୟନ୍ତ ଗଡ଼ମାଣିତୀରରେ ମହାପ୍ରଭୁଙ୍କର ସମସ୍ତ ସେବାପୂଜା ବନ୍ଦୋବସ୍ତ କରାଇଥିଲେ। ସେହିଠାରେ ମହାପ୍ରଭୁ ପ୍ରାୟ ୩ବର୍ଷ ରହିଥିଲେ। ମହାପ୍ରଭୁଙ୍କ ଦୁଇଟି ମୁଖ୍ୟ ଯାତ୍ରା ସେଠାରେ ସମ୍ପନ୍ନ ହୋଇଥିଲା। ଗୋଟିଏ ଚନ୍ଦନଯାତ୍ରା ଏବଂ ଅନ୍ୟଟି ରଥଯାତ୍ରା। ମହାପ୍ରଭୁ ବିଜେ କରିଥିବା ଆଜିର ତୃତୀୟାଦେବଙ୍କ ମନ୍ଦିର ସ୍ଥାନରୁ ଗଡ଼ର ପୂର୍ବ ଦିଗରେ ରହିଥିବା ଶ୍ରୀକପିଳେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ ରଥରେ ଶ୍ରୀଗୁଣ୍ଡିଚା ଦିନ ଯାତ୍ରା କରିଥିଲେ। ମନ୍ଦିର ଦକ୍ଷିଣପାର୍ଶ୍ୱକୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଯାଇଥିଲା। ମହାପ୍ରଭୁଙ୍କ ନବଦିନ ଯାତ୍ରା କରି ନିଜ ଆସ୍ଥାନକୁ ଫେରିଥିଲେ। ପରବର୍ତ୍ତୀ ସମୟରେ ଆଉ ରଥଯାତ୍ରା ନ ହେବାରୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଭାଙ୍ଗି ଯାଇଥିବା ବେଳେ ଆଜି ବି ସେହି ସ୍ଥାନଟି ଗୁଣ୍ଡିଚାପଦା ଭାବେ ଚିହ୍ନିତ ହୋଇ ରହିଛି। ପୁରୁଣା ରେକର୍ଡ ଅନୁସାରେ ୧୬୨୨ ମସିହାରେ ଶ୍ରୀକପିଳେଶ୍ୱର ମହାଦେବଙ୍କ ପୋଖରୀରେ ହୋଇଥିଲା ମହାପ୍ରଭୁଙ୍କ ଚନ୍ଦନଯାତ୍ରା। ମହାପ୍ରଭୁଙ୍କ ବିଜେ ପ୍ରତିମା ଚନ୍ଦନଯାତ୍ରାରେ ସାମିଲ ହୋଇଥିଲେ। ସେହି ପ୍ରତିମା ଏବେ ବି ଗଡ଼ରେ ତୃତୀୟା ଦେବଙ୍କ ମନ୍ଦିରରେ ଉପାସିତ ହେଉଛନ୍ତି।

## ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)**

ବେଗୁନିଆ ବ୍ଲକ ଗଡ଼ମାଣିତୀର ଠାରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ଦିନ ବ୍ୟାପୀ ଆଧ୍ୟାତ୍ମିକ ବାତାବରଣରେ ଚାଲିଥିବା ପ୍ରତିଷ୍ଠାଉତ୍ସବର ଗୁରୁବାର ଥିଲା ପୂର୍ଣ୍ଣାହୁତି। ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ତ୍ରଧ୍ୱନୀ, ହୁଳହୁଳି, ଶଙ୍ଖନାଦରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଆତ୍ମାନନ୍ଦଜୀ ମହାରାଜ, ତାମିଲନାଡୁ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ.ହରିହର କାନୁନଗୋ, ଶ୍ରୀମନ୍ଦିର ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଶ୍ରୀମନ୍ଦିର ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ମିଶ୍ର, ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବିଡିଓ ସନ୍ତୋଷ କୁମାର ଜେନା, ସରପଞ୍ଚ କରୁଣାକର ଦଳସିଂହରାୟ, ପ୍ରବଚକ ଆଶୁତୋଷ ପ୍ରସାଦ ମିଶ୍ରଙ୍କ ସମେତ ବହୁ ସାଧୁସନ୍ଥ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଚେତା



@ ଚିକୁନ୍



@ ମାନସ



@ ରଜତ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟ୍ରକ୍ ଧକ୍କାରେ ଘର କାନ୍ଥ ଭାଙ୍ଗିଲା

**ଟାଙ୍ଗୀ,୨୬।୨(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣ୍ଡି ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଏକ କୋଠାଘର କାନ୍ଥ ଭାଙ୍ଗିଯାଇଛି। ଫଳରେ ଟ୍ରକ୍ ଚାଳକ ଆହତ ହୋଇଥିଲେ। ଟାଙ୍ଗୀ ପୋଲିସ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିବା ସହ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଝାରସୁଗୁଡ଼ାରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ (ଓଡି ୩୪ପି ୮୧୧୯) ଚଣ୍ଡେଶ୍ୱର ଆସିଥିଲା। ଚଣ୍ଡେଶ୍ୱରରେ ସିମେଣ୍ଟ ଖାଲି କରିବା ପରେ ଝାର୍‌ସୁଗୁଡ଼ା ଅଭିମୁଖେ ଫେରୁଥିବା ବେଳେ ହଠାତ୍ ଚାଳକ ଜଣଙ୍କ ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ ଟ୍ରକ୍‌ଟି ରାସ୍ତା ତଳକୁ ଖସି ବିଲରେ କିଛି ବାଟ ଗଡ଼ିଚାଲିଥିଲା। ଏପରିକି ଦୁଇଟି ଗଛକୁ ଧକ୍କା ଦେବା ପରେ ବ୍ରାହ୍ମଣ୍ଡି ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଠାଘରକୁ ଧକ୍କା ଦେଇଥିଲା। ଫଳରେ ଘରର କାନ୍ଥ ଭାଙ୍ଗିଯାଇଥିଲା। ଜୋର୍ ଶବ୍ଦ ଶୁଣି ଲୋକେ ଭୟରେ ଘରୁ ବାହାରି ପଳାଇ ଆସିଥିଲେ।




ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଥିବା ଘରର କାନ୍ଥ।

## ପୁରୀ ସମୁଦ୍ରରେ ଡଲ୍ଫିନ

ପୁରୀ,(ଅଜିତ୍ କୁମାର ମହାନ୍ତି): ପୁରୀ ସମୁଦ୍ରରେ ଡଲ୍ଫିନ୍‌ଙ୍କ ଖେଳ ଦେଖିବାକୁ ମିଳିଛି। ଗୁରୁବାର ସମୁଦ୍ର ଜଳରାଶିରେ ଡଲଫିନ ଡେଇଁବାର ଦୃଶ୍ୟ ମନୋରମ ଥିଲା। ପ୍ରତିଦିନ ଚିଲିକାରେ ରହୁଥିବା ଏରାୱାଡ଼ି ଡଲଫିନ ଓ ବଟଲ ନୋଜ ଡଲ୍ଫିନ ଚନ୍ଦ୍ରଭାଗା ସମୁଦ୍ର ପର୍ଯ୍ୟନ୍ତ ଯାଇଥାନ୍ତି। ବିଶେଷକରି ଗୁରୁବାର ମାଛ ଧରିବା ପାଇଁ ଡଙ୍ଗା ଆତଯାତ ହୁଏ ନାହିଁ, ତେଣୁ ପରିବେଶ ଶାନ୍ତ ରହିଥାଏ। ତେଣୁ ଡଲଫିନ ଆତଯାତ କରିଥାନ୍ତି। ସୂଚନା ଥାଉକି, ଫେବୃଆରୀ ୧୧ରେ ପୁରୀ ସମୁଦ୍ରରେ ଡଲଫିନ ଦେଖିବାକୁ ମିଳିଥିଲା। ସେହିପରି ଫେବୃଆରୀ ୧୦ରେ ବେଳାଭୂମି କୂଳରେ ଶହ ଶହ ଶାମୁକା ପରିଲକ୍ଷିତ ହୋଇଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୨।୨୦୨୬

| ୪,୩୮,୪୩୫ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଚାଟେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ପ୍ରମୁଖ ଯାତ୍ରା। ଶ୍ରୀକ୍ଷେତ୍ରରେ ୭ଦିନ ଧରି ଦୋଳଯାତ୍ରା ପାଳନ ହୁଏ। ପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପରଦିନ ଶେଷ ହୁଏ। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ମଧ୍ୟରେ ତିଥିକ୍ଷୟ ଥିଲେ ଫାଲଗୁନ ଶୁକ୍ଳ ନବମୀଠାରୁ ଯାତ୍ରା ପାଳନ କରାଯାଏ। ସର୍ବତ୍ର ରାଧାକୃଷ୍ଣଙ୍କ ଦୋଳଯାତ୍ରାର ପ୍ରସିଦ୍ଧି ଥିଲେ ମଧ୍ୟ ଶ୍ରୀକ୍ଷେତ୍ରରେ ଶ୍ରୀଦେବୀ ଓ ଭୂଦେବୀଙ୍କ ସହିତ ଦୋଳଗୋବିନ୍ଦଙ୍କ ଦୋଳଯାତ୍ରା ପରେ ଏକତ୍ରାବସ୍ଥାନ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ମାହାତ୍ମ୍ୟ ପୃଥକ ଭାବେ ଚିହ୍ନାଇ ଦିଏ। ଫଗୁଦଶମୀ ଅବସରରେ ଗୁରୁବାର ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଟେରୀ ବେଶ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଚାଟେରୀ ବେଶ ହୋଇଥାଏ। ଗୁରୁବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି କରାଯାଇଥିଲା। ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥିଲେ। ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢିଥିଲା। ରତ୍ନସିଂହାସନରେ ତିନି ବାଡ଼ରେ ଚାଟେରୀ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ନଳିଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଷ୍ଟାପଟି, ଛ'ମୂର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର, ଦେବୀ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼ଗୀ ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହିବେଶ ପୂର୍ବରୁ ମହାଜନ ସେବକଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀଙ୍କୁ ଦକ୍ଷିଣ ଘରକୁ ବିଜେ କରାଯାଇ ବେଶ କରାଯାଇଥିଲା। ବେଶ ବଢ଼ି ପାଣି ପଡ଼ିଲା ପରେ ଚାଟେରୀ ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ। ପଞ୍ଚ ଉପଚାରରେ ଚାଟେରୀ ଭୋଗ ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ଏବଂ ଶ୍ରୀଅଙ୍ଗରେ ଫଗୁ ଲାଗି ସହ ଆଲଟ ଚାମର କରିଥିଲେ। ଆଜ୍ଞାମାଳ

### ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ

ପାଇବା ପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢି ସନ୍ଧ୍ୟାଧୂପ ନିମନ୍ତେ ପାଣି ପଡ଼ିଥିଲା। ଅପରପକ୍ଷରେ ଚଳନ୍ତି ପ୍ରତିମା ଠାକୁର ଠାକୁରାଣୀଙ୍କ ନିକଟରେ ଜଗନ୍ନାଥବଲ୍ଲଭରେ ଜଉ ଯାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପାଣି ଲାଗିହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ଚଳନ୍ତି ପ୍ରତିମା ଜଗନ୍ନାଥବଲ୍ଲଭକୁ ଆସି ନୀତି ସମ୍ପାଦନ କରିବେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚାଟେରୀ ବେଶ ହେବ। ଚତୁର୍ଦ୍ଦଶୀ ଓ ଦୋଳପୂର୍ଣ୍ଣିମା ଦିନ ଠାକୁର ଦୋଳବେଦିକୁ ଯାଇ ନୀତି ସମ୍ପାଦନ କରିବେ।




ପୁରୀ ସହର ଅଟୋ ଟୋଟୋ ମିଳିତ ମହାମଞ୍ଚର ପ୍ରଥମ ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ସଦସ୍ୟ ଓ ବ୍ୟକ୍ତିବିଶେଷ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ବେଆଇନ ପାନ ମସଲା, ଗୁଟ୍‌ଖା ବିକି ଯୁବକ ଗିରଫ

ପୁରୀ,୨୬।୨ (ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ପୋଲିସ ନିଷିଦ୍ଧ ତଥା ବେଆଇନ ପାନମସଲା ଓ ଗୁଟ୍‌ଖା ବିକ୍ରି କରିବା ସହ ଗଚ୍ଛିତ ରଖିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଦୋଳଗୋବିନ୍ଦପୁରର ଅନିଲ କୁମାର ମହାପାତ୍ର(୨୭)। ପୋଲିସ ଦୋକାନରୁ ପ୍ରାୟ ୧୦୦୦ ପ୍ୟାକେଟ ପାନ ମସଲା ଓ ଗୁଟ୍‌ଖା ଜବତ କରିଛି। ଏନେଇ କେସ୍ (ନଂ.୪୫/୨୬) ରୁଜୁ ହୋଇଛି।

### ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ

ପୁରୀ,୨୬।୨ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଯୁବ କାର୍ଯ୍ୟକ୍ରମ ଓ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା ମାଇଁ ଭାରତ ପୁରୀ ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ମମତାରାଣୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ବସନ୍ତ କୁମାର ମିଶ୍ର ଯୋଗଦେଇ ବିକଶିତ ଭାରତ ଗଠନରେ ବର୍ତ୍ତମାନର ଯୁବପିଢିଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଚାରକମଣ୍ଡଳୀ ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ସର୍ବଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ଗୌରପ୍ରିୟା ଦାଶ, ଶିକ୍ଷାଶାସ୍ତ୍ରୀ ବିଭାଗର ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ରାୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶିକ୍ଷାଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା, ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟାପକ ବୈକୁଣ୍ଠ ମେହେର, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ସିଏସ୍ କଲେଜ ଅଧ୍ୟାପିକା ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଅଧ୍ୟାପିକା ବବ୍‌ଲି ମେହେର ଧନ୍ୟବାଦ ଦେଇଥିଲେ। ସସ୍ମିତା ମେକାପ, ଜ୍ୟୋତିସ୍ମିଗ୍ଧା ସାହୁ, ସଂଘମିତ୍ରା ସ୍ୱାଇଁ, ଅଭିଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୨ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ମାର୍ଚ୍ଚ ୨ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ତାରିଖ, ଶୁଭସମୟ ଆଦି ସ୍ଥିର କରାଯିବ। ଏଥିସହ ଗୁଣ୍ଡିଚା ମନ୍ଦିର କେବେ ଖୋଲିବ ତାହା ମଧ୍ୟ ଚୂଡ଼ାନ୍ତ ହେବ। ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ମହାପ୍ରଭୁଙ୍କୁ ନୂତନ ରତ୍ନପଲଙ୍କ ସେଟ୍ ବ୍ୟବହାର ନେଇ ମଧ୍ୟ ଆଲୋଚନା କରାଯିବ।

### ରତ୍ନଭଣ୍ଡାର ଅଳଙ୍କାର ଗଣତି ନେଇ ହେବ ତାରିଖ ନିର୍ଦ୍ଧାରଣ

ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ ଓ ସେବକଙ୍କୁ ମୋବାଇଲ ଫୋନ ବାରଣ, ଶ୍ରୀମନ୍ଦିର ଆଇନରେ ସଂଶୋଧନ, ନାଟମଣ୍ଡପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଶ୍ରୀମନ୍ଦିର ସଭାକକ୍ଷରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସମ୍ପର୍କିତ ଏସ୍‌ଓପି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ଦୁଇଟି ଟିମ୍ ଗଠନ ହୋଇଥିଲା। ତେବେ ଗଣତିମଣତି ତାରିଖ ସ୍ଥିର ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିବ ବୋଲି ସୂଚନା ଦିଆଯାଇଥିଲା।

# ଗ୍ରାମ୍ୟ ଯୁବ ଏକତା ଶିବିର

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ପୁରୀ ଜିଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନିଆ ଗ୍ରାମ୍ୟ ଯୁବ ଏକତା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ପିଲାଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଯେକୌଣସି ରାଷ୍ଟ୍ରକୁ ସମୃଦ୍ଧ କରିଥାଏ। ନିଜକୁ ପ୍ରତିଷ୍ଠିତ ଓ ଦକ୍ଷତାପୂର୍ଣ୍ଣ କରିବାକୁ ଅନେକ କ୍ଷେତ୍ର ରହିଛି। ପିଲାମାନେ ଅଧ୍ୟବସାୟୀ ହେବା ଆବଶ୍ୟକ। ଲୌହ ମାନବଙ୍କ ଦେଶପ୍ରେମ ଓ ସାହସ ସମସ୍ତଙ୍କୁ ପ୍ରେରଣା ଦେଇଚାଲିଥିବ ବୋଲି ସେ କହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବିଭାଗୀୟ କାର୍ଯ୍ୟାବଳୀ, ରଥଯାତ୍ରା ସମୟରେ ବିଭାଗର ଦାୟିତ୍ୱ ଓ ସୂଚନା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ବିବିଧ ସେବା କାର୍ଯ୍ୟରେ ପିଲାଙ୍କ ସହଭାଗିତା ଓ ଶିକ୍ଷା ଲାଭ, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଶିଶୁଙ୍କ ଅଧିକାର ଓ ସୁରକ୍ଷା, ଅଗ୍ନିଶମ ସେବା ଅଧିକାରୀ ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ନିରାପତ୍ତା ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ହୋଟେଲକୁ ବୋମାମାଡ଼ ଘଟଣାରେ ୪ ଗିରଫ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ ହାଉସ ନିକଟ ହୋଟଲ ସ୍ୱପ୍ନା ଇନ୍‌କୁ ବୋମାମାଡ଼ ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବ୍ୟବସାୟକୁ କେନ୍ଦ୍ରକରି ପୂର୍ବରୁ ଶତ୍ରୁତା ରହିଥିଲା। ତେଣୁ ହୋଟେଲ ମାଲିକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ବୋମାମାଡ଼ କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ସେହିପରି ଅଭିଯୁକ୍ତମାନେ ଡେଲାଙ୍ଗ ଅଞ୍ଚଳରୁ ବୋମା ଆଣିଥିବା ତଦନ୍ତ ସମୟରେ ଜଣାପଡ଼ିଛି। ତେଣୁ ବୋମା ଯୋଗାଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଟିଡିଏସ୍‌ପି କହିଛନ୍ତି, ଗତ ୧୦ ତାରିଖ ରାତିରେ ଦୁଇଜଣ ଯୁବକ ଏକ ବାଇକରେ ଆସି ହୋଟେଲ ସ୍ୱପ୍ନା ଇନ୍ ଏବଂ ମାଲିକଙ୍କ ଉପରକୁ ବୋମା ମାଡ଼ କରିଥିଲେ। ଏନେଇ ଶିବୁନା ପଲେଇ ବଳିଆପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବୋମାମାଡ଼ ଓ ସହଯୋଗ କରିଥିବା ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୋମାମାଡ଼ର ମୁଖ୍ୟ ଅଭିଯୁକ୍ତ ବିଶାଳ ପାତ୍ର, ଅନ୍ୟ ୩ ସହଯୋଗୀ ସମୀର ସାମନ୍ତରାୟ, ସଞ୍ଜୟ ସରକାର ଏବଂ ପ୍ରିୟବ୍ରତ ଜେନା। ଏମାନଙ୍କ ନାମରେ ପୂର୍ବରୁ କେତୋଟି ମାମଲା ରହିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ।

# ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସମେତ ପୁରୀ ସହରର ବିଭିନ୍ନ ମନ୍ଦିରରେ ଗୁରୁବାର ସୁଦଶା ବ୍ରତ ପାଇଁ ପ୍ରବଳ ଭିଡ଼ ହୋଇଥିଲା। ପ୍ରାତଃ କାଳରୁ ଲକ୍ଷ୍ମୀ ମନ୍ଦିର ସାମ୍ନାରେ ବ୍ରତଧାରୀଙ୍କ ଭିଡ଼ ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ହୋଇଥିବା ସୂଚନା ମିଳିଛି। ମହାଲକ୍ଷ୍ମୀ ମନ୍ଦିରଠାରୁ ଆନନ୍ଦ ବଜାର ପର୍ଯ୍ୟନ୍ତ ପ୍ରାୟ ୩ଟି ଲମ୍ବାଧାଡ଼ିରେ ମହିଳାମାନେ ପୂଜାର୍ଚ୍ଚନା ପାଇଁ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗୁରୁବାର ଫଗୁଦଶମୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହୋଇଛି। ଫଗୁ ଦଶମୀ, ଦୋଳଯାତ୍ରା ଆରମ୍ଭ ସହ ସୁଦଶା ବ୍ରତ ଏବଂ ମହାପ୍ରଭୁଙ୍କ ଚାଟେରୀ ବେଶ ଅନୁଷ୍ଠିତ ହୋଇଛି। ସୁଦଶା ବ୍ରତଧାରୀମାନେ ପ୍ରାତଃକାଳରୁ ଲକ୍ଷ୍ମୀ ମନ୍ଦିରରେ ପୂଜା ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଧାଡ଼ିବାନ୍ଧି ଅପେକ୍ଷା କରିଥିଲେ। ପ୍ରବଳ ଖରା ଯୋଗୁ କେତେଜଣ ଭକ୍ତ ଅଚେତ ହୋଇପଡ଼ିଥିଲେ ବୋଲି ଜଣାପଡ଼ିଛି।



ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଆଗମନ ଉତ୍ସବ ଉପଲକ୍ଷେ ଗୁରୁବାର ବୈଷ୍ଣବ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ରଙ୍ଗଶାଳା ପକ୍ଷରୁ ପରିବେଷିତ ନାଟକ 'ଉଲୁପି'ର ଏକ ଦୃଶ୍ୟ।

## ସେଲ୍ଫି କର୍ଭର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଚେତା



@ ଚିକୁନ୍



@ ମାନସ



@ ରଜତ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଡକାୟତି ଯୋଜନା ପଣ୍ଡ, ୮ ଗିରଫ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ଡକାୟତି ଉଦ୍ୟମ ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୬ଜଣଙ୍କୁ ଏବଂ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କୁମ୍ଭାରପଡ଼ା ଥାନା ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ ହେଲେ ସିଦ୍ଧମହାବୀରର ବୀରେନ ମହାପାତ୍ର, ମାଟିତୋଟାର ଭବାନୀ ଶଙ୍କର ଦାସ, ଗଙ୍ଗାରାମ ନୂଆସାହିର ଜଗନ୍ନାଥ ଦାସ, ହେରାଗୋହିରୀ ସାହିର ରଞ୍ଜନ କୁମାର ନାୟକ, ଉପରନୂଆସାହିର ଭୀମ ପରିଡ଼ା, ମାଟିତୋଟା ନୂଆସାହିର ଶାନ୍ତନୁ ଶେଖର ଦାସ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ, ଦୁଇଟି ଛୁରୀ, ଫାଙ୍କା ବିୟର ବୋତଲ ଏବଂ ଗ୍ଲାସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ୫/୬ ଜଣ ଯୁବକ ମାରଣାସ୍ତ୍ର ସହିତ ନବକଳେବର ରୋଡସ୍ଥିତ ଦେବକୀ ହସ୍ପିଟାଲ ପଛପାର୍ଶ୍ୱସ୍ଥ ଏକ ପରିତ୍ୟକ୍ତ ଜାଗାରେ ବସି ଡକାୟତି ଯୋଜନା କରୁଥିବା କୁମ୍ଭାରପଡ଼ା ଥାନା ପୋଲିସ ପାଖରେ ଖବର ପହଞ୍ଚିଥିଲା। ଏହି ସମୟରେ ରାତ୍ର ପାଟ୍ରୋଲିଂରେ ଥିବା ପୋଲିସ

### ବିଭିନ୍ନ ମାରଣାସ୍ତ୍ର ଜବତ

କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ପୋଲିସ ୬ଜଣଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ କେସ୍ (ନଂ. ୧୧୦/୨୬ ରୁଜୁ ହୋଇଛି। ସେହିପରି ଡକାୟତି ଯୋଜନା ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟିଆ ବଗିଚାର ବିବେକ ଭୋଇ (୨୪) ଓ ଜଗନ୍ନାଥ ବଲ୍ଲଭ ଅଞ୍ଚଳର ମୁକେଶ ମିଶ୍ର (୨୭)। ସେମାନଙ୍କଠାରୁ ଦୁଇଟି କଟୁରୀ, ମୋବାଇଲ ଫୋନ, ନଗଦ ୪୦୦ ଟଙ୍କା, ଚିଲି ପାଉଡର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୩୩/୨୬) ରୁଜୁ ହୋଇଛି। ୬ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଶ୍ରୀସେତୁ ନିକଟ ବଡ଼ ଆଖଡ଼ା ବଗିଚା ନିକଟରେ ଏକାଠି ହୋଇଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଅନ୍ୟ ଅଭିଯୁକ୍ତମାନେ ଖସି ଫେରାର ହୋଇଯାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏପ୍ରିଲରୁ ଇ୨୦ ପେଟ୍ରୋଲ ବିକ୍ରି ଅନିବାର୍ଯ୍ୟ

**ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)**

ଏପ୍ରିଲ ପହିଲାରୁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେବଳ ଇ୨୦ ପେଟ୍ରୋଲ (୨୦% ଇଥାନଲ ମିଶ୍ରିତ) ବିକ୍ରିହେବ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅଧିସୂଚନା ଅନୁଯାୟୀ ତେଲ ବିପଣନ କମ୍ପାନୀଗୁଡ଼ିକ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ (ବ୍ରାଇଏସ୍) ମାନକ ଅନୁସାରେ ସର୍ବାଧିକ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରିବେ ଏବଂ ଏହାର ନ୍ୟୁନତମ ରିସର୍ଚ୍ଚ ଅକ୍ଟେନ ନମ୍ବର (ଆରଓଏନ୍) ୯୫ ରହିବ। ଏହି ନିୟମ କେବଳ ଇଥାନଲ ମିଶ୍ରଣ ନୁହେଁ, ବରଂ ପ୍ରଥମ ଥର ପାଇଁ ପେଟ୍ରୋଲର ଗୁଣବତ୍ତା ପାଇଁ ଏହି କଡ଼ା ମାନକ ନିର୍ଦ୍ଧାରଣ କରାଯାଇଛି। ଆରଓଏନ୍ ୯୫ ଇନ୍ଧନର ନକିଂ ପ୍ରତିରୋଧ କ୍ଷମତାକୁ ମାପେ, ଯାହା ଇଞ୍ଜିନ ଭିତରେ ଅସମାନ ଦହନ କମ୍‌କରି ଇଞ୍ଜିନ କ୍ଷମତା ହ୍ରାସ ଓ ଦୀର୍ଘକାଳୀନ କ୍ଷମତାକୁ ପ୍ରତିରୋଧ କରିଥାଏ। ଏହି ଉଚ୍ଚ ଅକ୍ଟେନ ମାନକ ଆଧୁନିକ ଓ ଉଚ୍ଚ-ପରଫର୍ମାନ୍ସ ଇଞ୍ଜିନ ପାଇଁ ଅଧିକ ସୁରକ୍ଷିତ ଓ ଉତ୍ତମ ପ୍ରଦର୍ଶନ ପ୍ରଦାନ କରିବ। ଇଥାନଲ ଏକ ନବୀକରଣୀୟ ଇନ୍ଧନ ଯାହା ଆଖୁ, ମକା ଆଦିରୁ ଉତ୍ପାଦନ ହୁଏ ଏବଂ ଦେଶୀୟ ଉତ୍ପାଦନ ହେତୁ କଞ୍ଚାତେଲ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହା ଶୁଦ୍ଧ ପେଟ୍ରୋଲ ଅପେକ୍ଷା ଅଧିକ ସ୍ୱଚ୍ଛ ଜଳେ, ଯାନବାହନରୁ କାର୍ବନ ନିର୍ଗମନ କମାଇବ ଏବଂ ଆଖୁ ଓ ମକା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବ। ୨୦୨୩-୨୫ ପରେ ନିର୍ମିତ ଅଧିକାଂଶ ଆଧୁନିକ ଯାନ ଇ୨୦ ପାଇଁ ପ୍ରସ୍ତୁତ ହୋଇଥିବାରୁ ସେମାନଙ୍କରେ କୌଣସି ସମସ୍ୟା ହେବ ନାହିଁ। ତେବେ ୨୦୨୩ରୁ ପୂର୍ବରେ କିଛି ପୁରୁଣା ଯାନର ରବର ଓ ପ୍ଲାଷ୍ଟିକ ଭାଗରେ ସାମାନ୍ୟ ପ୍ରଭାବ ପଡ଼ିପାରେ, ତଥାପି ୨୦% ମିଶ୍ରଣ ଅଧିକାଂଶ ଇଞ୍ଜିନ ପାଇଁ ସୁରକ୍ଷିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଭାରତ ତେଲର ୮୫%ରୁ ଅଧିକ ଆମଦାନୀ କରୁଥିବାରୁ ଇ୨୦ ମିଶନ ସଫଳ ହେଲେ ବିଦେଶୀ ମୁଦ୍ରା ବହୁଳ ସଞ୍ଚୟ ହେବ ଏବଂ ଇଥାନଲ ଡିଷ୍ଟିଲେରି ଓ ଏଗ୍ରୋ-ପ୍ରକ୍ରିୟାକରଣ ୟୁନିଟ୍ରେ ଲକ୍ଷାଧିକ ନିଯୁକ୍ତି ସୃଷ୍ଟି ହେବ। ବିଶେଷ ପରିସ୍ଥିତିରେ ସରକାର କିଛି ଅଞ୍ଚଳ ଓ ସମୟ ପାଇଁ ନିୟମ କୋହଳ କରିପାରନ୍ତି।


## ମନେ ପଡ଼ନ୍ତି

॥ ଓଁ ଗଙ୍ଗା ॥



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✣ ରଜତ ଚନ୍ଦ୍ର ଗଜେନ୍ଦ୍ର ଦେଓ
ପାଲୁରଗଡ଼, ଗଞ୍ଜାମ
ଆବିର୍ଭାବ : ୨୬/୦୯/୧୯୬୭
ତିରୋଧାନ : ୧୬/୦୨/୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୩୪୯୨


# ପାରାଦୀପରେ ହେବ ୭୯୭ କୋଟିର ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ପ୍ରକଳ୍ପ

- କେନ୍ଦ୍ରର ଅନୁମୋଦନ
- ୨୪ ମାସରେ ସରିବ କାର୍ଯ୍ୟ

**ଭୁବନେଶ୍ୱର/ପାରାଦୀପ, ୨୬।୨ (ଅନୁରାଧା ମହାରଣା/ଶରତ ରାଉତ)**



ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁଷଙ୍ଗିକ ସୁବିଧା ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ପ୍ରକଳ୍ପର ଆନୁମାନିକ ମୂଲ୍ୟ ୭୯୭.୧୭ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପକୁ ପାରାଦୀପ ବନ୍ଦର ପ୍ରାଧିକରଣ ବିଲ୍ଡ-ଅପରେଟ-ଟ୍ରାନ୍ସଫର୍ (ବିଓଟି) ଆଧାରରେ କାର୍ଯ୍ୟକାରୀ କରିବ। ଏହି ସୁବିଧାର ବାର୍ଷିକ ହ୍ୟାଣ୍ଡଲିଂ ସାମର୍ଥ୍ୟ ୪.୦ ମିଲିୟନ ଟନ (୪ ଏମ୍‌ଟିପିଏ) ହେବ। ଏହା ପାରାଦୀପ ବନ୍ଦରକୁ ଗ୍ରୀନ୍ ଏନର୍ଜି କାର୍ଗୋର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପନ କରିବ। ପ୍ରକଳ୍ପରେ ନିବେଦିତ ଜେଟି, ଷ୍ଟୋରେଜ ସିଷ୍ଟମ, ପାଇପଲାଇନ, ହ୍ୟାଣ୍ଡଲିଂ ଇକ୍ୱିପମେଣ୍ଟ ଓ ଅନ୍ୟାନ୍ୟ ସମ୍ପୂର୍ଣ୍ଣ ସୁବିଧା ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଆମ ବନ୍ଦରଗୁଡ଼ିକ ଗ୍ରୀନ୍ ଗ୍ରୋଥ୍, ନବପ୍ରବର୍ତ୍ତନ ଓ ଦୃଢ଼ତର ଲଜିଷ୍ଟିକ୍ସର ଦ୍ୱାର ଭାବେ ପରିଣତ ହେଉଛି। ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର ପ୍ରାଧିକରଣ ୨୦% ଅର୍ଥାତ୍ ୧୫୯.୪୩ କୋଟି ଟଙ୍କା ପୁଞ୍ଜି ସହାୟତା ପ୍ରଦାନ କରିବ। ଏହି ପ୍ରକଳ୍ପ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ମନ୍ତ୍ରୀ ସୋନୱାଲ ଆହୁରି କହିଛନ୍ତି , ଏହି ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବ ଏବଂ ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହ ସଂଯୋଜନ କରିବ। ଏହି ପ୍ରକଳ୍ପ କେବଳ କାର୍ଗୋ ସାମର୍ଥ୍ୟ ବୃଦ୍ଧି କରିବ ନାହିଁ, ବରଂ ନିବେଶ ଆକର୍ଷଣ, ନିଯୁକ୍ତି ସୃଷ୍ଟି ଓ ପୂର୍ବ ଭାରତରେ ଏକ ଦୃଢ଼ ଗ୍ରୀନ୍ ଏନର୍ଜି ଇକୋସିଷ୍ଟମ ଗଠନରେ ସହାୟକ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରର ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସୁବିଧାରେ ଅନ୍ୟାନ୍ୟ ତରଳ କାର୍ଗୋ ହ୍ୟାଣ୍ଡଲିଂର ବ୍ୟବସ୍ଥା ରହିବ, ଯାହା ବନ୍ଦରର କାର୍ଗୋ ବିବିଧତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

# ବଢ଼ିଲା ସୁନା ଦର

**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ଦିନକୁ ଦିନ ସୁନାରୁପା ଦର ବୃଦ୍ଧି ପାଉଥିବାବେଳେ ସୁନା ୧ଲକ୍ଷ ୬୦ହଜାର ଟଙ୍କା ଅତିକ୍ରମ କରିସାରିଲାଣି। ଗୁରୁବାର ୨୪କ୍ୟାରେଟ ସୁନାର ଦାମ ୧୦ ଗ୍ରାମ ପିଛା ୧୧୦ ଟଙ୍କା ବୃଦ୍ଧି ପାଇ ୧ଲକ୍ଷ ୬୨ହଜାର ୪୦ଟଙ୍କାରେ ପହଞ୍ଚିଛି। ବୁଧବାର ୨୪କ୍ୟାରେଟ ସୁନାର ଦାମ ୧ଲକ୍ଷ ୬୧ହଜାର ୯୩୦ଟଙ୍କା ରହିଥିଲା। ସେହିପରି ୨୨କ୍ୟାରେଟ ସୁନାର ୧୦ଗ୍ରାମ ପ୍ରତି ୧୦୦ ଟଙ୍କା ବୃଦ୍ଧି ପାଇଛି । ଗୁରୁବାର ୨୨କ୍ୟାରେଟ ସୁନାର ଦର ୧ଲକ୍ଷ ୪୮ହଜାର ୫୫୦ ଟଙ୍କାରେ ପହଞ୍ଚିଛି। ବୁଧବାର ଏହା ୧ଲକ୍ଷ ୪୮ହଜାର ୪୫୦ଟଙ୍କା ରହିଥିଲା। ଅନ୍ୟପଟେ ରୁପା ଦର ଅପରିବର୍ତ୍ତିତ ରହିଛି । ରୁପା କିଲୋଗ୍ରାମ ପ୍ରତି ୨ଲକ୍ଷ ୮୫ହଜାର ଟଙ୍କା ରହିଛି । ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବିବାହଋତୁ ଚାଲିଥିବାବେଳେ ବର୍ଦ୍ଧିତ ସୁନା ଦର ଗ୍ରାହକଙ୍କ ଉପରେ ପ୍ରଭାବ ପକାଉଛି।

# ୯୦ ଉପଭୋକ୍ତାଙ୍କୁ ପୁରସ୍କୃତକଲା ଟିପିସିଓଡିଏଲ୍



**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭୁବନେଶ୍ୱର ସର୍କଲ-୧ ର ୯୦ ଜଣ ଉପଭୋକ୍ତାଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ବିସିଡିଡି ୧ , ବିସିଡିଡି ୨ ଏବଂ ବିଇଡି ଡିଭିଜନରୁ ଚୟନ ହୋଇଥିବା ଏହି ବିଜେତାମାନଙ୍କୁ ଏକ ଲକି ଡ୍ର' ମାଧ୍ୟମରେ ବଛାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ମୋବାଇଲ ଫୋନ୍ ସମେତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ଉପଭୋକ୍ତାମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ଠିକ୍ ସମୟରେ ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ମାଧ୍ୟମରେ ଆମେ ଉପଭୋକ୍ତାମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ସହିତ ସେମାନଙ୍କୁ ଠିକ୍ ସମୟରେ ଡିଜିଟାଲ ପେମେଣ୍ଟ କରିବା ପାଇଁ ଉତ୍ସାହିତ କରୁଛୁ।

# ୮୭୧ କୋଟିର ପ୍ରକଳ୍ପକୁ ଭାରତୀୟ ରେଳପଥର ମଞ୍ଜୁରୀ

**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ଉତ୍ତର, ଦକ୍ଷିଣ ଓ ପୂର୍ବ ରେଳ ଜୋନ୍‌ରେ ୮୭୧ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରଣନୈତିକ ପ୍ରକଳ୍ପକୁ ଭାରତୀୟ ରେଳପଥ ମଞ୍ଜୁର କରିଛି। ଏହି ପ୍ରକଳ୍ପଗୁଡ଼ିକ କୋଚିଂ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଆଧୁନିକୀକରଣ, ଭିଡ଼ ହ୍ରାସ, ପରିଚାଳନାଗତ ବାଧକ ଦୂରୀକରଣ ଏବଂ ଯାତ୍ରୀ ତଥା ମାଲବାହୀ ପରିବହନ ସାମର୍ଥ୍ୟକୁ ବହୁଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ରାଜସ୍ଥାନରେ ଆଧୁନିକ ରୋଲିଂ ଷ୍ଟକ୍ ଯଥା ଏଲ୍‌ଏଚ୍‌ବି ଓ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ପାଇଁ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧିକରିବା ନିମନ୍ତେ ଦୁଇଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଶ୍ରୀଗଙ୍ଗାନଗର ଷ୍ଟେଶନରେ ଫେଜ୍-୧ ଅଧୀନରେ କୋଚ ରକ୍ଷଣାବେକ୍ଷଣ ସୁବିଧା ବିକାଶ ପାଇଁ ୧୭୪.୨୬ କୋଟିର ପ୍ରକଳ୍ପ ଅନୁମୋଦିତ ହୋଇଛି। ସେହିପରି ଲାଲଗଡ଼ରେ ଫେଜ୍-୨ ଅଧୀନରେ କୋଚିଂ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧି ପାଇଁ ୧୩୯.୬୮ କୋଟିର ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ବନ୍ଦେ ଭାରତ ଓ ଏଲ୍‌ଏଚ୍‌ବି ସେବାର ବୃଦ୍ଧିକୁ ସମର୍ଥନ କରିବ। କେରଳରେ ଯାତ୍ରୀ ଓ ମାଲବାହୀ ପରିବହନ ବୃଦ୍ଧିକରିବା ପାଇଁ ଦକ୍ଷିଣ ରେଳର ଏର୍ନାକୁଲମ ଆଲାପୁଝା କାୟଙ୍କୁଲମ କରିଡରରେ ୨୧.୧୦ କିଲୋମିଟର ତୁରାଭୁରମାରାରିକୁଲମ ଖଣ୍ଡର ଡବଲିଂ ପ୍ରକଳ୍ପକୁ ୪୫୦.୫୯ କୋଟିର ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଶେଷ ହେଲେ ପ୍ରତିଦିନ ପ୍ରତ୍ୟେକ ଦିଗରେ ୯ଟି ଅତିରିକ୍ତ ଯାତ୍ରୀ ଟ୍ରେନ୍ ଚଳାଚଳ ସମ୍ଭବ ହେବ ଏବଂ ବାର୍ଷିକ ପ୍ରାୟ ୨.୮୮ ମିଲିୟନ ଟନ ଅଧିକ ମାଲବାହୀ ପରିବହନ ହେବ। ପଶ୍ଚିମବଙ୍ଗରେ ଆସାନସୋଲ ଅଞ୍ଚଳରେ ପରିଚାଳନାଗତ ଅସୁବିଧା ଦୂରକରିବା ପାଇଁ ପୂର୍ବ ରେଳରେ ୪.୭୫ କିଲୋମିଟର କାଳିପାହାଡ଼ି ବାଇପାସ୍ ଲାଇନ ନିର୍ମାଣ ପାଇଁ ୧୦୭.୧୦ କୋଟି ମଞ୍ଜୁର ହୋଇଛି। ଏହାଦ୍ୱାରା ଦକ୍ଷିଣ ପୂର୍ବ ଓ ପୂର୍ବ ରେଳ ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଆସାନସୋଲ ୟାର୍ଡରେ ଇଞ୍ଜିନ ରିଭର୍ସାଲ କରିବାର ଆବଶ୍ୟକତା ଦୂର ହେବ। ଫଳରେ ପ୍ରତିଦିନ ପ୍ରାୟ ୯ଟି ମାଲବାହୀ ଟ୍ରେନ୍ ପାଇଁ ୯୦ ମିନିଟ୍ ଓ ୮ଟି ଯାତ୍ରୀବାହୀ ଟ୍ରେନ୍ ପାଇଁ ୩୦ ମିନିଟ୍ ସମୟ ବଞ୍ଚିବ ।


# Classified Everyday
0674-2580101, 9692975378





**REAL ESTATE SALE**

**Land near Balasore Town for sale. Residential plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore-Baripada National Highway suitable for Farmhouse, Apartment, Institute. Please contact immediately-7656861995.** D-75864

**GENERAL SALE**

Welding works contact for any type of roof sheds, Gril gates, Shutters, 7809525452, 9937507638. D-245

**AFFIDAVIT**

I, Shreeja Kumari, D/o-Anjani Kumar Tiwari, Resident of Gayatri Colony, Malipada, Jharsuguda, P.O.- Jharsuguda, DIST.- Jharsuguda, Odisha-768201, declare by this affidavit No.- 16AA 271230, date- 23.02.2026. That now onwards I shall be known as SHREEJA TIWARI for all future purposes. D-3490

By virtue of an affidavit sworn before Narendra Kumar Sahoo, Notary, Bhubaneswar, dated 23rd August, 2025 vide Sl No.- 430, dated 23rd August, 2025, I, Tanmaya Prasad Dalai, S/o- Ranjan Kishore Dalai, resident of At/P.O.- Anlo, P.S.- Niali, Via- Bairoi, Dist.- Cuttack, Odisha- 754010 declare that I have changed my daughter's name from SRISHTI SAANVI DALAI to TANISHKA DALAI. Henceforth, she shall be known as TANISHKA DALAI for all purposes.
Tanmaya Prasad Dalai
D-3491

By virtue of an affidavit sworn before Executive Magistrate, Bonai, Sundargarh, Dated 24.02.2026, I, SUMAN MONIKA HORO, Address: At- Tamparkela, P.O.- Kansar, P.S.- Gurundia, Dist.- Sundargarh, Odisha- 770043. Declare that I have changed my name from Kajal Horo to Suman Monika Horo. Henceforth, I shall be known as Suman Monika Horo for all purposes.
(Suman Monika Horo)
D-3487

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Uditnagar, Rourkela Dated 21.02.2026, I, MANGAL SINGH MUNDARI, Address: Dhanghar Birtola, P.O.- Darjing, P.S.- Chandiposh, Dist.-Sundargarh, Odisha- 770040. Declare that I have changed my Daughter's name from NINDUMATI MUNDARI to INDUMATI MUNDARI. Hence forth, she shall be known as INDUMATI MUNDARI for all purposes.
(MANGAL SINGH MUNDARI)
D-3488

I, Sarat Kumar Maharana, S/o- Late Patitapaban Maharana, resident of Village- Srichandanpur, of BANKI NAC, P.O./P.S.- Banki, Dist.- Cuttack, PIN- 754008, Odisha declare by this affidavit No.- 446, dt.- 20.02.2026 that now onwards I shall be known as SARAT KUMAR MAHARANA for all future purposes. D-3489

By virtue of an affidavit No.1518/ Dt. 19.02.2026 sworn before Executive Magistrate, Bhadrak, I, Sulochana Bal, W/o- Sadananda Bal, Vill: Uttakuda, P.O.-Ugratara, P.S.- Chandabali, Dist.- Bhadrak, declare that I have changed my name in my LIC Policy bearing No.- 588433222 from Kanchana Bal to Sulochana Bal for all futurepurposes. D-3486

**LEGAL NOTICE**

PR-35, Dtd- 24.02.26

ମାନନୀୟ ଶ୍ରୀଯୁକ୍ତ ଆୟୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତଙ୍କ ଅଦାଲତ
ଶ୍ରୀଆଶୁତୋଷ ସାମଲ (ଓଡ଼ିଶା ପ୍ରଶାସନିକ ସେବା), (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ରିଭିଜନ୍ କେସ୍ ନଂ. ୬୯/୨୦୨୪
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅଭିମନ୍ୟୁ ସାହୁ ଓଗେର ..... ବାଦୀ
ବନାମ
ଉମାମଣୀ ପଣ୍ଡା ଓଗେର ..... ପ୍ରତିବାଦୀ
ପ୍ରାପ୍ତେଷୁମାନଙ୍କ ନାମ ଓ ଠିକଣା :
ପ୍ରତିବାଦୀ ନଂ.୩- ହେମନ୍ତ କୁମାର ପଣ୍ଡା, ବୟସ ୬୨ ବର୍ଷ, ପ୍ରତିବାଦୀ ନଂ.- ୪ - ସଂଯୁକ୍ତା ପଣ୍ଡା, ବୟସ ୫୭ବର୍ଷ, ପ୍ରତିବାଦୀ ନଂ.- ୫- କୃଷ୍ଣ ଚନ୍ଦ୍ର ପଣ୍ଡା, ବୟସ ୫୦ବର୍ଷ, ପ୍ରତିବାଦୀ ନଂ.- ୭ - କାର୍ତ୍ତିକ କୁମାର ପଣ୍ଡା, ବୟସ ୪୨ବର୍ଷ ଏମାନଙ୍କ ପିତା : ଜୟକୃଷ୍ଣ ପଣ୍ଡା,
ପ୍ରତିବାଦୀ ନମ୍ବର ୮- କ୍ଷେତ୍ରମଣି ଓରଫ ଗାୟତ୍ରୀ ଆଚାର୍ଯ୍ୟ, ବୟସ ୬୭ବର୍ଷ, ସ୍ୱା- ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରତିବାଦୀ ନମ୍ବର ୯- ପୁଷ୍ପମଞ୍ଜରୀ ମହାପାତ୍ର ଓରଫ ପଣ୍ଡା, ବୟସ ୫୫ବର୍ଷ, ସ୍ୱା: ଯଶୋବନ୍ତ ମହାପାତ୍ର
ଉଭୟଙ୍କ ପିତା ଜୟକୃଷ୍ଣ ପଣ୍ଡା।
ପ୍ରତିବାଦୀ ନମ୍ବର ୧୪- ପ୍ରତିମା ପାଢ଼ି, ବୟସ ୬୨ବର୍ଷ, ସ୍ୱା- ଗୋବର୍ଦ୍ଧନ ପାଢ଼ି, ପି- ବାସୁଦେବ ପଣ୍ଡା ଏ ସମସ୍ତଙ୍କ ଗ୍ରାମ/ପ୍ରତାପ ଶାସନ (ସିରିଆ ଦେଇ ସାହି), ପୋ: ବାଳକାଟି, ଥା: ବାଲିଅନ୍ତା, ଜି: ଖୋର୍ଦ୍ଧା।
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ଅଦାଲତରେ ମୋକଦ୍ଦମା ଦାଖଲ କରିଛନ୍ତି। ଉପରୋକ୍ତ ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲେ ସୁଦ୍ଧା ନୋଟିସଗୁଡ଼ିକ ଫେରି ଆସିଛି। ଉପରୋକ୍ତ ପ୍ରତିବାଦୀମାନଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୩୦।୦୩।୨୬ରିଖ ପୂର୍ବାହ୍ନ ୧୧:୩୦ ସମୟରେ କରାଯିବା ପାଇଁ ଉପରୋକ୍ତ ଅଦାଲତ ଦ୍ୱାରା ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ନିଜେ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ଉକ୍ତ ତାରିଖ ଓ ସମୟରେ ଉପରୋକ୍ତ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ନଚେତ୍, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।
ଜମିର ବିବରଣୀ
ମୌଜା- କଣ୍ଟିଲୋ, ଥାନା- ଭୁବନେଶ୍ୱର (ବର୍ତ୍ତମାନ- ଜଟଣୀ), ତହସିଲ- ଭୁବନେଶ୍ୱର (ବର୍ତ୍ତମାନ ଜଟଣୀ), ଜିଲ୍ଲା- ପୁରୀ, (ବର୍ତ୍ତମାନ ଖୋର୍ଦ୍ଧା)
ହାଲ୍ ଖାତା ନଂ.-୧୪
ଚକ ନମ୍ବର ୧୯, ଚକ ପ୍ଲଟ୍ ନମ୍ବର ୨୧, ଏ.୧.୨୫୪ଡିସିମିଲ୍, ଚକ ନମ୍ବର ୩୩୭, ଚକ ପ୍ଲଟ୍ ନମ୍ବର ୫୦୯, ଏ.୧.୭୮୨ଡିସିମିଲ୍, ଚକ ନମ୍ବର ୧୧୮, ଚକ ପ୍ଲଟ୍ ନମ୍ବର ୧୨୯, ଏ.୦.୪୬୧ଡିସିମିଲ୍, ସାବକ ଖାତା ନମ୍ବର ୧୯୦, ସାବକ ପ୍ଲଟ୍ ନମ୍ବର ୫୮୬- ଏ୦.୧୨୦ଡି.
ତା: ୨୪।୦୨।୨୦୨୬
ଭୁବନେଶ୍ୱର
ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଅନୁମୋଦନକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୪୮୦


# ରେଲ୍‌ଟେକ୍ ପୋର୍ଟାଲ ଓ ଇ-ଆର୍‌ସିଟିର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ଭାରତୀୟ ରେଳପଥର ୫୨ ସପ୍ତାହରେ ୫୨ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ତୃତୀୟ ଓ ଚତୁର୍ଥ ସଂସ୍କାର ଭାବେ ରେଲ୍‌ଟେକ୍ ନୀତି ଏବଂ ରେଳପଥ ଦାବି ଟ୍ରିବ୍ୟୁନାଲ (ଆର୍‌ସିଟି)ର ସମ୍ପୂର୍ଣ୍ଣ ଡିଜିଟାଇଜେଶନ ଘୋଷଣା କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଲ୍‌ଟେକ୍ ନୀତି ଅଧୀନରେ ଏକ ରେଲ୍‌ଟେକ୍ ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ ଷ୍ଟାର୍ଟଅପ୍, ଉଦ୍ଭାବକ, ଶିଳ୍ପ ଓ ଅନୁଷ୍ଠାନଗୁଡ଼ିକୁ ରେଳପଥରେ ନବପ୍ରବର୍ତ୍ତନ ପାଇଁ ସଂଯୋଜିତ କରିବ। ଏହି ପୋର୍ଟାଲ ମାଧ୍ୟମରେ ଯେକୌଣସି ବ୍ୟକ୍ତି ଡିଜିଟାଲ ଭାବେ ପ୍ରସ୍ତାବ ଦାଖଲ କରିପାରିବେ। ନୀତି ଅନୁଯାୟୀ ସ୍କେଲ୍-ଅପ୍ ଗ୍ରାଣ୍ଟ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି ଏବଂ ପ୍ରୋଟୋଟାଇପ ବିକାଶ ପାଇଁ ଗ୍ରାଣ୍ଟ ୨ଗୁଣ ହୋଇଛି। ଏଆଇ-ଆଧାରିତ ହାତୀ ନିର୍ଦ୍ଦେଶ, ଅଗ୍ନି ନିର୍ଦ୍ଦେଶ, ଡ୍ରୋନ୍-ଆଧାରିତ ରେଳ ଭଙ୍ଗ ନିରୀକ୍ଷଣ ଆଦି ଅନେକ କ୍ଷେତ୍ରରେ ନବପ୍ରବର୍ତ୍ତନକୁ ପ୍ରୋତ୍ସାହନ ମିଳିବ। ଚତୁର୍ଥ ସଂସ୍କାରରେ ଆର୍‌ସିଟି ଇ-ଆର୍‌ସିଟି ବ୍ୟବସ୍ଥା ପ୍ରଚଳନ ହେବ, ଯାହା ଦେଶର ୨୩ଟି ବେଞ୍ଚକୁ ଏକ ଡିଜିଟାଲ ପ୍ଲାଟ୍‌ଫର୍ମରେ ଯୋଡ଼ିବ। ଯାତ୍ରୀମାନେ ଯେକୌଣସି ସ୍ଥାନରୁ ୨୪ ଘଣ୍ଟିଆ ଇ-ଫାଇଲିଂ କରିପାରିବେ, ଅନ୍‌ଲାଇନ ହିୟରିଂ, ରିୟଲ-ଟାଇମ ଟ୍ରାକିଂ ଓ ପେପରଲେସ୍ କୋର୍ଟ ସୁବିଧା ମିଳିବ। ଆଗାମୀ ୧୨ ମାସ ମଧ୍ୟରେ ସମସ୍ତ ବେଞ୍ଚ ସମ୍ପୂର୍ଣ୍ଣ ଡିଜିଟାଇଜ ହେବ। ଏହି ସଂସ୍କାରଗୁଡ଼ିକ ରେଳପଥକୁ ଅଧିକ ଆଧୁନିକ, ନବପ୍ରବର୍ତ୍ତନମୂଳକ ଓ ନାଗରିକକେନ୍ଦ୍ରିକ କରିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ସଂସ୍କାର ଭାବେ କୋଚ ସଫେଇ ଓ ଗତିଶକ୍ତି କାର୍ଗୋ ବିସ୍ତାର କରାଯାଇଥିବାବେଳେ ବର୍ତ୍ତମାନ ଏହି ସଂସ୍କାର କରାଯାଇଛି।

# ଓଡ଼ିଶାର ୧,୦୦୦ କେନ୍ଦ୍ରରେ ଇଣ୍ଟର୍ନଶିପ ସୁଯୋଗ



**ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)**

ରାଉରକେଲାସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିଅମରେ ଅନୁଷ୍ଠିତ ବିପିୟୁଟି ଟେକ୍ କାର୍ନିଭାଲର ପୁରସ୍କାର ବିତରଣ ଅବସରରେ ବିପୁଟର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ଓ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁସାରେ, ବିପିୟୁଟି ତାହାର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରମାନେ ଏବେ ଓଡ଼ିଶାରେ ୧,୦୦୦ରୁ ଅଧିକ ଓକେସିଏଲ୍ ଅଧିକୃତ କେନ୍ଦ୍ରରେ ଇଣ୍ଟର୍ନଶିପ କରିପାରିବେ। ଏହି ଅବସରରେ କୁଳପତି ପ୍ରଫେସର ରଥ କହିଥିଲେ, ଏହି ବୁଝାମଣା ଛାତ୍ରୀଛାତ୍ରଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ସହିତ ଆଗାମୀ କ୍ୟାରିୟର ସୁଯୋଗ ପାଇଁ ସଜାଗ ଓ ପ୍ରସ୍ତୁତ କରିବ। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ପୁଥାଳ କହିଥିଲେ, ଏହି ଚୁକ୍ତି ଅନୁସାରେ ଛାତ୍ରୀଛାତ୍ରମାନେ କୃତ୍ରିମ ମେଧା ସାଇବର ସୁରକ୍ଷା, ଡାଟା ସାଇନ୍ସ, ସଫ୍ଟୱେର ଇଞ୍ଜିନିୟରିଂ , ଡିଜିଟାଲ ମାର୍କେଟିଂ, ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା , ରିଟେଲ ପ୍ରବନ୍ଧନ ଓ ଅନ୍ୟାନ୍ୟ ଡିଜିଟାଲ କ୍ଷେତ୍ରରେ ଇଣ୍ଟର୍ନଶିପ ଓ ସାର୍ଟିଫିକେଶନ ପ୍ରୋଗ୍ରାମ କରିପାରିବେ। ଏହି ସହଯୋଗ ପ୍ରତିବର୍ଷ ୧ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଲାଭାନ୍ୱିତ କରିବ ବୋଲି ଆଶା କରାଯାଉଛି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଭାରତ



ନିର୍ମଳ କୁମାର ମିଶ୍ର

**ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ଶ ସଂସ୍କରଣ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଅନୁଷ୍ଠିତ ହେବ। ୨୦୩୦ରେ ଏହାର ପରବର୍ତ୍ତୀ ସଂସ୍କରଣ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଛି। ୨୦୧୦ପରେ ଦ୍ୱିତୀୟଥର ପାଇଁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ସୁଯୋଗ ପାଇବ...**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଶ୍ୱର ଅନ୍ୟତମ ବହୁ ଇଭେଣ୍ଟବିଶିଷ୍ଟ ପ୍ରତିଯୋଗିତାର ମାନ୍ୟତା ବହନ କରୁଛି। ଅଲିମ୍ପିକ୍ସ ପରେ ଏହି ପ୍ରତିଯୋଗିତାର ଏକ ସ୍ୱତନ୍ତ୍ରତା ରହିଛି। ବିଶ୍ୱର ଅନ୍ୟତମ ମେଗା ସ୍ପୋର୍ଟ୍ସ ଇଭେଣ୍ଟଭାବେ ପରିଚିତ ହେଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବିଶ୍ୱର ବହୁ ନାମୀଦାମୀ କ୍ରୀଡ଼ାବିତ୍ ଭାଗ ନେଇଥାନ୍ତି। ଏହି ପ୍ରତିଯୋଗିତାକୁ ଆୟୋଜନ କରିବା ମଧ୍ୟ ବେଶ୍ ସମ୍ମାନର ପ୍ରଶ୍ନ। ଏକାଧିକ ସ୍ପୋର୍ଟ୍ସ ଇଭେଣ୍ଟଗୁଡ଼ିକୁ ନେଇ ୧୯୩୦ରେ ଏହାର ପ୍ରଥମ ସଂସ୍କରଣ କାନାଡାରେ ଅନୁଷ୍ଠିତ ହୋଇଥିଲା। ପ୍ରତି ୪ ବର୍ଷରେ ଥରେ ହେଉଥିବା ଏହି ସମ୍ମାନଜନକ କ୍ରୀଡା ପ୍ରତିଯୋଗିତାରେ ୫୬ ସଦସ୍ୟ ଦେଶର ପାଖାପାଖି ୭୪ଟି କମନୱେଲ୍‌ଥ ଗେମ୍ସ ଆସୋସିଏଶନ୍ ଅଂଶଗ୍ରହଣ କରିଥାଏ। ୨୦୨୨ରେ ଏହାର ୨୨ତମ ସଂସ୍କରଣ ଇଂଲଣ୍ଡର ବର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏହାର ୨୩ତମ ସଂସ୍କରଣ ଚଳିତ ବର୍ଷ ୨୦୨୬ରେ ସ୍କଟ୍‌ଲାଣ୍ଡ, ଇଂଲଣ୍ଡରେ ଅନୁଷ୍ଠିତ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସଂସ୍କରଣ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବା କଥା, ମାତ୍ର ଏହାକୁ ଆୟୋଜନ କରିବା ପାଇଁ ଅଷ୍ଟ୍ରେଲିଆ ସରକାର ଆର୍ଥିକ ସମସ୍ୟା କାରଣ ଦର୍ଶାଇ ଶେଷ ମୁହୂର୍ତ୍ତରେ ଓହରି ଯିବାପରେ ଗ୍ଲାସଗୋକୁ ଅଧିକାର ପ୍ରଦାନ କରାଯାଇଥିଲା। ଭାରତ ଏହାକୁ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଫଳରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତରେ ହେବାଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଏବଂ କେନ୍ଦ୍ର ସରକାର ଏବେଠାରୁ ବଜେଟର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଗୁଜରାଟର ଅହମଦାବାଦ ସହରରେ ଏହି ପ୍ରତିଯୋଗିତା ହେବ। ଦ୍ୱିତୀୟ ଥର ପାଇଁ ଭାରତକୁ ଏହି ସୁଯୋଗ ମିଳିଛି। ରାଜ୍ୟାଗାଷ୍ଠୀ କ୍ରୀଡ଼ାର ଏକ ଶହ ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭାରତକୁ ଏହି ସୁଯୋଗ ମିଳିବା ବେଶ୍ ଗୌରବର କଥା। ୨୦୨୨ ସଂସ୍କରଣରେ ଭାରତୀୟ ଆଥଲେଟମାନେ ୬୧ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୨୩ଟି ବ୍ରୋଞ୍ଜ ପଦକ ସାମିଲ। ଭାରତ ପଦକ ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

୨୦୧୦ରେ ଭାରତ ପ୍ରଥମଥରପାଇଁ ମଧ୍ୟ ଏହି ମେଗା ପ୍ରତିଯୋଗିତା ଆୟୋଜନ ସୁଯୋଗ ପାଇଥିଲା। ୨ୟ ଥର ପାଇଁ ଏହି ପ୍ରତିଯୋଗିତା ଏସିଆ ମହାଦେଶରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୧୯୯୮ରେ ପଞ୍ଚଦଶତମ ସଂସ୍କରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହୋଇଥିଲା। ୨୦୧୦ରେ ଭାରତରେ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ୟାପକ ଅବ୍ୟବସ୍ଥା ଓ ଆର୍ଥିକ ଅନିୟମିତତା ହୋଇଥିବାରୁ ଭାରତର ଛବି ବିଶ୍ୱଦରବାରରେ ନିନ୍ଦିତ ହୋଇଥିଲା। ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ମିଳି ନ ଥିବା ବେଳେ ଖାଦ୍ୟପେୟ, ସୁରକ୍ଷା ଏବଂ ନିର୍ମାଣ ହୋଇଥିବା କୋଠା ଗୁଡିକରେ ବର୍ଷା ପାଣି ଗଳିବା ପରି ଅନେକ ଅସୁବିଧା ଆମକୁ ଦୀର୍ଘଦିନ ପାଇଁ ପୁନର୍ବାର ଏହାକୁ ଆୟୋଜନ କରିବା ସୁଯୋଗରୁ ବଞ୍ଚିତ କରିଥିଲା। ଏହି ପ୍ରତିଯୋଗିତାରେ ଭାରତ ମୋଟ ୧୦୧ଟି ପଦକ ଜିତି ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ମଧ୍ୟରେ ୩୮ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ପଦକ ସାମିଲଥିଲା। ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଏହା ଏପର୍ଯ୍ୟନ୍ତ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଅଷ୍ଟ୍ରେଲିଆ, କାନାଡା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସ୍କଟଲାଣ୍ଡ ଏବଂ ୱେଲସ ଏପର୍ଯ୍ୟନ୍ତ ସମସ୍ତ ସଂସ୍କରଣରେ ଭାଗ ନେଇ ଆସିଛନ୍ତି।

ଖୁସିର କଥା ଭାରତରେ ଏହି ଶତକୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଐତିହାସିକ ସଫଳତା ଆମ ଦେଶର କ୍ରୀଡାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ରୂପେ ଆମର ଯୁବ କ୍ରୀଡାବିତମାନଙ୍କୁ ପ୍ରେରଣା ଦେବା ସହିତ ବେଶ ଉତ୍ସାହିତ କରିବ। ଏହାର ସଫଳ ଆୟୋଜନ ଉପରେ ସମଗ୍ର ବିଶ୍ୱବାସୀଙ୍କ ନଜର ରହିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ସଫଳତାର ସହ ଆୟୋଜନ କରିପାରିଲେ ଭାରତ ଦେଖିଥିବା ୨୦୩୬ ଅଲମ୍ପିକ୍ସ ଆୟୋଜନ ସ୍ୱପ୍ନ ସାକାର ହେବା ସମ୍ଭାବନା ବଢ଼ିବ। ରାଜ୍ୟଗୋଷ୍ଠୀ କ୍ରୀଡା ହେଉଛି ଏକ ବହୁ ଖେଳ ସମନ୍ୱିତ ଅନ୍ତର୍ଜାତୀୟ ପ୍ରତିଯୋଗିତା। କିନ୍ତୁ ଅଲିମ୍ପିକ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡା ମଧ୍ୟରେ ବେଶ ଫରକ ରହିଛି। ଅଲିମ୍ପିକ୍ସ କ୍ରୀଡାରେ ବିଶ୍ୱର ଯେକୌଣସି ଦେଶ ଭାଗ ନେଇ ପାରୁଥିବା ବେଳେ ରାଜ୍ୟଗୋଷ୍ଠୀ କ୍ରୀଡାରେ କେବଳ ବ୍ରିଟିଶ ସାମ୍ରାଜ୍ୟାଧିନ ଦେଶ ଗୁଡିକ ଭାଗ ନେଇଥାନ୍ତି। ଏହାକୁ ବ୍ରିଟିଶ ଏମ୍ପାୟାର ଗେମ୍ସ ମଧ୍ୟ କୁହାଯାଉଥିଲା। ବର୍ତ୍ତମାନ ରାଜ୍ୟଗୋଷ୍ଠୀ ସଙ୍ଗଠନରେ ଭାରତ ସମେତ ୭୪ଟି ଦେଶ ସଦସ୍ୟ ରହିଛନ୍ତି। ଏହି ସଙ୍ଗଠନରେ ଭାରତର ଯୋଗଦାନକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଅନେକ ସମାଲୋଚନା ମଧ୍ୟ କରାଯାଇଛି। ମାତ୍ର କ୍ରୀଡ଼ା ସର୍ବଦା ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହୁଥିବା କଥା କହି ଭାରତ ଏହି ପ୍ରସଙ୍ଗକୁ ଅଣଦେଖା କରିଆସୁଛି। ୧୯୩୪ରେ ଇଂଲଣ୍ଡରେ ଅନୁଷ୍ଠିତ ଗେମ୍ସରେ ଭାରତର ମାତ୍ର ୬ ଜଣିଆ ଟିମ୍ ରେସଲିଂ ଏବଂ ଆଥଲେଟିକ୍ସ ପ୍ରତିଯୋଗିତାରେ ଭାଗନେଇଥିଲା। ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ରସିଦ ଅନୱର ହାସଲ କରିଥିଲେ। ପ୍ରାରମ୍ଭିକ ସଂସ୍କରଣରେ ଭାରତ ଯୋଗଦେଇ ନ ଥିଲା।

ଏବେ ଭାରତ ଅନେକ ମେଗା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିବା ପାଇଁ ସଙ୍କଳ୍ପବଦ୍ଧ। ଅର୍ଥନୀତି କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ। ଆମ କ୍ରୀଡାବିତ୍‌ମାନେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କ୍ରୀଡାକୁ ପ୍ରୋତ୍ସାହନ ଦେବା ଏବଂ ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରିବାକୁ ଆଗଭର। ଏବେ କ୍ରୀଡାକ୍ଷେତ୍ରରେ ଆମର ଅଗ୍ରଗତି ବେଶ୍ ଉଲ୍ଲେଖନୀୟ। ଏହା ବିଗତ ଅଲିମ୍ପିକ୍ସ ସଫଳତାରୁ ପ୍ରମାଣିତ ହେଉଛି। ଆମେ କ୍ରୀଡା, ଶାନ୍ତି, ମୈତ୍ରୀ ଏବଂ ଆତ୍ମନିର୍ଭର ହୋଇ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ଦେବାକୁ ଚାହୁଁ। ଆମେ ଚାହୁଁ ଯେ ଆମ ଖେଳାଳିମାନେ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାଗୁଡିକରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରନ୍ତୁ। ଏଥିରେ ସଫଳ ହେବା ସହିତ ଦେଶର ନାମକୁ ଗର୍ବିତ କରନ୍ତୁ। ଆମ ଦେଶରେ ପ୍ରତିଭାର ଅଭାବ ନାହିଁ। ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦିଆଯିବା ଆବଶ୍ୟକ। ଫଳରେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ହୋଇପାରିବେ।

ଘରୋଇ ମାଟିରେ ହେଉଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନପରେ ପୋଡିୟମ ଉପରେ ଠିଆହୋଇ ପଦକ ପାଇବାର ଆନନ୍ଦ କିଛି ଅଲଗା ଓ ନିଆରା ଅନୁଭୂତି ଆଣିଥାଏ। ଏଥି ସହିତ ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ନିଜ ଦେଶର ଜାତୀୟ ପତାକା ସହ ଜାତୀୟ ସଙ୍ଗୀତର ଧ୍ୱନି ଏକ ଆବେଗଭରା ଏକ ହୃଦୟସ୍ପର୍ଶୀ ଅନୁଭବ ଆଣିଥାଏ। ତେବେ ଏପରି ମେଗା ପ୍ରତିଯୋଗିତା ଆୟୋଜନ କରିବାରେ ଆମର ଆତ୍ମବିଶ୍ୱାସ ରହିବା ଆବଶ୍ୟକ। କେବଳ ହକି ବିଶ୍ୱକପ୍, କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଦେଲେ ହେବ ନାହିଁ। ଅନ୍ୟକ୍ରୀଡାକୁ ପ୍ରୋତ୍ସାହିତ କରିବା ସହିତ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ମିଟ୍ ଏବଂ ଅଲିମ୍ପିକ୍ସ ପରି ମେଗା ଇଭେଣ୍ଟ ଆୟୋଜନ କରି କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କୁ ଉଚିତ ନ୍ୟାୟ ଦେବା ଆମ ସରକାରଙ୍କ ଦାୟିତ୍ୱବୋଧ ହେବା ଆବଶ୍ୟକ।






# ମହିଳା ଟି୨୦ ବିଶ୍ୱକପ୍ ପ୍ରସ୍ତୁତି



ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଏହି ମେଗା ଇଭେଣ୍ଟଲାଗି କାର୍ଯ୍ୟସୂଚୀ ଘୋଷଣା ହେବାପରେ ଅଂଶଗ୍ରହଣକାରୀ ଦଳଗୁଡ଼ିକର ପ୍ରସ୍ତୁତି ଜୋରଦାର ହୋଇଛି। ୨୦୨୫ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ ଚାମ୍ପିୟନ ଭାରତ ଟି୨୦ ଫର୍ମାଟ୍‌ରେ କେବେହେଲେ ଟାଇଟଲ ହାସଲ କରି ପାରିନାହିଁ। ୨୦୨୦ରେ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ହୋଇଥିଲା। ଦିନିକିଆ ବିଶ୍ୱକପ ବିଜୟ ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମନୋବଳ ଏବେ ବହୁ ଉପରେ ରହିଛି। ତାରକା ଓପନିଂ ବ୍ୟାଟର ସ୍ମୃତି ମନ୍ଧାନା ଓ ନିର୍ଭରଯୋଗ୍ୟ ଜେମିମା ରୋଡ୍ରିଗ୍ସ ଚମତ୍କାର ଫର୍ମରେ ଅଛନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଭାରତ ସେହି ସଫଳତାକୁ ଦୋହରାଇବା ନେଇ ଆଶା ରଖିଛନ୍ତି କ୍ରିକେଟପ୍ରେମୀ। ଜୁନ ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ମ୍ୟାଚଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହା ପରେ ୧୭ରେ ନେଦରଲାଣ୍ଡ୍ସ, ୨୧ରେ ଦକ୍ଷିଣ ଆଫ୍ରିକା, ୨୫ରେ ବାଂଲାଦେଶ ଓ ୨୮ରେ ଅଷ୍ଟ୍ରେଲିଆ ସହିତ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ନେପାଳରେ ଅନୁଷ୍ଠିତ କ୍ୱାଲିଫାଇଂ ଟୁର୍ନାମେଣ୍ଟ ମାଧ୍ୟମରେ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛନ୍ତି। ୬ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ସର୍ବାଧିକ ସଫଳ ଦଳର ମାନ୍ୟତା ବହନ କରୁଛି।

## କାର୍ଯ୍ୟସୂଚୀ

ଗ୍ରୁପ୍-ଏ: ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ନେଦରଲାଣ୍ଡ୍ସ।

ଗ୍ରୁପ୍-ବି: ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଆୟର୍ଲାଣ୍ଡ,ସ୍କଟ୍‌ଲାଣ୍ଡ।

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୨ | ଇଂଲଣ୍ଡ-ଶ୍ରୀଲଙ୍କା | ଏଜବାଷ୍ଟନ | ସନ୍ଧ୍ୟା ୬.୩୦ |
| ଜୁନ ୧୩ | ସ୍କଟଲାଣ୍ଡ-ଆୟର୍ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସକାଳ ୧୦.୩୦ |
| ଜୁନ ୧୩ | ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ନ ୨.୩୦ |
| ଜୁନ ୧୩ | ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୪ | ବାଂଲାଦେଶ-ନେଦରଲାଣ୍ଡ୍ସ | ଏଜବାଷ୍ଟନ | ସକାଳ ୧୦.୩୦ |
| **ଜୁନ ୧୪** | **ଭାରତ-ପାକିସ୍ତାନ** | **ଏଜବାଷ୍ଟନ** | **ଅପରାହ୍ନ ୨.୩୦** |
| ଜୁନ ୧୬ | ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୧୬ | ଇଂଲଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୭ | ଅଷ୍ଟ୍ରେଲିଆ-ବାଂଲାଦେଶ | ହେଡିଂଲେ | ସକାଳ ୧୦.୩୦ |
| **ଜୁନ ୧୭** | **ଭାରତ-ନେଦରଲାଣ୍ଡ୍ସ** | **ହେଡିଂଲେ** | **ଅପରାହ୍ନ ୨.୩୦** |
| ଜୁନ ୧୭ | ଦକ୍ଷିଣ ଆଫ୍ରିକା-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୮ | ୱେଷ୍ଟଇଣ୍ଡିଜ୍-ସ୍କଟଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୯ | ନ୍ୟୁଜିଲାଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୨୦ | ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ | ହାମ୍ପଶାୟାର | ସକାଳ ୧୦.୩୦ |
| ଜୁନ ୨୦ | ପାକିସ୍ତାନ-ବାଂଲାଦେଶ | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୨୦ | ଇଂଲଣ୍ଡ-ସ୍କଟ୍‌ଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୧ | ୱେଷ୍ଟଇଣ୍ଡିଜ-ଶ୍ରୀଲଙ୍କା | ବ୍ରିଷ୍ଟଲ | ସକାଳ ୧୦.୩୦ |
| **ଜୁନ ୨୧** | **ଭାରତ-ଦକ୍ଷିଣ ଆଫ୍ରିକା** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୩ | ନ୍ୟୁଜିଲାଣ୍ଡ-ସ୍କଟ୍‌ଲାଣ୍ଡ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୩ | ଅଷ୍ଟ୍ରେଲିଆ-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୪ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ଲର୍ଡ୍ସ | ସନ୍ଧ୍ୟା ୬.୩୦ |
| **ଜୁନ ୨୫** | **ଭାରତ-ବାଂଲାଦେଶ** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୫ | ଦକ୍ଷିଣ ଆଫ୍ରିକା-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସନ୍ଧ୍ୟା ୬.୩୦ |
| ଜୁନ ୨୬ | ଶ୍ରୀଲଙ୍କା-ସ୍କଟ୍‌ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସନ୍ଧ୍ୟା ୬.୩୦ |
| ଜୁନ ୨୭ | ପାକିସ୍ତାନ-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୭ | ୱେଷ୍ଟଇଣ୍ଡିଜ-ଆୟର୍ଲାଣ୍ଡ | ବ୍ରିଷ୍ଟଲ | ଅପରାହ୍ନ ୨.୩୦ |
| ଜୁନ ୨୭ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଦି ଓଭାଲ | ସନ୍ଧ୍ୟା ୬.୩୦ |
| ଜୁନ ୨୮ | ଦକ୍ଷିଣ ଆଫ୍ରିକା-ବାଂଲାଦେଶ | ଲର୍ଡ୍ସ | ସକାଳ ୧୦.୩୦ |
| **ଜୁନ ୨୮** | **ଭାରତ-ଅଷ୍ଟ୍ରେଲିଆ** | **ଲର୍ଡ୍ସ** | **ଅପରାହ୍ନ ୨.୩୦** |
| ଜୁନ ୩୦ | ପ୍ରଥମ ସେମିଫାଇନାଲ | ଓଭାଲ | ଅପରାହ୍ନ ୨.୩୦ |
| ଜୁଲାଇ ୨ | ଦ୍ୱିତୀୟ ସେମିଫାଇନାଲ | ଓଭାଲ | ସନ୍ଧ୍ୟା ୬.୩୦ |
| ଜୁଲାଇ ୫ | ଫାଇନାଲ | ଲର୍ଡ୍ସ | ଅପରାହ୍ନ ୨.୩୦ |

# ଭାରତୀୟ ମହିଳା ହକିର ବିୟୁଟି



ବିୟୁଟି ଡୁଙ୍ଗଡୁଙ୍ଗ

ବିୟୁଟି ଡୁଙ୍ଗଡୁଙ୍ଗ ଭାରତୀୟ ମହିଳା ହକିରେ ଏକ ପରିଚିତ ନାମ। ତାଙ୍କ ନାମ ଯେମିତି ପଡ଼ିଆରେ ଖେଳ ହେଉ କିମ୍ବା ବ୍ୟକ୍ତିଗତ ଜୀବନର କାମ, ସବୁକିଛି ସେମିତି ସୁନ୍ଦର। ବାପାଙ୍କୁ ହରାଇବା, ଆହତ ସମସ୍ୟା ସହିତ ଯୁଝିବା ଆଦି ତାଙ୍କୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇଥିଲେ ମଧ୍ୟ ପଥରୋଧ କରି ପାରିନାହିଁ। ମାତ୍ର ୨୨ ବର୍ଷର ହୋଇଥିଲେ ହେଁ ତାଙ୍କ ଉପରେ ଏବେ ପରିବାରର ଗୁରୁଦାୟିତ୍ୱ। ୨୦୨୩ରେ ଆଣ୍ଠୁରେ ଗୁରୁତର ଆଘାତ ପାଇଥିଲେ ବିୟୁଟି। ସେ ଆଉ କେବେ ଭାରତୀୟ ଦଳକୁ ଫେରି ପାରିବେ ବୋଲି ବିଶ୍ୱାସ ରଖି ନ ଥିଲେ। ତେବେ ବାପାଙ୍କୁ ହରାଇବା ଜନିତ ହୃଦୟ ବିଦାରକ ଘଟଣା ତୁଳନାରେ ତାଙ୍କ ଶାରୀରିକ ଯନ୍ତ୍ରଣା ତୁଚ୍ଛ ହୋଇଥିଲା। ପାଖାପାଖି ୨ ବର୍ଷ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଏବେ ବେଙ୍ଗାଲୁରୁରେ ଚାଲିଥିବା ଭାରତୀୟ କ୍ୟାମ୍ପରେ ଯୋଗ ଦେଇଛନ୍ତି ଏହି ପ୍ରତିଭାବାନ ହକି ତାରକା। ପୂର୍ବରୁ ୨୦୨୪ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଓ ୨୦୨୫ ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ରହିଥିଲେ।

"ମୁଁ ଆହତ ସମସ୍ୟାରେ ଥିବାବେଳେ ବାପାଙ୍କ ପରିଲୋକ ଘଟିଲା। ତେଣୁ ରିହାବରେ ମାତ୍ର ୪ ମାସ ରହିବା ପରେ ବାଧହୋଇ ଘରକୁ ଫେରିଥିଲି। ଏକାବେଳେକେ ଅନେକ କିଛି ଘଟିଗଲା। ତେଣୁ ପୁଣିଥରେ କ୍ୟାମ୍ପକୁ ଫେରି ପାରିବା ନେଇ ସନ୍ଦେହରେ ଥିଲି" ବୋଲି ପ୍ରକାଶ କରିଛନ୍ତି ବିୟୁଟି। ବିୟୁଟିଙ୍କ ପାଇଁ ତାଙ୍କ ବାପାଥିଲେ ସବୁଠାରୁ ବଡ଼ ସମର୍ଥକ।

ଝାଡ଼ଖଣ୍ଡର ଏକ ଛୋଟ ଗାଁ ସିମ୍‌ଡେଗାସ୍ଥିତ କରଙ୍ଗଗୁରିରେ ପିଲାଦିନ କାଟିଥିବା ଏହି ହକି ପ୍ରତିଭାଙ୍କ ପାଇଁ ଆର୍ଥିକ ଅସୁବିଧା ସବୁବେଳେ ଲାଗିରହିଥିଲା। ଝିଅର ଖେଳପ୍ରତି ଆଗ୍ରହକୁ ଠିକ୍‌ଭାବେ ପଢ଼ି ପାରିଥିଲେ ବାପା ଆମ୍ବ୍ରୋସ। ୫ ବର୍ଷର ହୋଇଥିବାବେଳେ ଝିଅକୁ ବାଉଁଶରେ ଏକ ହକି ବାଡ଼ି ତିଆରି କରି ଖେଳିବାକୁ ଦେଇଥିଲେ। କାରଣ ହକି ଷ୍ଟିକ୍ କିଣିବାକୁ ତାଙ୍କ ନିକଟରେ ସମ୍ବଳ ନ ଥିଲା। ପରେ ଝିଅର ଖେଳ ସ୍ୱପ୍ନକୁ ସାକାର କରିବା ପାଇଁ ସେ ବାହାର ରାଜ୍ୟକୁ ଯାଇ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ବାପାଙ୍କ ପରଲୋକ ପରେ ଏବେ ବିୟୁଟି ହିଁ ହେଉଛନ୍ତି ତାଙ୍କ ପରିବାରର ମୁଖ୍ୟ ସ୍ତମ୍ଭ। ଇଣ୍ଡିଆନ ଅଏଲରେ ଚାକିରି କରିଥିବାରୁ ସେ ପରିବାରର ଯତ୍ନ ନେଇ ପାରୁଛନ୍ତି ଏବଂ ଭାଇ ମାନଙ୍କ ପରିବାରକୁ ମଧ୍ୟ ସାହାଯ୍ୟ କରୁଛନ୍ତି। ସେମାନଙ୍କ ଛୋଟ ପିଲାଙ୍କ ପାଠପଢ଼ା ପାଇଁ ମଧ୍ୟ ସହଯୋଗ କରୁଛନ୍ତି। ବିୟୁଟିଙ୍କର ୩ ଭାଇ ଜୁଏଲ, ଶକ୍ତି ଓ ସଚିନ। ଏମାନେ ସମସ୍ତେ ହକି ଖେଳାଳି। ସବୁଠାରୁ ବଡ଼ କଥା ହେଲା ତାଙ୍କ ମା' ନିଳିମା ଆଂଶିକ ପକ୍ଷାଘାତରେ ପୀଡ଼ିତ ଏବଂ ସ୍ମୃତି ଶକ୍ତି ହରାଇଛନ୍ତି। ତେଣୁ ସେ ତାଙ୍କ ଯତ୍ନ ମଧ୍ୟ ନେଉଛନ୍ତି। "ମା ଆଶିଂକ ପକ୍ଷାଘାତରେ ପୀଡ଼ିତ ହେବା ସହ ଅନେକ କଥା ଭୁଲି ଯାଉଛନ୍ତି। ଗୋଟିଏ କଥା ମନେ ପକାଇବା ପାଇଁ ବାରମ୍ବାର ବୁଝାଇବାକୁ ପଡୁଛି। ମୁଁ ତାଙ୍କ ପାଖରେ ସବୁବେଳେ ରୁହେ ବୋଲି ସେ ଚାହାନ୍ତି। ତେଣୁ ମୁଁ ଯେତେବେଳେ ମଧ୍ୟ ବାହାରେ ଥାଏ ସବୁବେଳେ ତାଙ୍କ ପାଖରେ ମନ ରହିଥାଏ। ତେଣୁ ଘରର ଭାବପ୍ରବଣ ଦୁଃଖ ଏବଂ ଅନ୍ତର୍ଜାତୀୟ ହକିର ଚାପ ସହିତ ସନ୍ତୁଳନ ରକ୍ଷା କରିବା ସହଜ ନୁହେଁ। ତେବେ ଖେଳ ଉପରେ ଫୋକସ କରି ପରିବାରର ଆର୍ଥିକ ବୋଝ ହାଲୁକା କରିବା ତାଙ୍କର ଲକ୍ଷ୍ୟ" ବୋଲି ବିୟୁଟି କହିଛନ୍ତି। ଧୀରେଧୀରେ ବିୟୁଟି ହକିରେ ନିଜ ରିଦିମ ଫେରି ପାଇଛନ୍ତି। ଜାତୀୟ କ୍ୟାମ୍ପରେ କଠିନ ପରିଶ୍ରମ କରୁଛନ୍ତି। ଆଗକୁ ୨୦୨୬ ବିଶ୍ୱକପ କ୍ୱାଲିଫାୟର୍ସ ରହିଛି। ନିଜ ଦକ୍ଷତା ବଳରେ ଭାରତକୁ ଆଗକୁ ନେବାକୁ ସେ ପ୍ରତିଶ୍ରୁତିବଦ୍ଧ ଥିବା କହିଛନ୍ତି।



ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ବିୟୁଟି (ବାମ)।

# ଧାୱନଙ୍କୁ ଆଶ୍ୱସ୍ତି



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଶିଖର ଧାୱନ ତାଙ୍କ ପୂର୍ବତନ ସ୍ତ୍ରୀ ଆୟେଶା ମୁଖାର୍ଜୀଙ୍କ ବିରୋଧରେ କରିଥିବା ମକଦ୍ଦମାରେ ବୁଧବାର ତାଙ୍କୁ ଆଶ୍ୱସ୍ତି ମିଳିଛି। ପଟିଆଲା ହାଉସ୍ କୋର୍ଟଙ୍କ ଫ୍ୟାମିଲି କୋର୍ଟ ଧାୱନଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ବିଦେଶୀ ଅଦାଲତଙ୍କ ଆଦେଶର କାର୍ଯ୍ୟକାରିତା ଉପରେ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବା ସହ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈବାହିକ ବିବାଦରେ ଅଷ୍ଟ୍ରେଲିଆନ ଫ୍ୟାମିଲି କୋର୍ଟ ଦେଇଥିବା ଆଦେଶ ଭାରତରେ ଧାୱନଙ୍କ ଲାଗି ବାଧ୍ୟତାମୂଳକ ନୁହେଁ। ସମ୍ପତ୍ତି ସମାଧାନ ସମ୍ପର୍କିତ ବିବାଦରେ ବିଦେଶୀ ଅଦାଲତଙ୍କ ରାୟକୁ ଖାରଜ କରିବା ସହ ଦେଶ ଭିତରେ ତାଙ୍କ ବିରୋଧରେ ସେଗୁଡ଼ିକୁ ଲାଗୁ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଧାୱନ ସ୍ୱାକ୍ଷର କରିଥିବା ଆର୍ଥିକ ଚୁକ୍ତିନାମା ଓ ଏଥି ସମ୍ପର୍କିତ ତଥ୍ୟକୁ ବିଚାରପତି ଅବୈଧ ବୋଲି ଘୋଷଣା କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଅଷ୍ଟ୍ରେଲିଆରେ ଥିବା ସମ୍ପତ୍ତିର ବିକ୍ରି ବାବଦକୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବେରିୱିକ ସମ୍ପତ୍ତିରୁ ମଧ୍ୟବର୍ତ୍ତିକାଳୀନ ସମ୍ପତ୍ତି ସମାଧାନ ବାବଦକୁ ମିଳିଥିବା ପ୍ରାୟ ୫.୭ କୋଟି ସହ କ୍ଲାଇଡ୍ ନର୍ଥରେ ଥିବା ୮୨ ହଜାର ଅଷ୍ଟ୍ରେଲିଆନ୍ ଡଲାରର ଅନ୍ୟ ଏକ ସମ୍ପତ୍ତି ସାମିଲ ରହିଛି। ଏଥିସହିତ ମକଦ୍ଦମା ଦାଏର ହେବା ଦିନଠାରୁ ସମ୍ପୂର୍ଣ୍ଣ ଟଙ୍କା ମିଳିବା ପର୍ଯ୍ୟନ୍ତ ସୁଧ ହାର ୯ପ୍ରତିଶତ ରହିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ Bhubaneswar, Friday, February 27/ 2026

# ରାଜ୍ୟ ରାପିଡ୍, ବ୍ଲିଜ୍ ଚେସ୍ ୨୮ରୁ

**ଭୁବନେଶ୍ୱର, ୨୬।୨ (ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ଚେସ୍ ସଙ୍ଗଠନ ତ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୮ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ଏହି ପ୍ରତିଯୋଗିତା ୨ ଦିନଧରି ଖେଳାଯିବ। ଏହି ପ୍ରତିଯୋଗିତାରେ ରାଜ୍ୟର ଯେ କୌଣସି ଖେଳାଳି ଭାଗ ନେଇପାରିବେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ତ୍ରିପଲ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ କିମ୍ବା ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବା ନିମନ୍ତେ କ୍ଲବ୍ ସଭାପତି ବିଶ୍ୱଜିତ ରାୟ ପରାମର୍ଶ ଦେଇଛନ୍ତି। ମାର୍ଚ୍ଚ ୧୧ରୁ ୧୩ ଝାଡ଼ଖଣ୍ଡର ରାଞ୍ଚିଠାରେ ଜାତୀୟ ରାପିଡ ଏବଂ ବ୍ଲିଜ ଚେସ୍ ଅନୁଷ୍ଠିତ ହେବ। ତେଣୁ ରାଜ୍ୟ ପ୍ରତିଯୋଗିତାରୁ ଉଭୟ ବିଭାଗର ଶ୍ରେଷ୍ଠ ୨ ଜଣ ଖେଳାଳି ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।

# ଭାରତର ସେମି ଆଶା ଉଜ୍ଜୀବିତ

**ଚେନ୍ନାଇ, ୨୬।୨**

ବ୍ୟାଟରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ସୁପର-୮ ମ୍ୟାଚ୍‌ରେ ଭାରତ ୭୨ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଭାରତ ପାଇଁ ସର୍ବାଧିକ ଓ ଚଳିତ ସଂସ୍କରଣର ସର୍ବାଧିକ ଦଳଗତ ସ୍କୋର। ଏହି ବିଜୟ ସହ ଭାରତୀୟ ଦଳ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବେଳେ ଦକ୍ଷିଣ ଆଫ୍ରିକା ଅନ୍ତିମ-୪ରେ ସ୍ଥାନ ପକ୍କା କରିଛି। ଭାରତକୁ ବର୍ତ୍ତମାନ ସେମିଫାଇନାଲରେ ସ୍ଥାନ ନିଶ୍ଚିତ କରିବା ପାଇଁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌କୁ ଜିତିବାକୁ ପଡ଼ିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ୪୮ ରନର ଆରମ୍ଭ ଦେଇଥିଲେ। ସାମସନ ୧୫ ବଲରେ ୨୪ (୧ ଚୌକା ଓ



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଅଭିଷେକ ଶର୍ମା।

୨ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ନଂ-୩ ପୋଜିଶନରେ ଆସିଥିବା ଇଶାନ କିଶନଙ୍କ ସହ ଅଭିଷେକ ମିଶି ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଡ଼ିଥିଲେ। ଇଶାନ ୨୪ ବଲରେ ୩୮ (୪ ଚୌକା ଓ ୧ ଛକା) ଓ ଅଭିଷେକ ୩୦ ବଲରେ ୫୫ (୪ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୩ ବଲରେ ୩୩ (୩ ଚୌକା ଓ ୨ ଛକା) ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଲକ ବର୍ମା ଅବିଭାଜିତ ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୮୪ ରନ ଯୋଡ଼ିଥିଲେ। ଫଳରେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା, ଯାହାକି ଟୁର୍ନାମେଣ୍ଟ ଇତିହାସରେ ଦ୍ୱିତୀୟ ସର୍ବାଧିକ। ତିଲକ ବର୍ମା ୧୬ ବଲରେ ୪୪ (୩ ଚୌକା ଓ ୪ ଛକା) ଓ ହାର୍ଦ୍ଦିକ ୨୩ ବଲରେ ୫୦ (୨ ଚୌକା ଓ ୪ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଜିମ୍ବାୱେ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୪ ରନ କରିପାରିଥିଲା। ଦଳ ପାଇଁ ବ୍ରାଏନ ବେନେଟ ୫୯ ବଲରେ ଅପରାଜିତ ୯୭ (୮ ଚୌକା ଓ ୬ ଛକା) ଓ ଅଧିନାୟକ ସିକନ୍ଦର ରଜା ୩୧ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଭାରତ ପାଇଁ ଅର୍ଶଦୀପ ସିଂ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୫୬/୪ (ଅଭିଷେକ ଶର୍ମା-୫୫, ହାର୍ଦ୍ଦିକ ପାଣ୍ଡ୍ୟା-୫୦*, ତିଲକ ବର୍ମା-୪୪*, ଇଶାନ କିଶନ-୩୮, ସୂର୍ଯ୍ୟକୁମାର ଯାଦବ-୩୩, ସିକନ୍ଦର ରଜା-୧/୨୯)। ଜିମ୍ବାୱେ: ୨୦ ଓଭରରେ ୧୮୪/୬ (ବ୍ରିଆନ ବେନେଟ-୯୭*, ସିକନ୍ଦର ରଜା-୩୧; ଅର୍ଶଦୀପ ସିଂ-୩/୨୪, ବରୁଣ ଚକ୍ରବର୍ତ୍ତୀ-୧/୩୫)।

**ଟି୨୦ ବିଶ୍ୱକପ୍**
**(ଆଜିର ମ୍ୟାଚ୍)**
**ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଫାଇନାଲରେ କେରଳ



ପ୍ରଥମ ସେମିଫାଇନାଲ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ସମ୍ବଲପୁର କପ୍ ଫୁଟ୍‌ବଲ**

**ସମ୍ବଲପୁର, ୨୬।୨ (ବି.ଶଙ୍କର)**

ସମଲେଶ୍ୱରୀ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲ ମ୍ୟାଚ କେରଳ ବନାମ ସମଲେଶ୍ୱରୀ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ମ୍ୟାଚର ୩୮ତମ ମିନିଟରେ କେରଳ ଦଳର ଶ୍ରୀରାଜ.କେ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଏହାପରେ ସମଲେଶ୍ୱରୀ ସ୍ପୋର୍ଟିଂ ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ କେରଳ ଗୋଲ ପୋଷ୍ଟ ଉପରେ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ। କିନ୍ତୁ ଫିନିଶିଂ ଅଭାବରୁ ଦଳ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲା। କେରଳ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫରୀ ସୁବ୍ରତ କୁମାର ପୁରୋହିତ ମ୍ୟାଚ୍ ପରିଚାଳନା କରିଥିଲେ।

# ସିମୋନ ବାଇଲ୍ସ ଲୌରିଅସ୍ ଆମ୍ବାସାଡର

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ସାତ ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସଙ୍କୁ ଲୌରିଅସ୍ ଆମ୍ବାସାଡର କରାଯାଇଛି। ସେ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ଏକ ଗ୍ରୁପ୍‌ରେ ଯୋଗଦେଇଛନ୍ତି, ଯେଉଁଥିରେ ଭାରତୀୟ ଜାଭେଲିନ୍ ଥ୍ରୋ ଆଇକନ ନୀରଜ ଚୋପ୍ରା ଏବଂ ବିଶ୍ୱକପ୍ ବିଜୟୀ ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ସ୍ଥାନ ପାଇଛନ୍ତି।

# ଦ. ଆଫ୍ରିକା ସେମିଫାଇନାଲରେ

**ଅହମଦାବାଦ, ୨୬।୨**

ପ୍ରଥମେ ପେସରଙ୍କ ଘାତକ ବୋଲିଂ ଓ ପରେ ଅଧିନାୟକ ଏଡେନ ମାରକ୍ରମଙ୍କ ଅପରାଜିତ ୮୧ ରନର ଇନିଂସ ବଳରେ ଗୁରୁବାର ଅପରାହ୍ନରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୯ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଟାର୍ଗେଟକୁ ଦ. ଆଫ୍ରିକା ମାତ୍ର ୧୬.୧ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳକୁ ଏକ ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍‌ରେ ଜାସନ ହୋଲ୍ଡର ଓ ରୋମାରିଓ ଶେଫର୍ଡ ଅଷ୍ଟମ ଉଇକେଟରେ ୮୯ ରନ ଯୋଡ଼ିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଅଷ୍ଟମ ଉଇକେଟ ପାଇଁ ସର୍ବାଧିକ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ମାରକ୍ରମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ କାଗିସୋ ରାବାଡା (୨/୨୨) ଓ ଲୁଙ୍ଗି ଏନ୍‌ଗିଡି (୩/୩୦) ଉଚିତ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଏଡେନ୍ ମାରକ୍ରମ।

ସାବ୍ୟସ୍ତ କରିଥିଲେ। ୱେଷ୍ଟଇଣ୍ଡିଜ୍ ୧୦.୨ ଓଭରରେ ୮୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଜାସନ ହୋଲ୍ଡର ୩୧ ବଲରେ ୪୯ (୪ ଚୌକା ଓ ୩ ଛକା) ଓ ରୋମାରିଓ ଶେଫର୍ଡ ୩୭ ବଲରେ ଅପରାଜିତ ୫୨ (୩ ଚୌକା ଓ ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୁହେଁ ୮ମ ଉଇକେଟରେ ରେକର୍ଡ ୮୯ ରନ ଯୋଡ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକାକୁ ଅଧିନାୟକ ମାରକ୍ରମ ଓ କ୍ୱିଣ୍ଟନ ଡି କକ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୮ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୯୫ ରନରେ ପହଞ୍ଚାଇଥିଲେ। ଅଷ୍ଟମ ଓଭରରେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ ୱେଷ୍ଟଇଣ୍ଡିଜ୍‌କୁ ବହୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ହେଲେ ଡି କକ୍ ଆଉଟ୍ ହେବା ପୂର୍ବରୁ ୨୪ ବଲରେ ୪ ଲେଖାଏ ଚୌକା ଓ ଛକା ବଳରେ ୪୭ ରନ କରିଥିଲେ। ଏହାପରେ ମାରକ୍ରମ ଓ ରିଆନ ରିକଲଟନ ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ଦୁଇ ବ୍ୟାଟର ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୨ ରନ ଯୋଡ଼ିଥିଲେ। ଫଳରେ ଦ. ଆଫ୍ରିକା ୧୬.୧ ଓଭରରେ ୧୭୭ ରନ କରି ନେଇଥିଲା। ମାରକ୍ରମ ୪୬ ବଲରେ ୮୨ (୭ ଚୌକା ଓ ୪ ଛକା) ଓ ରିକଲଟନ ୨୮ ବଲରେ ୪୫ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୧୭୬/୮ (ରୋମରିଓ ଶେଫର୍ଡ-୫୨*, ଜାସନ ହୋଲ୍ଡର-୪୯, ବ୍ରାଣ୍ଡନ କିଙ୍ଗ-୨୧; ଲୁଙ୍ଗି ଏନ୍‌ଗିଡି-୩/୩୦, କାଗିସୋ ରାବାଡା-୨/୨୨, କର୍ବିନ ବୋଶ୍ଟ-୨/୩୧)। ଦ. ଆଫ୍ରିକା: ୧୬.୧ ଓଭରରେ ୧୭୭/୧ (ଏଡେନ ମାରକ୍ରମ-୮୧*, କ୍ୱିଣ୍ଟନ ଡି କକ୍-୪୭, ରିଆନ ରିକଲଟନ-୪୫*, ରୋଷ୍ଟନ ଚେଜ-୧/୪୬)।

**ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ଦ.ଆଫ୍ରିକା | ୨ | ୨ | ୦ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୦ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୦ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | ୦ | -୪.୪୭୫ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | +୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

# ଭାଲେଣ୍ଟିନାଙ୍କୁ ରୌପ୍ୟ ପଦକ



ଅତିଥିଙ୍କ ଗହଣରେ ପଦକ ସହ ଭାଲେନା ଭାଲେଣ୍ଟିନା (ବାମରୁ ତୃତୀୟ)।

**ଭୁବନେଶ୍ୱର, ୨୬।୨ (ବିଜୟ ରଣା)**

ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଇଣ୍ଟରନ୍ୟାଶନାଲ କରାଟେ ଖେଳାଳି ଭାଲେନା ଭାଲେଣ୍ଟିନା ବ୍ୟକ୍ତିଗତ ମହିଳା କାଟା ଇଭେଣ୍ଟରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓଏସ୍‌କେଏ) ତରଫରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଜାତୀୟ ପାରା ସିଟିଂ ଭଲିବଲ: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୨୬।୨ (ଅନାଦି କର)**

ଉତ୍ତର ପ୍ରଦେଶର ମିରଟଠାରେ ଚାଲିଥିବା ୧୪ତମ ଜାତୀୟ ପାରା ସିଟିଂ ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଜବରଦସ୍ତ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରେ କ୍ରମାଗତ ୩ ମ୍ୟାଚ୍ ଜିତିଥିଲା। ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ୨୫-୨୨, ୨୫-୧୭ ସେଟ୍‌ରେ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୨୫-୫, ୨୫-୫ ସେଟ୍‌ରେ ଜମ୍ମୁ କଶ୍ମୀରକୁ ଓ ତୃତୀୟ ମ୍ୟାଚ୍‌ରେ ୨୫-୧୨, ୨୫-୧୭ ସେଟ୍‌ରେ ହିମାଚଳ ପ୍ରଦେଶକୁ ହରାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଲଗାତର ୩ ମ୍ୟାଚ୍‌ରେ ୩ ବିଜୟ ଦଳର ପ୍ରସ୍ତୁତି, ନିଷ୍ଠା ଓ ଦକ୍ଷତାକୁ ଦର୍ଶାଉଛି।

# ଶୁଭମ, ରୋହିତଙ୍କୁ ୫ ଉଇକେଟ ସଫଳତା

**କଟକ, ୨୬।୨ (କୁମାରଶ୍ରୀ)**

**କଳାହାଣ୍ଡି କପ୍**

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଗଜପତିର ଶୁଭମ ରାଉତ ଏବଂ ଗଞ୍ଜାମର ରୋହିତ ସାଗରଙ୍କୁ ୫ ଉଇକେଟ ସଫଳତା ମିଳିଛି। ଅଡ଼ଶପୁର ଗ୍ରାଉଣ୍ଡରେ ଗଜପତି ଏବଂ ରାୟଗଡା ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡ଼ା ୧୩୧ରନରେ ଅଲଆଉଟ ହୋଇଥିଲା। ଶୁଭମ ୧୯ରନ ବ୍ୟୟରେ ରାୟଗଡ଼ାର ୫ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଜ୍ଞାନରଞ୍ଜନ ଜେନାଙ୍କ ଅପରାଜିତ ୬୧ରନ ବଳରେ ଗଜପତି ୯ ଉଇକେଟରେ ବିଜୟ ହାସଲ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୯୪ରନରେ କିଟ୍‌କୁ ପରାସ୍ତ କରିଛି। ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ୬୩ରନ ଏବଂ ବି.



ରୋହିତ ସାଗର



ଶୁଭମ ରାଉତ

ସନ୍ତୋଷ କୁମାରଙ୍କ ୫୦ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ସମସ୍ତ ଉଇକେଟ ହରାଇ ୨୧୦ରନ ସଂଗ୍ରହ କରିଥିଲା। ୨୧୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କିଟ୍ ୧୧୬ରନରେ ଅଲଆଉଟ ହୋଇଥିଲା। ଗଞ୍ଜାମର ରୋହିତ ସାଗର ୧୧ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କଟକ-ଏ ୧୫୨ରନରେ ଝାରସୁଗୁଡାକୁ, କନ୍ଧମାଳ ୪ଉଇକେଟରେ ନୂଆପଡାକୁ, କଳାହାଣ୍ଡି ୬୨ରନରେ ଜଗତ୍‌ସିଂହପୁରକୁ, କେନ୍ଦୁଝର ୬ଉଇକେଟରେ ବାଲେଶ୍ୱରକୁ, ବରଗଡ ୬ ଉଇକେଟରେ ମୟୂରଭଞ୍ଜକୁ, ପୁରୀ ୭ ଉଇକେଟରେ ଭୁବନେଶ୍ୱର-ବି'କୁ, ଅନୁଗୋଳ ୯ ଉଇକେଟରେ ଭଦ୍ରକକୁ ପରାସ୍ତ କରିଛି।

# ଜମ୍ମୁ କଶ୍ମୀର ୫୮୪, କର୍ଣ୍ଣାଟକ ୨୨୦/୫

**ହୁବଲି, ୨୬।୨**

ସ୍ଥାନୀୟ କେଏସ୍‌ସିଏ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ଚଳିତ ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଗୁରୁବାର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଦୁଇ ଦିନ ନିରନ୍ତର ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ତୃତୀୟ ଦିନ ପ୍ରଥମ ଇନିଂସରେ ୫୮୪ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ କର୍ଣ୍ଣାଟକ ମୟଙ୍କ ଅଗ୍ରୱାଲଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୨୨୦ ରନ କରିଛି। ମ୍ୟାଚ୍‌ରେ ଆହୁରି ଦୁଇ ଦିନ ଥିବା ବେଳେ ଶୁକ୍ରବାର ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। କାରଣ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ କର୍ଣ୍ଣାଟକକୁ ୩୬୫ ରନ ଦରକାର ଥିବା ବେଳେ ଦଳ ହାତରେ ୫ ଉଇକେଟ ସୁରକ୍ଷିତ ରହିଛି।

ଗୁରୁବାର ଜମ୍ମୁ କଶ୍ମୀର ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୨୭/୬ରୁ ବ୍ୟାଟିଂ ଆରମ୍ଭ କରି ୫୭ ରନ ମଧ୍ୟରେ ବଳକା ୪ ଉଇକେଟ ହରାଇଥିଲା। ଫଳରେ ପ୍ରଥମ ଥର ରଣ୍‌ଜୀ ଟ୍ରଫି ଟାଇଟଲ ଲକ୍ଷ୍ୟରେ ଥିବା ଜମ୍ମୁ କଶ୍ମୀର ୫୮୪ ରନରେ ଅଲଆଉଟ୍ ହୋଇଥିଲା। ପୂର୍ବଦିନ ଅପରାଜିତ ଥିବା ସାହିଲ ଲୋତ୍ରା ୭୨, ଆବିଦ ମୁସ୍ତାକ ୨୮, ଯୁଧବୀର ସିଂ ଚରକ ୩୦ ରନ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୫ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ନ ଥିବା ମୟଙ୍କ ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଘଟିଥିଲା। ଦଳ ମାତ୍ର ୫୭ ରନ ମଧ୍ୟରେ ଇନ ଫର୍ମ ଲୋକେଶ ରାହୁଲ (୧୩), ଅଧିନାୟକ ଦେବଦତ୍ତ ପାଡିକଲ (୧୧), ଭେଟେରାନ କରୁନ ନାୟାର (୦) ଓ ସମରନ ରବିଚନ୍ଦ୍ରନ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ମୟଙ୍କଙ୍କ ସହ ଶ୍ରେୟସ ଗୋପାଲ ମିଶି ଦଳୀୟ ସ୍କୋରରେ ୧୦୫ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୬୨/୪ ଥିବା ବେଳେ ଶ୍ରେୟସ ୨୭ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ମୟଙ୍କ ଓ କୃଥିକ କ୍ରିଷ୍ଣା ଧୈର୍ଯ୍ୟର ସହ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଦୁହେଁ ଅବିଭାଜିତ ଷଷ୍ଠ ଉଇକେଟରେ ୫୮ ରନ ଯୋଡ଼ିଛନ୍ତି। ଏଥିମଧ୍ୟରେ ମୟଙ୍କ କ୍ୟାରିୟରର ୨୦ତମ ଫାଷ୍ଟ କ୍ଲାସ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୧୩୦ ଓ କୃଥିକ କ୍ରିଷ୍ଣା ୨୭ ରନରେ ଅପରାଜିତ ରହିଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ଅକିବ ନବି ଦାର ୩ ଉଇକେଟ ନେଇଥିବା ବେଳେ ସୁନୀଲ କୁମାର ଓ ଯୁଧବୀର ସିଂ ଚରକ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ରଣ୍‌ଜୀ ଟ୍ରଫି ଫାଇନାଲ**
**ମୟଙ୍କଙ୍କ ଶତକ**



ଶତକ ହାସଲକାରୀ ମୟଙ୍କ ଅଗ୍ରୱାଲ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୮୪/ଅଲଆଉଟ୍ (ଶୁଭମ ପୁଣ୍ଡିର-୧୨୧, ୟାୱେର ହାସନ-୮୮, ସାହିଲ ଲୋତ୍ରା-୭୨; ପ୍ରସିଦ୍ଧ କ୍ରିଷ୍ଣା-୫/୯୮)। କର୍ଣ୍ଣାଟକ ପ୍ରଥମ ଇନିଂସ: ୨୨୦/୫ (ମୟଙ୍କ ଅଗ୍ରୱାଲ-୧୩୦*, କୃଥିକ କ୍ରିଷ୍ଣା-୨୭*, ଅକିବ ନବି ଦାର-୩/୩୨)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ